# ନିର୍ବେଦ ସାଧନ

## ପ୍ରଥମ ଅଧ୍ୟାୟ

ଜୟ ତୁ ଅନନ୍ତ ଅରୂପ । ନାମ ତୋ ଅଲେଖ ଅଜପ ।।

ଜୟ ଅଜନ୍ମାରେ ସଂପୂର୍ଣ୍ଣ ।ନାମ ତା ଅବର୍ଣ୍ଣ ଅଚିହ୍ନ ।।

ଜୟ ତୁ ନିର୍ବେଦ ସମ୍ପତି ।ଅକର୍ମ ଅବିକାର ମତ ।।

ଅନାଦି ତହୁଁ ଦିବ୍ୟ ଜ୍ୟୋତି । ମହାଶୂନ୍ୟରେ ତୋର ସ୍ଥିତି ।।

ଜୟ ତୁ ଏକାକ୍ଷର ଭେଦ । ଅବ୍ୟକ୍ତ ଅଣାକାର ସିଦ୍ଧ ।।

ଅଶେଷ ଗତିରେ କାରେଣି । କରୁଣା କୃପାସିନ୍ଧୁ ପାଣି ।।

ଜୟ ପରମ ଆଦିକନ୍ଦ । ଦିଅ ତୋ ସୁଧା ମରକନ୍ଦ ।।

ସକଳ ଜୀବ ପରେ ଦାତା । ଅଖିଳ ବ୍ରହ୍ମାଣ୍ଡ କରତ ।।

ଜୟ ତୁ ମହିମା ସାଗର । ଘୋଟି ରହିଛି ତିନିପୁର ।।

ସଞ୍ଚରୁ ଅବନା ଅକ୍ଷରୁ । ଏକୌଶସ୍ୱର ଆଦି କରୁ ।।

ବନ୍ଧୁ ତୁମ୍ଭର ନିଜ ନାମ । ସଦା ଆନନ୍ଦ ପୂର୍ଣକାମ ।।

ବନ୍ଦଇ ଓଁକାର ଶବଦ । ବ୍ରହ୍ମ ଶୂନ୍ୟ ତୁ ମୁକ୍ତିଭେଦ ।।

ବନ୍ଦୁ ମହାନ୍ତ ଚାରିବେଦ । ଜଳ ପବନ ବିନ୍ଦୁନାଦ ।।

ବନ୍ଦଇ ଆପ ବାୟ ତେଜ । ନକ୍ଷତ୍ର ଆଦି ଗ୍ରହରାଜ ।।

ବନ୍ଦୁ ତୁମ୍ଭର ଚାରିଦିଗ । ଆବର ଧାମ ଚାରିଯୁଗ ।।

ବନ୍ଦୁ ତୁମ୍ଭର ମନମୂର୍ତ୍ତି । ଆସ୍ଥାନ ବିଶ୍ରାମରେ ସ୍ଥିତି ।।

ବନ୍ଦଇ ଜ୍ୟୋତି ନିରାକାର । ଏକାନ୍ତ ରୂପ ଯୁଗାନ୍ତର ।।

ବନ୍ଦଇ ମୁରାଟ ମଣ୍ଡଳ । ବିରାଟ ମହାରାଟ କୁଳ ।।

ବନ୍ଦଇ ଧ୍ରୁବ ଜ୍ୟୋତି ଆଦି । ବ୍ରହ୍ମ ଭୁବନ ସନକାଦି ।।

ବନ୍ଦଇ ସୁରବୃନ୍ଦ କୁଳ । କୁବେର ଦଶଦଶ ପାଳ ।।

ବନ୍ଦଇ ସପତ ସାଗର । ଅବାଦ ଘୋର ଭୟଙ୍କର ।।

ବନ୍ଦୁ ଦେବାନ୍ତ ଚନ୍ଦ୍ର ସୂର୍ଯ୍ୟ । ଯେତେ ଏ ସୀମାନ୍ତର ତେଜ ।।

ବନ୍ଦୁ ସପତ ଜମ୍ବୁଦୀପ । ବନ୍ଦୁ ଦ୍ୱାଦଶ ବର୍ଣ୍ଣରୂପ ।।

ବନ୍ଦଇ ଉଦେ ଅସ୍ତ ଗିରି । ଦକ୍ଷଣୋତ୍ତର ଆଦି କରି ।।

ବନ୍ଦଇ ଚାରିଧାମ ମଠ । ଆବର ବନ୍ଦୁ ଚାରିବଟ ।।

ବନ୍ଦୁ ଧାରଣା ଜପତପ । ଆବର ବନ୍ଦୁ ବିଷ୍ଣୁ ରୂପ ।।

ନମସ୍ତେ ପ୍ରଭୁ ଅଣାକାର । ମାଗୁଛି କବିକୃତ ବର ।

ତୁମ୍ଭେ ପ୍ରସନ୍ନ ହେଲେ ମୋରେ । ବ୍ୟକତ କରିବି ସଂସାରେ ।।

କହିବି ନିର୍ବେଦ ସାଧନ । ବଖାଣ କରି ଅନୁମାନ ।।

ଜ୍ଞାଙ୍କୁ ସାଧିବା ଆଚାର । ଏ ଗୁରୁ ଶିଷ୍ୟଙ୍କ ବିଚାର ।।

ପାଞ୍ଚ ମନରେ କରି ଚର୍ଚ୍ଚ । ଆରମ୍ଭେ ଭୀମ ଅରକ୍ଷର ।।

ଅଭୟ ପଞ୍ଜରକୁ ଧ୍ୟାନ । ନିର୍ମଳ କରି ବୁଦ୍ଧିମନ ।।

ସେ ଯେ ଅନାଦି ଅବଧୂତ । ମହିମା କେ କରିବ ଅନ୍ତ ।।

ସେ ମହାଶୂନ୍ୟାଦି ନିର୍ବେଦ । ଭଜିଲେ ଏକାକ୍ଷର ପଦ ।।

ଛପନାକୋଟି ଜୀବ ଯେତେ । ସ୍ୱଦୟା କର ହୋ ସମସ୍ତେ ।।

ସବୁରି ଚରଣେ ଶରଣ । ମଣି ଏକାନ୍ତ ନାରାୟଣ ।।

ପ୍ରଣାମ କରି ଶତେବାର । ପାଦୁକା ପାଇଲ ଶ୍ରୀପୟର ।।

ସ୍ତୁତି ଉଜାରି ମନେ ମନେ । ପ୍ରବେଶ ହୋଇଲି ସଦନେ ।।

ହୃଦେ ସୁମରି ନିଦଗଲି । ଶ୍ରୀ ଗୁରୁ ଅବୁତ ବୋଲି ।।

ହୋଇଛି ଦଶଘଡ଼ି ରାତ୍ରି । ବିଜୟେ ଅଣାକାରଜ୍ୟୋତି ।।

ପ୍ରବେଶ ଶୟନ ମନ୍ଦିରେ । ତିମିର ଫିଟିଲା ତେଜରେ ।।

ଛିଡ଼ା ହୋଇଲେ ଦିବ୍ୟଜ୍ୟୋତି । ଜାଜଲ୍ୟମୟ ରୂପକାନ୍ତି ।।

ଶ୍ରବଣେ ଶୁଭିଲା ଡାକିଲେ । ଅନାଦି ପ୍ରଭୁ ଆଜ୍ଞାଦେଲେ ।।

ବୋଇଲେ ଉଠସିରେ ବାପ । ଦେଖ ଅନାଦି ବ୍ରହ୍ମରୂପ ।।

ଚେତି ଉଠିଲି ତତକ୍ଷଣ । ପାରୁଶେ ବିଜେ ଶୂନ୍ୟବ୍ରହ୍ମ ।।

ଚକ୍ଷୁ ମଳିଣ ଦେଲି ଚାହିଁ । ସମାନ ଗୁରୁ ଶିଷ୍ୟ ଦୁଇ ।।

କଲି ମୁଁ ଦଣ୍ଡ ଯେ ପ୍ରଣାମ । ଲଭିଲି ମୁକ୍ତ ପୂଣ୍ୟକାମ ।।

କଲ୍ୟାଣ ବଞ୍ଛିଲେ ତୁରିତ । ମଥାରେ ମାରିଦେଲେ ହସ୍ତ ।।

ଶିରରେ ବେନିକର ଯୋଡ଼ି । ଉଠିଣ ପୁଣ ପାଏ ପଡ଼ି ।।

ଭୋ ପ୍ରଭୁ ବ୍ରହ୍ମାଣ୍ଡ କରତା । ଭକ୍ତ ଜୀବନ ଜଗଜ୍ଜିତା ।୫୦।

ବିଜଯ ଶ୍ରୀକର ପାରୁଶ । ଏ ପୁଣି କେବଣ ପୁରୁଷ ।।

ବୋଲନ୍ତି ଅନାଦି ପୁରୁଷ । ଏ ପରା ଜଗନ୍ନାଥ ଦାସ ।।

ବଡ଼ ଦେଉଳେ ବାସସ୍ଥିତି । ଏ ଯେ ମାନବ ବିଷ୍ଣୁମୂର୍ତ୍ତି ।।

ମୁଁ ଯହୁଁ ହେଲି ଅବତାର । ତେଜିଲା ଶ୍ରୀ ନୀଳକନ୍ଦର ।।

ଷାଠିପଉଟି ଭୋଗ ଚାଡ଼ି । ଏକାନ୍ତ ପାଦେ ଚିତ୍ତ ଜଡ଼ି ।।

ମୋହର ନାମ ଅନୁସରି । ରାତ୍ର ଦିବସ ଏକ କରି ।।

ଏକାନ୍ତ କରେ ସେ ଭଜନ । ମୋ ପାଦେ କରି ନିବେଦନ ।।

ତେଣୁ ହୋଇଲା ଅଜ୍ରାମର । ଅକ୍ଷୟ ହୋଲା ଶରୀର ।।

କର ଅଞ୍ଜଳି ସିରେ ଦେଇ । ଛାମୁରେ ପୁଣି ପଚାରଇ ।।

ଦିକ୍ଷା ସମ୍ଭବେ ମହାଗାଢ । ନିର୍ବେଦ ...............................

ସ୍ୱରୂପ କେମନ୍ତେ ଜାଣିବା । ହେ ପ୍ରଭୁ ..................................

ବୋଲନ୍ତି ଶୁଣରେ ନନ୍ଦନ । ବଖାଣ ନିବେଦ ସାଧନ ।।

ଶ୍ରୀଗୁରୁ ଶିଷ୍ୟଙ୍କ ଚରିତ । ଶାହାସ୍ତ୍ରେ କରାଅ ଚଦନ୍ତ ।।

ତେବେ ପାଇବୁ ତାଙ୍କ ଭେଦ । ଦିକ୍ଷାହିଁ ଧ୍ୟାନଯୋଗ ପଦ ।।

କହି ସେ ଅନ୍ତର୍ଦ୍ଧ୍ୟନ ହେଲେ । ଶୟନ ବ୍ରହ୍ମ ନିଶି କାଳେ ।।

ଅରୂପାନନ୍ଦ ଅବଧତ । ଜଗତେ ହୋଇଲେ ଉଦିତ ।।

ଧୁନି ସ୍ଥାପିଲେ ଜମ୍ବୁଦୀପ । ଆଚାର ଅତିଥି ସ୍ୱରୂପ ।।

ସେ ଧୁନି ମନ୍ଦିରେ ଶରଣ । ଭଣେ ଅକ୍ଷିତ ଭୀମସେନ ।।

ସୁଜନେ ନ ଧରିବ ଦୋଷ । ବୁଦ୍ଧି ମୋ ବାଳୁତ ବୟସ ।।

ଇତିଶ୍ରୀ ନିର୍ବେଦସାଧନେ ଗୁରୁଶିଷ୍ୟ ବିଚାରଣେ ଜମ୍ବୁଦୀପେ

ବ୍ରହ୍ମଧୁନି ସ୍ଥାପନେ ପତିତ ଦୁଃଖ ନିବାରଣ

ନାମ ପ୍ରଥମା ଧ୍ୟାୟଃ ।

**ଦ୍ୱିତୀୟ ଅଧ୍ୟାୟ**

ଜୟ ତୁ ଅନାହତ ଧୁନି । ଯହିଁକି ଧ୍ୟାଇଛନ୍ତି ମୁନି ।।

ଜାଗିଲେ ସଂସାର ସାଗରେ । ସୁଜନେ ସତ୍ୟାଦି ଆଚାରେ ।।

ପଶ୍ଚିମ ମଦିଶ ପୂର୍ବେ ଯାଇ । ଖୁଟୁଣିବାଲି ଆରଘାଇ ।।

ପୁର୍ବୁ ପଶ୍ଚିମ ପରିଯନ୍ତେ । ବାଦ ହୋଇବ ଅପ୍ରମିତେ ।।

ସିନ୍ଧୁ ପରାୟେ ପୁରି ଥାଟ । ପେଲି ଯିବାକୁ ନାହିଁ ବାଟ ।।

ସମ୍ବଲପୁର ପରିୟନ୍ତେ । ପ୍ରଚାର କରିବେ ଭକତେ ।।

ଯାଜକପୁର ସୀମାନ୍ତରୁ । ଘୋଟି ସମ୍ବଲପୁରଠାରୁ ।।

ମସାଦିଦେଶ ଭ୍ରତଖଣ୍ଡ । ଭକ୍ତିରେ ଭାସୁଥିବ ପିଣ୍ଡ ।।

ଏକୌଶ ଢାଳ ଭକ୍ତିନଦୀ । ବହିବ ଜମ୍ବୁଦୀପ ଭେଦି ।।

ସୁର ଅସୁର ଏକମେଳି । ରଙ୍ଗେ କରିବେ ଭକ୍ତକେଳି ।।

ଏ ଦୁଇ ସୀମାନ୍ତର ମହୀ । ପଡ଼ିବେ ଯନ୍ତାଯନ୍ତି ହୋଇ ।।

ଦୁରୁଗାଦେବୀ ମଧ୍ୟେ ଜାଣ । ଶ୍ରଦ୍ଧାରେ କରିବେ ଆପ୍ୟାନ ।।

ପ୍ରଭୁ ରହିବେ ଶୂନ୍ୟ ଯାଇ । ଦେଖିବେ ଉହାଡ଼ରେ ଥାଇ ।।

ଭକତ ଜନ ବୃନ୍ଦ ଘେନି । ଦେଖିବେ ଭକ୍ତିର କାହାଣୀ ।।

ପ୍ରଭୁ ଭକତେ ନ ମାରିବେ । ସାକ୍ଷୀ ପରାୟେ ଦେଖୁଥିବେ ।।

କମ୍ପିବ ଏକୌଶ ବ୍ରହ୍ମାଣ୍ଡ । ଉତ୍ସବ ପୃଥି ନବଖଣ୍ଡ ।।

ତେଣୁ ସରିବ ବଳିଭୋଗ । ଧ୍ୱନି ହୋଇଛି ଉଦବେଗ ।।

ବିଜେ ହୋଇଲେ ଯୋଗାନ୍ତର । ନିର୍ବେଦ ସାଧନାକୁ ଧରି ।।

ବିହରି ଅବଧୂତ ରୂପେ । ମନକୁ ଥୋଇ ନିଜ କଣ୍ଢେ ।।

ତେଣୁ ଭୋଜନ କଲେ ଅନ୍ନ । ଭିକ୍ଷା ଦିଅନ୍ତି ଭକ୍ତଜନ ।।

ଭୁଞ୍ଜନ୍ତି ମାଟି ଖପରାପରେ । ବିକାର ନ ଥାଇ ମନରେ ।।

ଭ୍ରମନ୍ତି ମନ ରସାନନ୍ଦେ । ଆତ୍ମା ଜ୍ଞାନକୁ ଧରି ହୃଦେ ।।

ସଂସାରେ ସାକ୍ଷୀ ପ୍ରାୟେହୋଇ । ସର୍ବତ୍ର ସମାନ ଦେଖଇ ।।

ସକଳ ଜୀବେ ଦୟାଧର୍ମ । କରି ନିର୍ବେଦ ନିଜକର୍ମ ।।

ବିଜୟ ସଚରାଚରରେ । ଚିତ୍ତ ରସାଅ ଆନନ୍ଦରେ ।।

ବଳାସିଂହାରେ ଟୋଳି ମଠ । ପାଇଲା ଭକ୍ତଜନେ ଭେଟ ।।

ପ୍ରଥମେ ଶ୍ରୀଗୁରୁ ପାରୁଣ । ମିଳିଲେ ସେ ଗୋବିନ୍ଦ ଦାସ ।।

ଧନ୍ୟ ତାଙ୍କର ପୂର୍ବ ଭାଗ୍ୟ । ଥିଲା ବାସନା ଭକ୍ତିଯୋଗ ।।

କାହିଁ ତପସ୍ୟା କଲେ ବସି । ବାସନା ବିକାଶିଲେ ଆସି ।।

ଛାମୁରେ କଲେ ଦଣ୍ଡବତ । ହୃଦୟ ଛନ୍ନ ଛନ୍ନ ଚିତ୍ତ ।।

ମନରେ ହୋଇ ଗଦଗଦ । ପଡ଼ିଲେ ଶ୍ରୀଗୁରୁଙ୍କ ପାଦ ।।

ଉଠିଲେ ବେନି ପାଦଧରି । ନୟନୁ ବହୁଅଛି ବାରି ।।

ପଡ଼ିଅଛନ୍ତି ପାଦଗତେ । ଏ ମାୟା ଉଦ୍ଧାର ନିମନ୍ତେ ।।

ଅଜ୍ଞାନ ପାପିଷ୍ଠ ପାମର । ଜନ୍ମ ମରଣୁ ପାରିକରି ।।

ଶରଣ ତୁମ୍ଭ ପାଦଗତେ । ଭୋ ପ୍ରଭୁ ଦୟାକର ମୋତେ ।।

ତିମିରି ମହାଜାଲ ଫାଶ । ଜ୍ଞାନ ଖଡ଼ଗେ କରି ଧ୍ୱଂସ ।।

ପର୍ବର ସୁକୃତ ଥିବାରୁ । ଭେଟିଲି ଅବଧୂତ ଗୁରୁ ।।

ଏମନ୍ତ ବୋଲି ଭାବ ଭୋଳେ । ଗଡ଼ି ଅଭୟ ପାଦତଳେ ।।

ସେ ପ୍ରଭୁ ମହିମା ସାଗର । ହୃଦୟ ଅଗାଧ ଗଭୀର ।।

ସେ ବ୍ରହ୍ମଜ୍ଞାନରେ ଶକତା । ଭକତ ଜନ ଉଦ୍ଧାରନ୍ତା ।।

ବିଚାର ହୃଦୟ ପଦ୍ମରେ । ସାର ଅସାରହିଁ ମଧରେ ।।

ଏହାଙ୍କୁ କରିବା ଭକତ । ଦେବା ନିର୍ବେଦ ପଦତତ୍ତ୍ୱ ।।

ଏତେ ବିଚାରି ବ୍ରହ୍ମବେତ୍ତ । ଜାଣିଲେ ଭକ୍ତ ମନକଥା ।।

ବୋଇଲେ ଉଠ ହୋ ଭକତ । ସୁଜ୍ଞାନ ହେଉ ପରାପତ ।।

ତୋ ଯେଉଁ ଦଶଅବତାର । ଗୁରୁ ଦର୍ଶନେ ଗଲା ପାର ।।

ମାନବ ବିଷ୍ଣୁ ଭଗବାନ । ଏ ଚାରିଯୁଗେ ଅବତୀର୍ଣ୍ଣ ।।

ସେ ପାପମାନ ଏବେ ତୋର । ପୋଡ଼ିଲା ବ୍ରହ୍ମ ଯେ ଅନଳ ।।

ଉଠିଲେ ବେନିପାଦ ଛାଡ଼ି । ଶିରରେ କରପତ୍ର ଯୋଡ଼ି ।।

ଭୋ ପ୍ରଭୁ ନିଷ୍କାମ ନିର୍ମୋଦ । ଜ୍ଞାନର ବାଟ ମୋତେ କହ ।।

କିରୂପେ କରିବି ଭଜନ । ମନ ପବନ ଅଭ୍ୟାସନ ।।

କି କର୍ମକରି ଦିନ ନେବି । କାହିଁ କି କରି ବିହରିବି ।।

ନିଷ୍କାମ ଚିତ୍ତେ ମୋତେ କହ । ଶୁଣି ସନ୍ତୋଷ ହେଉ ଦେହ ।।

ଅବଧୂତ ଉବାଚ

ତାହା ଶୁଣିଣ ମହାଯତି । ସଂଶଯ ନୋହୁ ତୋର ମତି ।।

ବତିଶ ନାମ ଷୋଳକ୍ଷର । ଏ ଚାରିବେଦ ମଧ୍ୟେ ସାର ।।

ତାହା କହିବା କର୍ଣ୍ଣ ପାଶେ । ଏ ଆତ୍ମା ଉଦ୍ଧାର ବିଶ୍ୱାସେ ।।

ଯେ ବ୍ରହ୍ମଜ୍ଞାନ ମନ୍ତ୍ର ସାର । ବେଦେ ନିର୍ବେଦ ସେ ଗୋଚର ।।

ନିଷ୍କାମ ନିର୍ମୋହ ଆଚାର । ସାର ଅସାରେ ନିର୍ବିକାର ।।

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ଅନନ୍ତ ସାଗର । କହିବା ବ୍ରହ୍ମଜ୍ଞାନ ସାର ।।

ଜ୍ଞାନର ଅବିକାର ମତ । କେମନ୍ତେ ଜାଣିମା ତଦନ୍ତ ।।

ଅବଧୂତ ଉବାଚ

କହନ୍ତି ଅନାଦି ରାଜନ । ଗୋବିନ୍ଦ ...........................।

ଜ୍ଞାନ ପ୍ରସଙ୍ଗ ଆଦି ଅନ୍ତ । ସଖା .................................

କ୍ଷମାଦି ଶୀଳ ଦୟା ଦକ୍ଷ । ଜ୍ଞାନର ଛନ୍ତି ଚଉପାଖ ।।

ଏ ଛଅ ଜଣ ଆଦିକରି । ଘୋଟି ଅଛନ୍ତି ତିନିପୁରୀ ।।

ଅରୂପ ବ୍ରହ୍ମ ସେ ଯେ ହରି । ଛପନକୋଟି ଜୀବେ ପୁରି ।।

ତାହାର ନାହିଁ ଭଲ ମନ୍ଦ । କର୍ମ ଅକର୍ମରେ ଆନନ୍ଦ ।।

ତା ରୂପ ପବନ ଆକାର । ପୁରିଛି ସକଳ ଶରୀର ।।

ଦଶ ଦିଶରେ ଭ୍ରମ ଯାଇ । ଯେ ଭଲମନ୍ଦ ଏକକଇ ।।

ନାମଟି ବାଇ ଅଣରାଷ । ଅରୁପେ ହୋଇଛି ପ୍ରକାଶ ।।

ନାମଟି ଅମୂଲ୍ୟ ରତନ । ନ ଲାଗେ ପାପ ଦୋଷମାନ ।।

ସେହି ନାମକୁ କର ଧ୍ୟାନ । ମିଶାଇ ଏ ମନ ପବନ ।।

ଷଡ଼ ଜଣକୁ ଏକମେଳେ । ସ୍ଥାପିବୁ ହୃଦୟ କମଳେ ।।

ଭଜନେ ନାହିଁ ଡିବାନିଶି । ସାଧନା ମଧ୍ୟରେ ନ ପଶି ।।

ସୁସିଦ୍ଧ ନାମରେ ଉପରେ । ଲାଗି ରହିଛି ମିରନ୍ତରେ ।।

ସୁମନେ ବୁଝ ହେ ଭକତ । ଏ ମନ ପବନ ଦୀକ୍ଷିତ ।।

ଗୋବିନ୍ଦ ଉବାଚ

ଶୁଣି ଗୋବିନ୍ଦ ଅତି ତୋଷେ । ଭୋ ପ୍ରଭୂ କହ କର୍ଣ୍ଣ ପାଶେ ।।

ଯେ ଜ୍ଞାନ ଉପଦେଶ ମନ୍ତ୍ର । କହିଲେ ହୋଇବି ପବିତ୍ର ।।

ଶ୍ରୀଗୁରୁ ଗୋବିନ୍ଦ ଚରିତ । ଭଣଇ ଭୀମ ଅରକ୍ଷିତ ।।

ଇତି ଶ୍ରୀ ନିର୍ବେଦସାଧାନେ ଗୁରୁଶିଷ୍ୟବିଚାରଣେ ସାରସାର

ସମାନ କରଣେ ଶ୍ରୀଗୁରୁ ଗୋବିନ୍ଦ ସମ୍ବାଦେ

ନାମ ଦ୍ୱିତୀୟା ଧାୟଃ ।

ତୃତୀୟ ଅଧ୍ୟାୟ

ଗୋବିନ୍ଦ ଉବାଚ

ଭୋ ଗୁରୁ ବ୍ରହ୍ମାଣ୍ଡ କରତା । ଭକତ .................ପଡି ଦାତା ।।

...........................................................................................

...........................................................................................

ଶୂନ୍ୟ ବ୍ରହ୍ମକୁ ଅନୁସରି । ତରିବି ମାୟାସିନ୍ଧୁ ବାରି ।।

ଅବଧୂତ ଉବାଚ

ଚାହିଁ ଅନାଦି ଅବଧୂତ । ବୋଲନ୍ତି ଆସ ହୋ ଭକତ ।।

ତକ୍ଷଣେ ସେ ଗୋବିନ୍ଦ ଦାସ । ଅଇଲେ ଶ୍ରୀଗୁରୁଙ୍କ ପାଶ ।।

ଶ୍ରୀହସ୍ତ ଯୋଡ଼ିଣ ବସିଲେ । ଚରଣ ଅଗ୍ର ଲୁଚାଇଲେ ।।

ସେ ଯେ ନିର୍ବେଦ ବ୍ରହ୍ମଜ୍ଞାନୀ । ଶିରେ ସିଞ୍ଚିଲେ ମନ୍ତ୍ରପାଣି ।।

ଦଇବେ ବ୍ରହ୍ମଜ୍ଞାନେ ସିଦ୍ଧ । ଉଚ୍ଚାରି ଏକାକ୍ଷର ପଦ ।।

ଆବର ଗୋମୟ ଅଖଣ୍ଡ । ସିଞ୍ଚ ଛୁଇଁଲେ ଭକ୍ତ ପିଣ୍ଡ ।।

କପୋଳେ ଶ୍ରୀହରି ମନ୍ଦିର । ଚନ୍ଦନ ଟୀକା ମନୋହର ।।

ହୃଦୟ ପଦ୍ମେ ଦେଲେ ଲିହି । ଆବର ବେନିଭୁଜେ ଦେଇ ।।

ଶରୀର ପବିତ୍ର ନିବାଡ଼ । କର୍ଣ୍ଣ ଧଇଲେ ମନ୍ତ୍ର ପଢି ।।

ବତିଶ ନାମ ଷୋଳକ୍ଷର । ଉଚ୍ଚାରି ଆଦ୍ୟ ଯେ ପ୍ରାନ୍ତରେ ।।

ପଢି କର୍ଣ୍ଣରେ ଦେଲେ ଛାଡ଼ି । କର୍ଣ୍ଣ କେଶର ମଧ୍ୟେ ଜଡ଼ି ।।

ଭେଦିଲା ଓଁକାର ଶବଦ ।ଫଟାଇ ତିମିର ସମ୍ପଦ ।।

ଯେ ବିଧି ମତେ କଲେ ନିଭା । ମୂକତି ଲଭସିରେ ବାବା ।।

ତକ୍ଷଣେ ସେ ଗୋବିନ୍ଦ ଦାସ । ଉଠି ନମିଲେ ଗୁରୁ ପାଶ ।।

ଶିରରେ କରପତ୍ର ଯୋଡ଼ି । ପଛକୁ ଘୁଞ୍ଚୁପାଏ ପଡ଼ି ।।

ଉଦରେ ଲାଗି ବେନି ଜାନୁ । ଆଗ ପୟର ପ୍ରୁଷ୍ଟତନୁ ।।

ମଥା ରଖିଲେ ଭୁଜ ଦଣ୍ଡେ । ପ୍ରଣାମ ବେନି ଭୁଜ ମୁଣ୍ଡେ ।।

ଭୂମିରେ ଦଣ୍ଡବତ ହୋଇ । ଆଗକୁ ବେନି ହସ୍ତ ଦେଇ ।।

ବୁଲାଇ ଆଣି ମଥାପରେ । ହସ୍ତ ରଖିଲେ ମସ୍ତକରେ ।।

ପୁଣି ଆଣିଲେ ହୃଦୟକୁ । ବାମ ଡାହାଣ ଚରଣକୁ ।।

ବାମ ଚରଣ ଡାହାଣରେ । ଡାହାଣ ଚରଣ ବାମରେ ।।

ଉଠିଲେ ଆଣ୍ଠୁ ଭାଗ ଦେଇ । ତକ୍ଷଣେ ପାଦରେଣୁ ପାଇ ।।

ପାଦୁକା ସୁଧା କରି ଗ୍ରାସ । ନମୋ ବ୍ରହ୍ମଜ୍ଞାନ ପୁରୁଷ ।।

ପଡଇ ପୁଣ ପୁଣ ପାଦେ । ମନ ଅନାଦ ଗଦଗଦେ ।।

କରୁଣା ଅଭୟ ପଞ୍ଝରୁ । କଲ୍ୟାଣ ବାଞ୍ଛଲେ ଶ୍ରୀଗୁରୁ ।।

କାରଣ ପାଅ ଭକ୍ତବୀର । ହୁଅ ଅକ୍ଷୟ ଅଜ୍ରାମର ।।

ଗୁରୁବଚନ ନ ଲଘିବୁ । ମେଣ୍ଟିଲେ ଅପ୍ରାଧୀ ହୋଇବୁ ।।

ଅଣ ଅକ୍ଷର ବ୍ରହ୍ମ ଦିକ୍ଷା । ଏଠାରେ କେହି ନାହିଁ ଶାଖା ।।

କେ ବନ୍ଦ ମାତ୍ରେ ଏକା ସଙ୍ଗ । ମନ ପବନ ଧ୍ୟାନ ଯୋଗ ।।

ଏହାକୁ କର ସୁସଙ୍ଗତି । ଚିହ୍ନିଲେ ଲଭିବୁ ମୂକତି ।।

ଦୁହିଙ୍କି ଏକମେଳ କରି । ହୃଦୟ ପଦ୍ମେ ଥିବୁ ଧରି ।।

ଏହି ପ୍ରସନ୍ନ ହେବ ଯେବେ । ଅକ୍ଷୟ ହେବୁ ଯୁଗେ ଯୁଗେ ।।

ଅନେକ ଯାଇଛନ୍ତି କହି । ମନପବନ ଚିହ୍ନିନାହିଁ ।।

ଗୋବିନ୍ଦ ଉବାଚ

ଶୁଣିଣ ସେ ଗୋବିନ୍ଦ ଦାସ । ମନୁ ସଂଶୟ କଲା ନାଶ ।।

ଭୋ ପ୍ରଭୁ ସର୍ବଜ୍ଞ ପୁରୁଷ । ଆଜ୍ଞା ଯେ କଲ ଯାହା ବୃଶ୍ୟ ।।

ମନପବନ ବେନି ଜନ । ନୁହନ୍ତି କେହୁ ବଡ଼ ସାନ ।।

ଏହା ମୁଁ ଜାଣିବି କେମନ୍ତେ । ଭୋ ଗୁରୁ ଆଜ୍ଞା ହେଉ ମୋତେ ।।

ଅବଧୂତ ଉବାଚ

କହନ୍ତି ଗୁରୁ ବ୍ରହ୍ମବେତ୍ତା । ଏ ମନ ପବନର କଥା ।।

ମନଟି ମୁନି ବୋଲି କହି । ପବନ ଛନ୍ଦ ସମ୍ଭାଳଇ ।।

ନାମ ଯେ ଧାରଣା ହୋଇଲା । ଶବଦ ବ୍ରହ୍ମ ବଧ ହେଲା ।।

ଦକ୍ଷ ସମ୍ପୂର୍ଣ୍ଣ ନିର୍ବେଦରେ । ଭିକ୍ଷା କରିବୁ ସର୍ବ ଘରେ ।।

ଏକାନ୍ତ ରଖି ଦୃଢଚିତ୍ତ । ସାମାନ୍ୟ ମଣିବୁ ଜଗତ ।।

ଦୁଷ୍ଟ ପତିତ ଦୁରାଚାରେ । ଅନ୍ତର ନ କରି ଚିତ୍ତରେ ।।

ସଂସାରେ ନାହିଁ ପରାପର । ଅନାଦି ମଧ୍ୟେ ନିର୍ବିକାର ।।

ରହିଛି ସର୍ବଠାରେ ପୁରି । ଅଣବିକାର ମତଧରି ।୫୦।

ଏ ବୋଲ ବୁଝି ତୁ ବିହର । ଭବ ଭୟକୁ ଦୂର କର ।।

କର ତୁ ଏକାଙ୍ଗ ବାରିଧି । ତେବେ ଲଭିବୁ ସର୍ବସିଦ୍ଧି ।।

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ଅନନ୍ତ ଅଦେହ । କଷା ବସନ ମୋତେ ଦିଅ ।।

ଜଗତେ ଭ୍ରମୁଥିବି ମୁହିଁ । ଶ୍ରୀ ନାମ ବ୍ରହ୍ମ ହୃଦେ ଧ୍ୟାଇ ।।

ଗୁରୁ ବଚନ ଅନୁସରି । ଆଜ୍ଞାକୁ ଅବଜ୍ଞା ନ କରି ।।

ଅବଧୂତ ଉବାଚ

ତାହା ଶୁଣିନ ଅବଧୂତ । ମହିମା ସାଗର ଅନନ୍ତ ।।

ମନ ସମାଧି ଯୋଗ ସତ୍ୟ । କନ୍ଥା ବସନ ପରାପତ ।।

ଜନ୍ଥା କୌପୀନ ଆଡ଼ବନ୍ଧ । ଶ୍ରୀଗୁରୁ ଦେଲେ ସେ ଗୋବିନ୍ଦ ।।

କଟିରେ ଭିଡିଲେ ଆଦୋରି । ବାନାକୁ ନମସ୍କାର କରି ।।

ଢୋଳି ପିନ୍ଧିଲେ କଟିତଟ । ସିଦ୍ଧବସନ କୁମ୍ଭୀପଟ ।।

ଚଢାଇ ଅକ୍ଷୟ ବିଭୁତି । ଯେ ବ୍ରହ୍ମ ବାସନା ଭକତି ।।

ସର୍ବ ସମ୍ଭାଳି ଆଗୁ ସାର । ନମିଲେ ଶ୍ରୀଗୁରୁ ପୟର ।୬୨।

ଅନାଦି ଉବାଚ

ଗୁରୁବୋଲାଇ ଯାଅ ଶିଷ୍ୟ ।ବଉଦ କିଲା ପଛ ଦେଶ ।।

କଳସିଂହାର ଗ୍ରାମତଟ । ନିର୍ଭା ହୋଇଛି ଚିହ୍ନି ମଠ ।।

ଗ୍ରାମର ଦକ୍ଷିଣ ପାରୁଶେ । ଧରି ପଶ୍ଚିମ ସୀମା ଦେଶେ ।।

ତହିଁ ଆରମ୍ଭ ମାଳ ଗାଦି । ଭୂ ତଥା ହୋଇଛି ସମ୍ପାଦି ।।

ତହିଁ ରଖିଛୁ ସର୍ବ ସିଦ୍ଧି । ଯେ ନାମ ବ୍ରହ୍ମ ଅଷ୍ଟ ନିଧି ।।

ବିମ୍ବର ବିଳ ଯହିଁ ଅଛି । ଭିତରେ ଦେଉଳେ ରହିଛି ।।

ତହିଁ ଆମ୍ଭର ସିଦ୍ଧ ଭୂମି । ବ୍ରହ୍ମକୁ ଅନୁଭବେ ଗମି ।।

ଆମ୍ଭେ ଯାଉଛୁ ପୂର୍ବଦିଗେ । ତୁ ଯାଅ ପଶ୍ଚିମର ଦିଗେ ।।

ଆସନ ଏକାମ୍ରର ପୁରୀ । ରହିବୁ କପିଳାସ ଗିରି ।।

ଶ୍ରୀଗୁରୁ ଅନ୍ତର୍ଧ୍ୟାନ ହେଲେ । ଗୋବିନ୍ଦ ଦାସ ଚଳିଗଲେ ।।

ସେ ଅବଧୂତ ଦିକ୍ଷାଧନ୍ୟ । ଭଣେ ପାମର ଭୀମ ହୀନ ।।

ଇତିଶ୍ରୀ ନିର୍ବେଦ ସାଧନେ ଶ୍ରୀଗୁରୁ ଗୋବିନ୍ଦ ବିଚାରଣେ ଉପଦେଶ

..........................................................................

ନାମ ତୃତୀୟଧ୍ୟାୟ

ଚତୁର୍ଥଅଧ୍ୟାୟ

ଜୟ ତୁ ବ୍ରହ୍ମାଣ୍ଡ କରତା । ଭକ୍ତଙ୍କ ଧଈର୍ଯା ଧରନ୍ତା ।।

ଏଣୁ ଗୋବିନ୍ଦ ଦାସ ଗଲେ । ଗ୍ରାମରେ ପ୍ରବେଶ ହୋଇଲେ ।।

ଗ୍ରାମେ ପଶିଲେ ତପ ଅର୍ଥେ । ଶ୍ରୀଗୁରୁ ଆଜ୍ଞା ଘେନି ମାଥେ ।।

ଖପରା ଖଣ୍ଡେ ହସ୍ତେ ଲାଇ । ବୋଲନ୍ତି ଭିକ୍ଷା ଦିଅ ମାଇ ।।

ତାହା ଶୁଣିଣ ଗ୍ରାମ ନାରୀ । ତଣ୍ଡୁଳ ମୁଠେ ମୁଠେ ଧରି ।।

ଗଲେ ସେ ଅଥିତିଙ୍କ ପାଶ । ଦେଖିଣ ସେ ଗୋବିନ୍ଦ ଦାସ ।।

ବୋଲନ୍ତି ମାତା ମୁଖ ଚାହିଁ । ଆମ୍ଭର ଏହି ଧର୍ମ ନାହିଁ ।।

ଭ୍ରମୁଛୁ ଗୁରୁ ଆଜ୍ଞା ଘେନି । ଭିକ୍ଷାହିଁ କରୁ ଅନ୍ନ ପାଣି ।।

ତଣ୍ଡୁଳ ଲେଉଟାଇ ନିଅ । ଅନ୍ନଗୋ ମାଏ କିଛି ଦିଅ ।।

ତାହା ଶୁଣିଣ ଗ୍ରାମଜନ । ଆଶ୍ଚର୍ଯ ହେଲେ ମନେମନ ।।

ଲୋକେ ବୋଲନ୍ତି ତାହା ଚାହିଁ । ଶୁଣ ହେ ସନ୍ନ୍ୟସୀ ଗୋସାଇଁ ।।

ତୁମ୍ଭର କେଉଁ ଧର୍ମ ଦିକ୍ଷା । ଭୋଜନ ସର୍ବଠାରେ ଭିକ୍ଷା ।।

ଗୁରୁ ତୁମ୍ଭର କେଉଁ ଥାନ । କହ ଲକ୍ଷଣ ଗୁଣଗ୍ରାମ ।।

ଏ ଯେ ମହା ଆଶ୍ଚର୍ଯା ଦିକ୍ଷା । ବେଦ ଶାହାସ୍ତ୍ରେ ନାହିଁ ଦେଖା ।।

କହନ୍ତି ଗୋବିନ୍ଦ ଅତିଥି । ଗୁରୁ ଆମ୍ଭର ଅବଧୂତ ।।

ଅନାଦି ଅବନାବିହାରୀ । ଯେ ଭଲମନ୍ଦ ସମକରି ।।

ଶୁଣି ଯେଝାରେ ଚଳିଗଲେ । ଅନ୍ନ ଗଡିଏ ଆଣି ଦେଲେ ।।

ଭୁଞ୍ଜିଲେ ଶ୍ରୀଗୁରୁ ସୁମରି । ଅଣ ବିକାର ମତ ଧରି ।।

ଉଠିଣ ସାରି ଆଚମନ । ସନ୍ତୋଷ ହେଲା ପିଣ୍ଡ ପ୍ରାଣ ।।

ଶୂନ୍ୟକୁ ଚାହିଁ ଯୋଡ଼ି ହସ୍ତ । ସୁମରି ଅନାଦି ଅନନ୍ତ ।।

ତେଣୁ ଚଳିଲେ ଅନ୍ୟ ଗ୍ରାମେ । ଗୁରୁ ବଚନ ଆଜ୍ଞା ଧର୍ମେ ।।

ଅନନ୍ଦେ ଚଳିଯାନ୍ତି ପଥ । ସେ ଯେ ଗୋବିନ୍ଦ ଜଗନ୍ନାଥ ।।

କରନ୍ତି ସର୍ବଠାରେ ଭିକ୍ଷା । ଲୋକେ କରନ୍ତି ମନେ ଶଙ୍କା ।।

ସାଧୁ ସୁଜନ ମନେ ଚିନ୍ତା । ବୋଲନ୍ତି ଅଗୋଚର କଥା ।।

ହାଡି ଚାଣ୍ଡାଳ ଘରେ ଖାଇ । ଭୂମି ଆସନେ ଗଡୁଥାଇ ।।

ସ୍ନାହାନ ଶଉଚ ନ କରି । ସନ୍ଧ୍ୟା ତରପଣ ନ କରି ।।

କଟିରେ ବସନ ନ ପିନ୍ଧି । ବୃକ୍ଷ ବକଳ ଅଛି ବାନ୍ଧି ।।

ମାଳା ତିଳକ ନ ଛୁଅଇ । ତୁମସୀ ଧଣ୍ଡା ନ ପକାଇ ।।

ଅଙ୍ଗରେ ବିହୁତି ପଇତା । ଆବରନ କାଟଇ ଚିତା ।।

କେବଳ ଶରେ ଜଟାଭାର । ଅଖାଦ୍ୟ କରୁଛି ଆହାର ।।

ଏ ଅଟେ କେବଣ ଭବିଷ । ଦେଖି କରନ୍ତି ଉପହାସ ।।

ତା ଶୁଣି ସେ ଗୋବିନ୍ଦ ଦାସ । ମନେ ଲାଗିଲା ବହୁପ୍ରାସ ।।

ଭୋ ପ୍ରଭୁ ଜଗତ ଠାକୁର । ଅଲେଖ ଅନାଦି ଇଶ୍ୱର ।।

ନରମାନବେ କଲେ କୁଟ । ମନରେ ପଡ଼ିଲା ସଙ୍କଟ ।।

ଗୋବିନ୍ଦ ଶୂନ୍ୟମାର୍ଗେ ଚାହିଁ । ବୁଝନ୍ତୁ ଅନାଦି ଗୋସାଇଁ ।।

ଏମନ୍ତ ବୋଲି ଅବହେଳେ । ଦେହ ଜୀବନ ସମର୍ପିଲେ ।।

ସେଠାରୁ ଉଠିଲେ ଗୋବିନ୍ଦ । ସୁମରି ଶ ଅନାଦି କନ୍ଦ ।।

ତହୁଁ ଚଳିଲେ ଅନ୍ୟସ୍ଥାନ । ନିର୍ବେଦ ଦିକ୍ଷା ମନେ ମନ ।।

ଭୁଞ୍ଜନ୍ତି ସର୍ବଠାରେ ଅନ୍ନ । ବିକୃତ ଦିଶେ ରୂପ ବର୍ଣ୍ଣ ।।

ଦିବସ ବୁଲି ନାନା ଦେଶ । ଫେରି ଆସନ୍ତି ନିଜ ଦେଶ ।।

ମଠରେ ଗୀତା ଭଗବତ । କରଇ ବେଦ ବିଧିମତ ।।

ବିବିଧ ବର୍ଣ୍ଣେ ଭୋଗ ରାଗ । ଧାନ ଆଚାର୍ଯ୍ୟ ମନ୍ତ୍ର ଯୋଗ ।।

ସର୍ବ କରାଇ ଅନ୍ୟ ଲୋକେ । ଅନ୍ତରେ ଥାନ୍ତି ସାକ୍ଷୀ ରୂପେ ।।

ବିବିଧ ଦ୍ରବ୍ୟ କରି ମେଦ । ବଣ୍ଟାଇ ଦିଅନ୍ତି ପ୍ରସାଦ ।।

ଯେ ଇହ ପରଲୋକେ ମିଳି । ଗୋଷ୍ଠ କରିଣ ଯାନ୍ତି ଚଳି ।।

ଏମନ୍ତେ ସେ ଗୋବିନ୍ଦ ଦାସ । ଭ୍ରମନ୍ତି ଦିବା ଦଶଦଶ ।।

ଦିନେକ ଆସନ ଶୟନେ । କୁଟ ରଚିଲେ ଦେବଗଣେ ।।

ସମସ୍ତେ ଅଇଲେ ପାରୁଶ । ଝିଙ୍କି ଧଇଲେ ମଥା କେଶ ।।

ସମସ୍ତେ ଧରି ଚାଳି ଯିବା । ନଦୀ ଜଳରେ ବୁଡ଼ାଇବା ।।

ଏ ଦିକ୍ଷା ହୋଇଲେ ପ୍ରବେଶ । ଆମ୍ଭେ ହୋ ନ ପାଇବା ବାସ ।।

ଏହାଙ୍କଠାରେ ଦେବେ ପୂଜା । ଅନାଦି ପ୍ରଭୁ ହେବେ ରାଜା ।।

ସଂସାରେ ଜଗାଇବେ ଧ୍ଵନି । କମ୍ପିବ ସପତ ମେଦିନୀ ।।

ଆମ୍ଭେ ହୋ ରହି ପାରିବା । ଧର ଏହାଙ୍କୁ ବହି ନେବା ।।

ସର୍ବେ ହୋଇଣ ଏକ ମେଳି । ଭୂମିରୁ ନ ପାରିଲେ ଢୋଳି ।।

ନିଷ୍କାମନିମୋହିନୀ ରୋଳେ । ଭୂମିର କେବେହେଁ ନ ଚଳେ ।।

ଆଦି ପୁରୁଷ ଭଗବାନ । ଏ କଳିଯୁଗେ ଅବତୀର୍ଣ୍ଣ ।।

ତାହାଙ୍କୁ କରୁଛନ୍ତି କୂଟ । ସମସ୍ତେ ଅଜ୍ଞାନେ ଲମ୍ପଟ ।।

ଯେ ଅଟେ ତ୍ରିଭୁବନ ପତି । ତାହାଙ୍କୁ ବିଘ୍ନ କରୁଛନ୍ତିଇ ।।

ଗୁପତ ରୂପ କଳିଯୁଗେ । ଗୋବିନ୍ଦ ଦାସ ନାମ ଏବେ ।।

ଗୁରୁ ଆଜ୍ଞାରେ ଏତେ ମତ । ସେ ଜଗନ୍ନାଥ ଅବଧୂତ ।।

ତାହାଙ୍କୁ ଜାଣିବେ ସେ କାହିଁ । ମାୟାରେ ଛନ୍ତି ଉଦେ ହୋଇ ।।

ସମସ୍ତ ଦେବ ଛାଡ଼ି ଉଭା । ଏମନ୍ତେ ସେ ଗୋବିନ୍ଦ ବାବା ।।

ଦେବେ ଯେ କରୁଛନ୍ତି ବିଘ୍ନ । ନୟନ ମାର୍ଗରେ ସ୍ୱପନ ।।

ଜାଗିଉଠିଲେ ନିଦ୍ରା ତେଜି । ସକଳ ଦେବେ ଗଲେ ଭଜି ।।

ମନରେ କରି ଭୟ ଶଙ୍କା । ଏ ସର୍ବ ଦେବକୂଟ ଲେଖା ।।

ଚିତ୍ତେ ଚିନ୍ତିଲେ ଶୂନ୍ୟ ବ୍ରହ୍ମ । ନିଷ୍ଠା ଭକତି ନିଜ ଧର୍ମ ।।

ବୁଝ ତୁ କୃପା ଜଳ ହୋଇ । କିସ କହିବି ସ୍ୱାମୀ ମୁହିଁ ।।

ତୁ ଅନ୍ତର୍ଯାମୀ ନାରାୟଣ । ଭକତ ବିପତ୍ତି ଖଣ୍ଡନ ।।

ଉଠିଲେ ନିଜ ବାସ ତେଜି । ହୃଦେ ମହିମା ନାମ ଭଜି ।।

ଆନନ୍ଦେ ଦିଗ ଭ୍ରମିଗଲେ । କାହିଁ ରୁହନ୍ତି ସଙ୍ଗମେଳେ ।।

ଏକାନ୍ତେ ଭ୍ରମି ଦିନ ଗଲା । ଦ୍ୱାଦଶ ବରଷ ହୋଇଲା ।।

ମନେ ବିଚାରି ସେ ଗୋବିନ୍ଦ । ବିଅର୍ଥେ ହେଉଅଛି ଧନ୍ଦ ।।

ଏତେ ଦିବସ ବହିଗଲା । ଶ୍ରୀଗୁରୁ ଆଜ୍ଞାହି ନୋହିଲା ।।

ପ୍ରଚଣ୍ଡେ ଉଦବେଗ ମନ । ଯିବି କପିଳାସ ଦର୍ଶନ ।।

ଗୁରୁ ମୋ ବତାଇଲେ ଯେତେ । ମନରେ ନ ଗଲା ପରପେ ।।

ସତେ ଯେମନ୍ତେ ସଦଗୁରୁ । କଳ୍ପଣା ଜାଣିବେ ଅନ୍ତରୁ ।।

ସେ ଯେବେ ଅନାଦି ପୁରୁଷ । ମୋ ଚିତ୍ତ ଜାଣିବେ ଅବଶ୍ୟ ।।

କରନ୍ତି ସର୍ବ ଘରେ ଭିକ୍ଷା । ଗୁରୁ ବଚନ ଧରି ଶିକ୍ଷା ।।

ପଞ୍ଚମନରେ ଛନ୍ନ । ପୂର୍ବକୁ କଲେ ସେ ଗମନ ।।

ନିଜ ମଢିଆ ତେଜି ଗଲେ । ଅର୍ଦ୍ଧାବାଟରେ ହୋଇଥିଲେ ।।

ଗୁରୁ ଯେ କପିଶାସ ଗିରି । ହୋଇ ଯେ ଥିଲେ ଯୋଗଧାରୀ ।।

ଭକତ ମନରେ ଅସତ୍ୟ । ଜାଣି ଅନାଦି ଅବଧୂତ ।।

ତକ୍ଷଣେ ଧ୍ୟାନ ଅସତ୍ୟ । ଜାଣି ଅନାଦି ଅବଧୂତ ।।

ତକ୍ଷଣେ ଧ୍ୟାନ ଯୋଗ ତେଜି । ସମାଧି ଯୋଗବେଳେ ଭଜି ।।

ତହୁଁ ଉଠିଲେ ସିଦ୍ଧଚେତା । ସେ ମହାଶୂନ୍ୟ ବ୍ରହ୍ମବେତ୍ତା ।।

ବିଜେ ପଶ୍ଚିମ ଦିଗଙ୍କୁହିଁ । ଭେଟିଲେ ଭକତକୁ ଯାଇ ।।

ବୋଇଲେ ଶୁଣରେ ପାମର । ଦିକ୍ଷାକୁ କଲୁ ନାରଖାର ।।

ଆସ୍ତର ବଚନ ନ ମାନି । ଯାଉ କେବଣ ତୀର୍ଥ ସ୍ଥାନି ।।

ବାଇ ହୋଇଲୁ ନିଶ୍ଚେ ଏଥେ । ବ୍ରହ୍ମାଣ୍ଡେ କେ ରଖିବ ତୋତେ ।।

ନ ମାନି ଶ୍ରୀଗୁରୁ ବଚନ । ପାଷାଣ କଲୁ ଦର୍ଶନ ।।

ଥୁଆ ହୋଇଛି ଲିଙ୍ଗଦେବ । ସେ ତୋତେ କି ଜ୍ଞାନ କହିବ ।।

କୋପେ ପ୍ରଚଣ୍ଡ ମହାବଳୀ । ବ୍ରହ୍ମ ଅନଳେ ଦେବଜାଳି ।।

ଶିର ତୋ ଖଡଗରେ ଛେଦି । ଶୁଣ ରେ ଗୁରୁ ଅପରାଧ ।।

ଜ୍ଞାନରେ ଚଳେ ଚନ୍ଦ୍ରସୂର୍ଯ୍ୟ । ଯେ ପୃଥ୍ୱି ଆପବାୟୁ ତେଜ ।।

ଯାରଆଜ୍ଞାରେ ଏହୁମାନେ । ଉଦୟ ଅସ୍ତ ପ୍ରତିଦିନେ ।।

ନିମିଷେ କୋଟିଯୁଗ ଯାକୁ । ତୁ ଚିହ୍ନି ନ ପାଇବୁ ତାକୁ ।।

ସ୍ୱର୍ଗ ନରକ ବେନି ବାଣୀ । ଯା ରୋମ ମୂଳରୁ ମେଦିନୀ ।।

ତାକୁ ନ ଚିହ୍ନି .... କରି । ବାନ୍ଧିଲେ ବେନି ହସ୍ତ ଧରି ।।

ବନ୍ଧାଇ ଘେନି ଚଳିଗଲେ । .......... ନିମୂହୀ ମନ୍ଦିରେ ।।

ଡାକି ବହିଲେ ଅବଧୂତ । ହୋଇବୁ ଯେବେଯୋଗୀ ପୁତ୍ର ।।

ସୁକୃତ ଥିଲେ ନିସ୍ତରିବୁ । ନୋହିଲେ ଏଥେ ଲୀନହେବୁ ।।

ରଖିଲେ ଅତି ନିର୍ବନ୍ଧରେ । ପାହାରି ଜଗାଇ ଡୁଆରେ ।।

ଦେଉଳେ ଅତି ନିର୍ବନ୍ଧରେ । ପାହାରି ଜଗାଇ ଦୁଆରେ ।।

ଦେଉଳେ ମାରି ତିନି ତାଳି । ତେଣୁ ଚଳିଲେ ତପଶାଳୀ ।।

ଶରଣ ଶ୍ରୀଗୁରୁ ଅଲେଖ । ଭଣେ ଅରକ୍ଷିତ ଭୀମ ମୂର୍ଖ ।।

ଦୋଷ ନ ଧର ସାଧୁ ସନ୍ଥ । ମୁଁ ତୁମ୍ଭ ଭତ୍ୟଙ୍କର ଭିତ୍ୟ ।।

ଇତି ଶ୍ରୀ ନିର୍ବେଦ ସାଧନେ ଦେବକୁଟ ବର୍ଣ୍ଣନେ ସୁର ମାନବ

ଉପହାସ ବିଳାପେ ଗୋବିନ୍ଦ ଶ୍ରୀଗୁରୁ ଆଜ୍ଞା ଅପରାଧ

ବର୍ଣ୍ଣନେ ଦୁଃଖାଦୁଃଖ ଫଳ ଭୋଗେ ନାମ

ଚତୁର୍ଥଧ୍ୟାୟଃ ।

ପଞ୍ଚମ ଅଧ୍ୟାୟ

ଜୟ ତୁ ବ୍ରହ୍ମାଣ୍ଡ କରତା । ଅଶେଷ ଜୀବ ପିତା ମାତା ।।

ଭକ୍ତକୁ ପଡିଲା କଷଣ । କରୁଣାକର ନାରାୟଣ ।।

ଅଭୟ ମେରୁ ଶୂନ୍ୟ ବାନା । ଭକ୍ତ ଅପରାଧ ଖଣ୍ଡନା ।।

ତେଣୁଟି ସେ ଗୋବିନ୍ଦ ଦାସ । ଚିନ୍ତିଣ ମହାଶୂନ୍ୟ ବାସ ।।

ଭୋ ପ୍ରଭୁ ..... ରୂପ । ଅବନା ଅଲେଖ ଅରୂପ ।।

ଅଣଅକ୍ଷର ଅଣାକାର । ଭୋ ପ୍ରଭୁ କର ପ୍ରତିକାର ।।

ରୂପ ଅରୂପ ସମାଯୁକ୍ତ । ତୁମ୍ଭର ନାହିଁ ଆଦି ଅନ୍ତ ।।

ଅଭୟ ପଞ୍ଜାରେ ଶରଣ । ଭୋ ପ୍ରଭୁ କର ଉଦ୍ଧାରଣ ।।

ଏ ପିଣ୍ଡ ପ୍ରାଣହିଁ ତୋହର । ତୁ ନାଥ ଯାହା ତାହାକର ।।

ମନ ଚିତ୍ତରେ ବୁଦ୍ଧି ମୋର । ଲାଗିଲା ଶ୍ରୀ ଗୁରୁ ଛାମୁରେ ।୧୦।

ଆବର ମନ ଧ୍ୟାନ ଯୋଗ । ସମର୍ପି ଦେଲି ତୋର ଆଗ ।।

ଏମନ୍ତ ବୋଲି ଦୃଢମନେ । ରହିଲେ ଏକାକ୍ଷର ଧ୍ୟାନେ ।।

ଗୋବିନ୍ଦହୃଦୟ ମୂର୍ଦ୍ଧନ । ଥାପିଲେ ଏକାକ୍ଷର ଧୁନି ।।

ପିଣ୍ଡକୁ କରି ଭୂମିଖଣ୍ଡ । ନାଭି କମଳ ଧୁନି କୁଣ୍ଡ ।।

ଜାଳିରେ ବ୍ରହ୍ମ ଅଗ୍ନି ଧୁନି । କମ୍ପିଲା ସପତ ମେଦିନୀ ।।

ଅନଳେ ପକାଇ ଆହୁତି । ସମିଧ ପଚିଶ ପ୍ରକୃତି ।।

ଯେ ଲୋଭ କାମ କ୍ରୋଧ । ହିଂସା କପଟ ଛନ୍ଦ ବାଦ ।।

ଆବର ପାପ ମାଯା ମୋହେ । ରହି ନିର୍ମଳ କଲେ କାୟେ ।।

ଭଜନ କଲେ ଦିବାନିଶି । ମନ ପବନକୁ ଅଶ୍ୱାସି ।।

ଜାଣି ଅନାଦି ବ୍ରହ୍ମ ଜ୍ୟୋତି । ଲାଗିଲା ଭକ୍ତ ଚିନ୍ତା ତୁଷ୍ଟି ।୨୦।

ଅବନୀ ମଣ୍ଡଳୁ ବିଜୟେ । ଅନାଦି ଜ୍ୟୋତି ବ୍ରହ୍ମମୟେ ।।

କୋଟି ଅରୁଣ ତେଜରାଣୀ । ଶୂନ୍ୟରୁ ଧୀରେ ଧୀରେ ଖସି ।।

ସେ ଯେ ଅନାଦି ମହାଜ୍ଞାତା । ମନେ ଲାଗିଛି ଭକ୍ତ ଚିନ୍ତା ।।

ବିଜୟେ ଦେଉଳ ପାରୁଶେ । ........ କୋଟି ଚନ୍ଦ୍ର ଜିସେ ।।

ଭୁଜ ବଢାଇ ଶୂନ୍ୟ ହରି । ଦେଉଳ ଶିରେ ହସ୍ତମାରି ।।

ଗୋବିନ୍ଦ ଦାସକୁ ଡାକିଲେ । ........ ଘେନି ................ ।।

ପ୍ରବେଶ ହୋଇଲେ ଅରୂପା । ସେ ତ ଶୁକଳ ....................

........... ତୃରୁଷା ତହିଁ ନାହି । ସର୍ବଦା ବସନ୍ତ ବହଇ ।।

ଜଳ ବହଇ ଝର ଝର । ସେ ତ ଶୁକଳ ଗିରିବର ।।

ସେଠାରେ ଉଦେ ଅସ୍ତ ନାହିଁ । ହାର ବ୍ରହ୍ମାକୁ ଗମ୍ୟ କାହିଁ ।୩୦।

ଏକାନ୍ତ ଗୁରୁ ଶିଷ୍ୟ ଦୁଇ । ବସିଲେ ଶୁଚିମନ୍ତ ହୋଇ ।।

ଅଷ୍ଟାନ ନାମେ ସର୍ବ ସାଧ୍ । ତହିଁ ନସିଲେ ଦିଶେ ବୁଦ୍ଧି ।।

ଅଜ୍ଞାନ ହରେ ବୁଦ୍ଧିଦିଶେ । ଗନ୍ଧ ଚନ୍ଦନ ପ୍ରାୟ ବାସେ ।।

ପୂର୍ବାଦି ଉତ୍ତରକୁ ଧରି । ତହିଁ ..... ସେହୁ ଗିରି ।।

ତହି ବସନ୍ତ ସିଦ୍ଧମାନେ । ନିର୍ମଳ ମତି ଶୁଦ୍ଧ ଧ୍ୟାନେ ।।

ଅତି ...... ସଦ୍ଧବନ । ସମାନ ନୋହେ ତ୍ରିଭୁବନ ।।

ତହି ବିଜୟେ ଗୁରୁ ଶିଷ୍ୟ । ପ୍ରକାଶି ଜ୍ଞାନରେ ହରଷ ।।

ଉଠି ଗୋବିନ୍ଦ କର ଯୋଡି । ଅନାଦି ପାଦତଳେ ପଡ଼ି ।।

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ଜଗତ ନାୟକ । ତୁମ୍ଭେ ଅନାଦି ଅନ୍ତଜପ ।।

ପୂର୍ବେ ଶୁଣିଛି ଗୁରୁମୁଖେ । କହିଲ ବାହ୍ୟରସ ରୂପେ ।୪୦।

ଏକଅକ୍ଷର କାହିଁ ଥିଲା । କିରୂପେ ପ୍ରକାଶ ହୋଇଲା ।।

ଆଚାର ଧରି କେଉଁ ମତ । କହ ଏହାର ଆଦି ଅନ୍ତ ।।

ଅନାଦି ବ୍ରହ୍ମ ଉବାଚ

ଭକତ ମୁଖୁ ଶୁଣି । ସେ ଯେ ଅନାଦି ବ୍ରହ୍ମ ସ୍ୱାମୀ ।।

ବୋଲନ୍ତି ଶୁଣରେ ଗୋବିନ୍ଦ । କହିବା ଏକାକ୍ଷର ଭେଦ ।।

ପ୍ରଥମେ ମହାଶୂନ୍ୟ ଥିଲା । ଓଁକାର ରୂପେ ବିଶ୍ରାମିଲା ।।

ଓଁକାରୁ ଆକାରକୁ ଧରି । ଉକାର ମଧ୍ୟରେ ସଞ୍ଚାରି ।।

ମକାର ପରେ ବିଶ୍ରାମିଲା । ଶବଦଭେଦ ସଞ୍ଚରିଲା ।

ଅବନା ଶବଦେ ସମ୍ଭୂତ । ତେଣୁ ବିକାର ହେଲା ଜାତ ।।

ବିକାର ପ୍ରରେ ବିଶ୍ରାମଇ । ପରମ ସଙ୍ଗତରେ ଥାଇ ।।

ତେଣୁ ମୂର୍ତ୍ତିଏ ପ୍ରକାଶିଲା । ମୂର୍ତ୍ତିରୁ ଜ୍ୟୋତି ନିର୍ଭକଲା ।।

ଜ୍ୟୋତିରୁ ଜଳ ହେଲା ଜାତ । ଠୁଳ ଶୂନ୍ୟରୁ ଉପଗତ ।।

ବେଦରୁ ବ୍ରହ୍ମାଣ୍ଡ ରଚିଲା ।ଜଳ ପବନେ ପିଣ୍ଡ କଲା।।

ସକାମ

ନିଷ୍କାମ ଏ ବେଣୀ ।ଏ ପିଣ୍ଡ ବ୍ରହ୍ମାଣ୍ଡକୁ ଘେନି ।।

ଭେଦି ରହିଛି ତିନିପୁର । ସକଳ ସ୍ଥାନରେ ବିହାର ।।

ଆବୋର ଘୋଟି ସପ୍ତ ଦ୍ୱୀପେ । ତାରିବା ମାରିବା ସ୍ୱରୂପେ ।।

ଶ୍ରୀଗୁରୁ ମୁଖୁ ଏହା ଶୁଣି । ଗୋବିନ୍ଦଯୋଡ଼ି ବେନିପାଣି ।।

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ଯାହା ଆଜ୍ଞାହେଲା । ମନରୁ ସଂଶଯ ନ ଗଲା ।।

କାହାକୁ ମହାଶୂନ୍ୟ କହି । କେହୁଟି ପରମ ଅଟଇ ।।

ଓଁକାର କେହୁ ବୋଲାଇଲା । ଆକାର କାହାକୁ ବୋଇଲା ।।

ଫୁଂକାର ଅଟେ କେଉଁ ଜନ । ସକାର କେବଣ ବିଧାନ ।।

ମକାର ଅଟେ କାହା ନାମ । ସକାର କେହୁ ସରି ସମ ।।

ବିକାର କେହୁ ବୋଲାଇଲା । ମୁରତି କାହାକୁ କହିଲା ।।

ଜ୍ୟୋତି ରୁପଟି କେ ଅଟଇ । କାହାକୁ ଜଳ ବୋଲି କହି ।।

ବେଦ ରଚିଲା କେଉଁ କ୍ଷର । କେ ତିନି ବ୍ରହ୍ମାଣ୍ଡ ତ୍ରିପୁର ।।

କାହାକୁ ନାଦବିନ୍ଦୁ କହି । ପିଣ୍ଡରୁ ନାମ କେ ବୋଲାଇ ।।

ଭୋ ପ୍ରଭୁ କୃପାଜଳଧାରି । କହ ଶରୀର ଅର୍ଥ କରି ।।

ଶୁଣି ମୁଁ ପବିତ୍ର ହୋଇବି । ଅଶେଷ ଦୁର୍ଗତି ଖଣ୍ଡିବି ।।

ନାମକୁ ନିରନ୍ତରେ ଭାବି । ଦେହରେ ସମସ୍ତ ଚିହ୍ନିବି ।।

ସେହି ପ୍ରକାରେ ନାମ କହ । ଯେବେ ଭକତବାନା ବହ ।।

ଅଭୟ ଚରଣେ ମୋ ଆଶ । କରାଅ ଯୁଗେ ଯୁଗେ ଦାସ ।।

ଶ୍ରୀମୁଖେ ଆଜ୍ଞା ମୋତେ ଦିଅ । ନିର୍ବେଦ ସାଧନାରେ କହ ।।

ଅନାଦି ଉବାଚ

କହନ୍ତି ଶରୀରାର୍ଥ କରି । ନିର୍ବେଦ ସାଧନାକୁ ଧରି ।।

ଯାହା ପ୍ରକାଶ କଲୁ ତୁହି । ଶୁଣ ଗୋବିନ୍ଦ ମନ ଦେଇ ।।

ବ୍ରହ୍ମକୁ ମହାଶୂନ୍ୟ କହି । ପବନ ପରମ ଅଟଇ ।।

ନିଶବ୍ଦ ଓଁକାର ଅଟଇ । ଶବ୍ଦ ଆକାର ନାମ କହି ।।

ଫୁଂକାର ନାମ ଖର ଜନ । ମୁଁ କାର ନାମ ଶୁଭଜନ ।।

ମକାର ନାମ ଉତପନ୍ନ । ବିକାର ପ୍ରଳୟଟି ଜାଣ ।।

ତକାର ନାଦ ତତ୍ତ୍ୱ କହି । ତପତ ତେଜ ପ୍ରକାଶଇ ।।

ଜୀବର ନାମ ମୂର୍ତ୍ତି କହି । ଜାତକ ଜଳ ବୋଲି କହି ।।

ଜ୍ୟୋତିଟି ସ୍ଥିତି ବୋଲି ଜାଣ । ପ୍ରକାଶ ଶଶିକା ଅରୁଣ ।।

ସିଦ୍ଧ ଅକ୍ଷର ସାମବେଦ । ର ଅକ୍ଷର ରକ ବେଦ ।।

ଜ ଅକ୍ଷରୁ ଜଜୁର୍ବେଦ । ଆଦି ଅନନ୍ତ ଅଥର୍ବେଦ ।।

ସୁହାରୁ ଶିଶୁବେଦ ଜାତ । ଯେ ନାମ ବ୍ରହ୍ମ ସାରସ୍ୱତ ।।

ଗୋବିନ୍ଦ ଶୁଣି ତୋଷ ମନ । ଭଣେ ପାମର ଭୀମସେନ ।।

ଇତି ଶ୍ରୀ ନିର୍ବେଦ ସାଧାନେ ଅନାଦି ଗୋବିନ୍ଦ ସମ୍ବାଦେ ଏକାକ୍ଷର

ପଦ ଅର୍ଥ ଭେଦ କଥନେ ନାମ ପଞ୍ଚମେ ଧାୟଃ ।

ଷଷ୍ଠ ଅଦ୍ୟାୟ

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ବ୍ରହ୍ମାଣ୍ଡ କରତା । ଶ୍ରୀ ବ୍ରହ୍ମଜ୍ଞାନେ ସାମରଥ ।।

ସେ ନାମ ଅବନା ଅଜପା । କାହାକୁ କରିଆଛ଼ା ଶାଖା ।।

ମୋତେ ଯେମନ୍ତେ ଦୟାବହ । ବିସ୍ତାର ଫେଡ଼ି ଆଜ୍ଞା ଦିଅ ।।

ଅନାଦି ବ୍ରହ୍ମ ଉବାଚ

ଯାହା ପଚାରିଲୁ ଗୋବିନ୍ଦ । ବ୍ରହ୍ମର ସଙ୍ଗ ସାଥି଼ ଭେଦ ।।

ତାହାର ନିଜ ସଙ୍ଗସାଥି଼ । କ୍ଷମାଦି ଦୟାଶୀଳ ଶାନ୍ତି ।।

ଗୋବିନ୍ଦ ଉବାଚ

ଶୁଣି ଭକତ ଅତି ତୋଷେ । କେ ଅଛି କେବଣ ପାରୁଶେ ।।

ଶ୍ରୀମୁଖେ ଆଜ୍ଞା ହେଉ ହରି । କହିବା ଭିନ୍ନ ଭିନ୍ନ କରି ।।

ଅନାଦି ଉବାଚ

କହନ୍ତି ଶ୍ରୀଗୁରୁ ଗୋସାଇଁ । ଶୁଣ ତୁ ସାବଧାନ ହୋଇ ।।

ଶାନ୍ତିର କଳା ବାମ କରେ । ଦୟା ରହିଛି ଡାହାଣରେ ।।

କ୍ଷମା ରହିଲା ଯେ ପୁରୁଷେ । ଶୀଳ ରହିଛି ହୃଦ........

ଧର୍ମ ରହିଲା ଶ୍ରୀମୁଖରେ । ସୁଶାନ୍ତି ରହିଛି ମନରେ ।।

ତହିଁ ରହିଛି ..... ବାସ । ଦିବା ରଜନୀରେ ପ୍ରକାଶ ।।

ବ୍ରହ୍ମାଦି ଦେବ ସୁର ନର । ମୁନି ଜନଙ୍କୁ ଆଗୋଚର ।।

ଶୁଣି ଗୋବିନ୍ଦ ଅବଧୂତ । ମନରେ ହେଲେ କୃତକୃତ୍ୟ ।।

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ଦୟାହେଉ ମୋତେ । ମନକୁ ଲାଗିଲା ଅପ୍ରତେ ।।

କେଉଁ ଅକ୍ଷର ଶାନ୍ତଶୀଳ । କ୍ଷମାଦି ଦୟାଧର୍ମ କୁଳ ।।

ଏ ପଦଅର୍ଥ କାହା ମୋତେ । ଶୁଣିସୁପ୍ରେମ ମୋର ଚିତ୍ତେ ।।

ଅନାଦି ଉବାଚ

ଭକ୍ତ ବଚନେ ବ୍ରହ୍ମ ଜ୍ୟୋତି । ଯେ ଛଡ଼କ୍ଷର ଅର୍ଥ ରତି ।।

ସୁମନେ ଶୁଣ ଗୋବିନ୍ଦାଇ । ସଂଶଯ ଫେଡ଼ିଦେବା କହି ।।

ଚାରି ଅକ୍ଷର ଚାରି ବେଦ । ବର୍ଣ୍ଣ ଆନିମା .............।।

ମିଳିବ ଛଡକ୍ଷର ମୂଳ । କ୍ଷମାଦି ଦୟାଶାନ୍ତଶୀଳ ।।

ଶୁଣ ତୁ ଚାରି ବେଦ ଅର୍ଥ । ମନରେ କରି ଢବ୍ରତ ।।

କାମ ପ୍ରମୋଦେ ହାକ ସବ୍ଦ । ସଞ୍ଚରି ଗଲା ଆଦ୍ୟ ମଧ ।।

ରାଆ ଶବଦେ ରକ ବେଦ । ଶୁଣ ତହିଁର ଅର୍ଥ ଭେଦ ।।

ରକଟି ରସାଙ୍ଗନା ଯୁତା । କଅଟି କଞ୍ଚନା କରତା ।।

ଏ ଦୁଇ ଯୁଗଳରେ ଭେଦ । ନିଶ୍ଚୟ ରାମ ନାମ ପଦ ।।

ର ଅକ୍ଷର ଶୁକ୍ଳ ଜାଣ । ମକ୍ଷର ବ୍ରହ୍ମ କଳାବର୍ଣ୍ଣ ।।

ସିଇରୁ ଶିର ଜନ୍ମ ହେଲା । ନାମ ତା ସାଥି ବୋଲାଇଲା ।।

ତ୍ରିମାତ୍ରା ତତ୍ତ୍ୱ ବୋଲାଇଲା । ସୁଶାନ୍ତି ନାମ ତା ହୋଇଲା ।।

ଅଣ ମାତ୍ରାରେ ଆରମ୍ଭିଲା । ର ମାତ୍ରା ରଜ ଗୁଣ ହେଲା ।।

ତ୍ରିମାତ୍ରା ଯୋନି ବୋଲାଇଲା । ବିମାତ୍ରା ମର୍ମ ଜାତ ହେଲା ।।

ମାଆ  ସେ ମାୟା ହେଲା ଜାତ । ନିମାତ୍ରା ନାମରେ ମୟତ ।।

ସ ମାତ୍ରା ସୃଷ୍ଟି ସରଜନ ।ରକ ବେଦର ଅର୍ଥାଶୁଣ ।।

ଶୂନ୍ୟରୁ ସୁହାକ୍ଷର ହେଲା ......... । ସେ ସାବେଦ ବୋଲାଇଲା ।।

ଶ୍ରୀଅରୁ ଶାଖା ବୋଲାଇଲା ...... । ମଅରୁ ମନ୍ତ୍ର ...........

ବଅରୁ ବ୍ରହ୍ମ ବିକଶିଲା । ଦଅରୁ ଅପାର ଦିଶିଲା ।।

ବଅମାତ୍ରାରୁ ବର୍ଣ୍ଣ ଜାତ । ଦଅରୁ ଦ୍ରୁଷ୍ଟି ଉପଗତ ।।

ନିମାତ୍ରା ଜନ୍ମିଲାର ବିଷ । ନିମାତ୍ରା ଉପୁଜିଲା ରସ ।।

ବା ମାତ୍ରା କାକୁସ ରଚିଲା । ସମାତ୍ରା ସାହାପକ୍ଷ ହେଲା ।।

ସାହାରୁ ଝରିଲା ଅମୃତ । ନାମ ତା ହୋଇଲା ସୁଶାନ୍ତ ।।

ଶ୍ରୁତି ଜ୍ୟୋତି ସଞ୍ଚରିଲା । ମୁଖରୁ ଯଜୁର୍ବେଦ ଲୀଳା ।।

ଯଅରୁ ଯାବତ ରଚନା । ତ୍ରଅରୁ ତ୍ରିପୁର ସର୍ଜନା ।।

ପଅରୁ ପରପର ପରପର କଲା । କାମାର୍ଭ ତ୍ରିଯା କର୍ମ ହେଲା ।।

ଜିଇରୁ ଜନ୍ମିଲା ସମ୍ବାଦ । ରାମାତ୍ରା ଲକ୍ଷଣ ....... ।।

ଜା ମାତ୍ରା ଜୀବଜନ୍ତୁ ଜନ୍ମ । ବଅରୁ ବିହରଇ କର୍ମ ।।

ତଅରୁ ତୁଷ୍ଟି ବିକାଶିଲା । ରଅରୁ ରକ୍ଷଣ ବାଞ୍ଛିଲା ।।

ଚମାତ୍ରା ଚତୁରେ ......... । ନାମ ପ୍ରକାଶରେ ସଂଯୁକ୍ତ ।।

ଶୁଣିଲୁ ଯଜୁର୍ବେଦ ଅର୍ଥ । କ୍ଷମାଦି ନାମ ସାରସ୍ୱତ ।।

ଅବନା ଅନନ୍ତ ଶରୀର । ଅଥର୍ବ ବେଦର ବିଚାର ।।

ଶୁଣିଲେ ଲଭିବୁ ମୁକତି । ଏ ବେଦ ଅର୍ଥ ସାରସ୍ୱତ ।।

ଅ ରୁ ଆକାର ସଞ୍ଚରି । ବଅରୁ ବ୍ରହ୍ମାଣ୍ଡକୁ କରି ।।

ନାଆରୁ ନମସ୍କାର କଲା । ଅମାତ୍ରା ଆଶା ସଞ୍ଚରିଲା ।।

ତ ମାତ୍ରା ତର୍କକୁ ଲିହିଲା । ନ ମାତ୍ରା ନବକର୍ମ କଲା ।।

ର ମାତ୍ରା ସାମର୍ଥକୁ କରି । ରି ମାତ୍ରା ରକ୍ଷକୁ ଆବୋରି ।।

ରମାତ୍ରା ରହାସ ବିହିତ । ଦ୍ୱାଦଶ ପ୍ରକାରେ ବିଦିତ ।।

ଅମାତ୍ରା ଆସ୍ଥାନ ନିବିଡ଼ । ଆମାତ୍ରା ସ୍ଥିର କର ଦୃଢ ।।

ବମାତ୍ରା ବ୍ୟାକତେ ପ୍ରକାଶ । ଭମାତ୍ରା ଭାବେ କଲ ଦୃଶ୍ୟ ।।

ଦମାତ୍ରା ଦହନ ତା ନାମ । ଦୁର୍ବଳ ଚଉଦ ଭୁବନ ।।

ଭମାତ୍ରା ରସ ନାମ କହି । ବିମାତ୍ରା ବିକାର ଜନ୍ମାଇ ।।

ଚମାତ୍ରା ଚମତ୍କାର କହି । ହୃଦୟ ଦକା ଉପଜଇ ।।

ରମାତ୍ରା ରକ୍ଷଣକୁ ଦୃଢ । ଭରସା କରିବାକୁ ବଡ଼ ।।

ଚାରିବେଦର ଅର୍ଥ ଫଳ । ଶୁଣି ଖଣ୍ଡିବ ଭବ କାଳ ।।

ଶୁଣ ତୁ ଭକତ କୁଶଳ । ନାମ ତାର ଅଟଇ ଶୀଳ ।।

ବେଦରେ ବୁଝାଇଲି ତୋତେ । ଅକ୍ଷର ମାତ୍ରା ଅର୍ଥ ଯେତେ ।।

ଶୁଣି ଗୋବିନ୍ଦ ବେଦ ଛାଡ଼ି । ଶ୍ରୀଗୁରୁ ପାଦତଳେ ପଡ଼ି ।।

ଗୋବିନ୍ଦ ଉବାଚ

ଶୁଣି ପାଇଲି ଏବେ ପ୍ରତେ । ମନେ ସଂଶଯ ଥିଲା ଯେତେ ।।

ଖଣ୍ଡିଲି ସକଳ ଦୁରିତ । ଲଭିଲି ପରମ ମୂକତ ।।

ସେ ଗୁରୁ ଶିଷ୍ୟ ପାଦ ଧାଇ । ଭଣେ ଭୀମ ଭୋଇ ।।

ହେ ସାଧୁ ସୁଜନ ପୁରୁଷ । ମୋହର ନ ଘେନିବା ଦୋ ।।

ନୋହିଲା ନ ବୋଲିବ ନାହିଁ । ନ ପଢି ସିଦ୍ଧିକ୍ଷର ମୁହିଁ ।।୭୩।

ଇତି ଶ୍ରୀନିର୍ବେଦ ସାଧନେ ଶାନ୍ତଶୀଳ ଚରିତ ଚାରି ବେଦ ବର୍ଣ୍ଣନେ

ଅର୍ଥଯାତ୍ରା କଥନେ ଶ୍ରୀଗୁରୁବିନ୍ଦ ସମ୍ବାଦେ ନାମ ଷଷ୍ଠ ଧାୟଃ ।।

ସପ୍ତମ ଅଧ୍ୟାଯ

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ନିର୍ବେଦ ସିଦ୍ଧାନ୍ତ । ଜୀବ ଉଦ୍ଧାର ସାମରଥ ।।

ଆବର କଥା ଏକ ଅଛି । ସ୍ୱରୂପ କହିଦେବ ବାଛି ।।

ସପତ ସାଗର କେମନ୍ତେ । ରଚନା ରଚନା ହୋଇଛି ନିରତେ ।।

ଏଥିର ବିଧିମତ ଯେତେ । ଭୋ ପ୍ରଭୁ ଆଜ୍ଞା ହେଉ ମୋତେ ।।

ଅନାଦି ଉବାଚ

ଶୁଣ ଭକତ ଶୁଦ୍ଧଚେତା । ସପ୍ତ ସାଗର ଆଦ୍ୟ କଥା ।।

ଆଦ୍ୟରୁ ପ୍ରାନ୍ତ ପରିଯନ୍ତେ । ଶୁଣ କହିବା ତୋ ଅଗ୍ରତେ ।।

ପ୍ରଥମେ ଏକ ବ୍ରହ୍ମ ଥିଲା । ରୂପ ରଚନା ବିଚାରିଲା ।।

ପଅରୁ ପ୍ରିୟା ପାଞ୍ଚକରି । ଥଅରୁ ସ୍ଥିତି ଶୁନ୍ୟେ ଧରି ।।

ମଅରୁ ମନ ପ୍ରେମ ଶିଳା । ଚଅରୁ ଆକାର ବାଞ୍ଛିଲା ।।

ବଅରୁ କଳି ଜାତ କରି । ବଞ୍ଚିଲି ରୂପକୁ ଆବୋରି ।୧୦।

ଶ୍ୱେତ ଶୁକଳ ଜାତ କଲା । ଗଢିଲା ଅମାପ ଅବଳା ।।

ଯୁବା ବୟସ ତାଙ୍କୁ କରି । ହସ୍ତରେ ବୀଜାମୃତ ଧରି ।।

ବାମ ଅଙ୍ଗୁଳି ହସ୍ତ କରେ । ଶ୍ରୀହସ୍ତ ଜାନୁ ଯୁଗଳରେ ।।

ନଖେ ................ ଜାନୁତଳେ । ପଦ୍ମ ରଞ୍ଜିତ ନିଭାବଳେ ।।

ପଦ୍ମରେ ବୀଜାମୃତ ଗୋଟି । ସମ୍ଭାଇ ଦ୍ୟନ୍ତ ଗଲା ଫାଟି ।।

ତକ୍ଷଣେ ନିଜ ପ୍ରାଣ ହାରି । ପଡ଼ିଲା ଅମାପ କୁମାରୀ ।।

ଯାଇ ପଡ଼ିଲା ରସାତଳେ । ଅଥଳ ଅଖଣ୍ଡିତ କୂଳେ ।।

ଦେଖି ସେ ଅବନା ଅରୂପ । ମନେ ପାଇଲେ ବଡ଼ ଦୁଃଖ ।।

ନିରୋପି କଲେ ଉଦଯୋଗ । ଯେ ବର୍ଣ୍ଣ କାନ୍ତି ରସସର୍ବ ।।

ଯୁବା ବୟସ ନିଭା କର । ନାମ ତା ଅକାଦ କୁମର ।।

ଜାନୁ ଯୁଗଳ ପଦ୍ମଦଳ । ସ୍ଥାପନା କଲଇ ସକଳ ।।

ପଦ୍ମେ ଦିଅନ୍ତେ ରସ ତୋଳା । ଜାନୁ ଯୁଗଳେ ଯୋଡ଼ିଦେଲା ।।

ସମ୍ଭାଇ ବୀଜାମୃତ ଗୋଟି । ନ ଚାହିଁ ଗଲେ ସେ ଲେଉଟି ।।

ଦ୍ରବିଣ ଗର୍ଭକୁ କ୍ଷେପିଲା । ମୂର୍ଦ୍ଧନା ଫାଟି ପ୍ରାଣ ଗଲା ।।

ପଡ଼ିଲେ ଅଚେଷ୍ଟା ନ ହୋଇ । ଅମାପ ଶକ୍ତିପରେ ଯାଇ ।।

ଚାହିଁ ଅଲେଖ ମହିମାହିଁ । ଅମାପ ଆଦି ଶକ୍ତି ନାହିଁ ।।

ବିଚାର କଲେ ମନେ ମନ । ବେନି ଯୁବତୀ ହାରି ପ୍ରାଣ ।।

ଧରାଇ ଦେଲୁ ଯେତେବେଳେ । ବହିତ ସମାନ ନୋହିଲେ ।।

ବିଚାର କଲେ ମନେ ଚେତି । ଆର ଗଢିବ ଆଦିଶକ୍ତି ।।

ଏମନ୍ତ ବିଚାରି ନରୋଳେ । ଦୋସରା ଆଦିଶକ୍ତି କଲେ ।।

ଯେତେକ ରୂପ ନିର୍ଭି କରି । ନାମ ତା ଅବନା କୁମାରୀ ।।

ଯୁବା ଅବସ୍ଥା ତାକୁ କଲେ । ପଦ୍ମରେ ବୀଜ ଦାନ ଦେଲେ ।।

ସେ ମୂର୍ତ୍ତି ଗର୍ଭରେ ଖେପାଇ । ପିଡ଼ିଲେ ଅସାଷ୍ଟମ ହୋଇ ।।

ଦେଖି ଅବନା ନାରୀ ରୀତି । ବିଚାରି ....... ଜ୍ୟୋତି ।।

ଯେତେ ରଚିଲୁ ନର ଦେହି । ବିଦିତ ନୋହିଲା ସେ ମହୀ ।।

ପୁଣି ରଚିବା ମନେ ସରି । ଏମନ୍ତ ବୋଲି ଧ୍ୟାନ କରି ।।

ଭେଦରୁ ବେନିମାତ୍ରା ଆଣି । ଯୁଗଳେ ମେଦ କଲେ ଜାଣି ।।

ସେ ବେନିମାତ୍ରା ଏକ କରି । ନାମ ତା ଅମେଧ କୁମାରୀ ।।

ଯୁବା ବୟସ ତାକୁ କଲେ । ହସ୍ତରେ ବୀଜଭଣ୍ଡ ଦେଲେ ।।

ହସ୍ତେ ପଡନ୍ତେ ବୀଜ ବଳି । ତେଜ ପ୍ରକାରେ ଗଲା ଜଳି ।।

ଅମେଧ ଆଦିଶକ୍ତି ମଲା । ଏରୂପେ ଚାରିବର୍ଣ୍ଣ ଗଲା ।।

ଏ ଚାରିରୂପ ଜାତ କଲା । ରଚନ୍ତେ କୋଟିକଳ୍ପ ଗଲା ।।

ପୁଣି ବିଚାର କଲେ ଚିତ୍ତେ । ନିଶ୍ଚଳେ ବସିଲେ ଏକାନ୍ତ ।।

ଚିତ୍ତରେ ଅନୁମାନ କରି । ଶୂନ୍ୟରୁ ମୂର୍ତ୍ତି ଅନୁସରି ।।

ଶୂନ୍ୟାରୁ ଶବଦ ଅକ୍ଷର । ସୁମାତ୍ରା ସତ୍ୟବତୀ ସାର ।।

ତ୍ରିମାତ୍ରା ତତ୍ତ୍ୱକୁ ଲିହିଲା । ସମାତ୍ରା ସର୍ଜିବାକୁ କଲା ।।

ର ମାତ୍ରା ରୂପବର୍ଣ୍ଣ ରୂପି । ସମସ୍ତ ମେଦ କରି ସ୍ଥାପି ।।

ରଚନା କଲେ ଆଦିଶକ୍ତି । ତେଣୁ କୁମାରୀ ନାମଶ୍ରୁତି ।।

ଅରୁପେ ରୂପ ପ୍ରକାଶିଲେ । ହୃଦୟ ପଦେ ବାସ କଲେ ।।

ସେ ଯେ ଅଣିମା ମହାମାଈ । ବିଷ୍ଣୁଙ୍କୁ ଗର୍ଭେ ଅଛି ବହି ।।

ତ୍ରିଅକ୍ଷରଟି ଜାଣ । ପଞ୍ଚ ପ୍ରକୃତି ବିକାରେଣ ।।

ନାଭିରେ ଛଡ଼ଦଳ ସ୍ଥାପି । କାମି ପ୍ରେମକୁ ଦେଲେ ରଖି ।।

ଛଡ଼ରେ ଛଡ଼ପଦ୍ମ ବନ । ଛଡ଼ ପବନ ବେହାରେଣ ।।

ଦୂର୍ବାଦଳରେ ରଜ ରସ । ମନରେ ପ୍ରକୃତି ପଚିଶ ।।

ଏକ ମନରୁ ପାଞ୍ଚମନ । ରମଣୀରତ୍ନ ଛନ ଛନ ।।

ବୁଜିଲେ ଡ଼ିଆଇଜି ଦେଶାନ୍ତର । ଯେହ୍ନେ ଚାହିଁଲେ ଅନ୍ଧକାର ।।

ଅଙ୍ଗ ହୋଇଲା ଆଳସିତ । ସୁରତି ରସେ ହେଲେ ରତ ।।

ପଦ୍ମରେ ରଜରସ ପୂରି । ଶୂନ୍ୟର ଆସୁଛି ଲହରୀ ।।

ଅଙ୍ଗରେ ଅଭେଦ ପବନ । ବହେ ଅଣଚାଶ ସମାନ ।।

ଅସ୍ଥି ମାଂସକୁ ଏକ କରି । ଅଗାଦ ପଙ୍କ ଶ୍ରୋଣବାରି ।।

..... ଚର୍ମ ରୋମେ ପୂରି । ଦେହେ ଫୁଟିଲା ଶ୍ରମବାରି ।।

ହୃଦୟ ହେଲା ଛନ ଛନ । ବିକାର କଲା ପଞ୍ଚମନ ।।

ଚବିଶ ପ୍ରକୃତି ଓଟାରି । କି ଅବା ନେବ ମାରି ଧରି ।।

ଏମନ୍ତ ଭାଳନ୍ତେ ସେ ଦେବୀ । ମନରେ ବହେ ଅଣୁଭବି ।।

ଯହୁ କରିଛି ହରୁଡେ ବାସ । ହରଣ କରତା ପୁରୁଷ ।।

ନିରୋପି କରିବି ଶରଧା । ସେହି ରଖିବେ କାମବାଧା ।।

ହୃଦୟ ପଦ୍ମ ମଧ୍ୟେ ହରି । ଶଯାରେ ଯୋଗନିଦ୍ରା କରି ।।

ଏମନ୍ତ ବୋଲି ଶ୍ରୁତିନାରୀ । ରୂପକ ପରକାଶ କରି ।।

ପୁରୁଷ ଗଲା ଅନୁସରି । ସ୍ୱପ୍ନ ସୁନ୍ଦରୀ ରୂପଧରି ।।

ଆସ୍ଥାନେ ପ୍ରବେଶ ହୋଇଲା । ଯୁବା ମୁରତି ଦେଖାଇଲା ।।

ସ୍ତନ ଯୋବାନ ତା ବିକାଶି । ଅତି ସୁନ୍ଦର ଶୁଭ୍ରକେଶୀ ।।

ନବୀନ ରୂପ ଝଟ ଝଟ । ସୁସଞ୍ଚ ଶୁଭ୍ର ଜାଣୁତଟ ।।

ମୁଖ ତା କୋଟି ଚନ୍ଦ୍ରକାନ୍ତି । ଅଙ୍ଗ ଅରୁଣ ତେଜ କାନ୍ତି ।।

କାମର ଆତୁରେ ସୁନ୍ଦରୀ । ବିଷ୍ଣୁର ମନ ନେଲା ହରି ।।

ସତ୍ୱରେ ଅଙ୍ଗ ସଙ୍ଗ କଲା । ରଜର ସାଙ୍ଗ ଉଛୁଳିଲା ।।

ବିଷ୍ଣୁର ଉଛୁଳିଲା ଧାତୁ । ହସ୍ତେ ଧଇଲେ ପାର ହେତୁ ।।

ସେ ଯୋଗନିଦ୍ରା ଯାଇଥିଲେ । ତକ୍ଷଣେ ଉଠଣ ବସିଲେ ।।

ଚକ୍ଷୁ ମଳିଣ ଦେଲେ ଚାହିଁ । ପାରୁଶେ ନ ଦିଶନ୍ତି କେହି ।।

ବିଚାର କଲେ ମନେ ମନ । ନିଶ୍ଚୟ ପ୍ରକୃତି ଭିଆଣ ।।

ଯେ ଆଦି ଶକ୍ତି ଶ୍ରୁତି ନାରୀ । ମାୟାରେ ଅଙ୍ଗ ସଙ୍ଗ କରି ।।

କପଟେ ପାରୁଶେ ମିଳିଲା । ମନରୁ ଜ୍ଞାନ ହରୁ ଥିଲା ।।

ଏ ପୁରେ ନ ରହିବା କ୍ଷଣେ । ବିଲଗେ ଉଠିଲେ ବହନେ ।।

ବାହାର ହୋଇଲେ ଅଖଣ୍ଡ । ହସ୍ତରେ ଧରି ବୀଜ ଭାଣ୍ଡ ।।

ବାମ ହସ୍ତରେ ପଦ୍ମ ଧରି । ଚିପିଲେ ଧୀର ଧୀର କରି ।।

ଏବେ ଶେ ଯୁବାଙ୍ଗ ବୟସ । ପୂରି ରହିଲା ରଜ ରସ ।।

ବୀଜକୁ ନୟଭାଗ କରି । ଶକ୍ତି ସମ୍ଭବେ ଦେଲେ ଭରି ।।

ଭାଗେକ ଶୂନ୍ୟ ଉଡିଗଲା । ଭାଗେ ପଦ୍ମରେ ଲୀନ ହେଲା ।।

ଭାଗେ ଗର୍ଭକୁ ହେଲା ଯୋଗ୍ୟ । ଗର୍ଭରେ ହେଲା ବେନିଭାଗ ।।

ଯେବଣ ଭାଗ ଶୁନ୍ୟେଗଲା । ଶୂନ୍ୟ କୁହୁରି ବୋଲାଇଲା ।।

ଏକ ଭାଗରୁ ଚାରିଭାଗ । ଶୁନ୍ୟେ ଜନ୍ମିଲା ଚାରିଦୀର ।।

ଯହୁଁ ଶେ ଚାରିଦିଗ ହେଲା । ଠୁଳ ଶୂନ୍ୟହିଁ ବୋଲାଇଲା ।।

ଏମନ୍ତ କେତେ କଳ୍ପ ଗଲା । ମରୁତି ଉଜାଣି ବହିଲା ।।

ଗର୍ଭରେ ଯେଉଁ ବୀଜାମୃତ । ଅଧେ ଶୁକଳ ଅଧେ ଶ୍ୱେତ ।।

ସମାତ୍ରା ନୀର ବୋଲି କହି । ରମାତ୍ରା ସକାର ଅଟଇ ।।

ଗର୍ଭରୁ ହୋଇଲେ ବାହାର । ନାମ ତାଙ୍କର ନିରାକର ।।

ନିର୍ମିତ ଜ୍ୟୋତି ଅରୂପରେ । ପଡ଼ିଲେ ଉଜାଣି ଶିଖରେ ।।

ଚାହିଲେ ଆଦି ଶକ୍ତି ନାରୀ । ଅଙ୍ଗେ ପୁରୁଷ ଅଙ୍ଗେ ସ୍ତିରୀ ।।

ଦେଖିଣ ଆଦିଶକ୍ତି ତୁଚ୍ଛ । ବଟ ମୂଳରେ କଲେ ବାସ ।।

ସ୍ୱରୂପ କହିଲେ ବିସ୍ତାରି । ଶୁଣ ଗୋବିନ୍ଦ ହେତୁ କରି ।।

ସେ ଗୁରୁ ଶିଷ୍ୟଙ୍କ ପୟର । ସେବାରେ ଦିନ ଯାଉ ମୋର ।।

ଭୋ ପ୍ରଭୁ ମୋତେ କୃପାକର । ଭଣେ ଅର୍କ୍ଷିତ ଭୀମ ଛାର ।।

ସୁଜନେ ନ ଦୋଷିବ ମୋତେ । ବର୍ଣ୍ଣିଲି ଅନୁଭବ ଚିତ୍ତେ ।।

ବେଦ ପୁରାଣେ ନାହିଁ ଶୁଣା । ର ରସ୍ଥୁକ୍ଷର ନାହିଁ ଜଣା ।।

ଇତି ଶ୍ରୀ ନିର୍ବେଦ ସାଧାନେ ଶୂନ୍ୟସାର ସପ୍ତସାର ବିଚାର

ଆଖ୍ୟାନେ ଅନେକ ଆଦିଶକ୍ତି ସଂହାରଣେ ଯୋଗ

ନିରାକାର ଜନ୍ମ ଚରିତ କଥନେ ଅନାଦି

ଗୋବିନ୍ଦ ସମ୍ବାଦେ ନାମ ସପ୍ତମୋ ଧ୍ୟାୟଃ ।

ଅଷ୍ଟମ ଅଧ୍ୟାୟ

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ବ୍ରହ୍ମାଣ୍ଡକରତା । ଶୁଣିଲି ଆଦି ଅନ୍ତ କଥା ।।

ଲଭିଲି ପୂର୍ବର ସୁକୃତେ । ଶ୍ରୀମୁଖେ ଆଜ୍ଞା ହେଉ ମୋତେ ।।

ସେ ନିରାକାର ଜନ୍ମ ହେଲେ । ଏଥି୍ ଉତ୍ତରୁ କିସ କଲେ ।।

କେମନ୍ତେ ଜାଣିବା ସେ କଥା । ମନେ ଲାଗିଲା ବଡ଼ ଚିନ୍ତା ।।

ଯେ ବ୍ରହ୍ମଜ୍ୟୋତି ନିରାକାର । କେମନ୍ତେ ମହିମା ତାଙ୍କର ।।

ଅନାଦି ବ୍ରହ୍ମ ଉବାଚ

ବୋଲେ ଅନାଦି ବ୍ରହ୍ମଜ୍ଞାନୀ । ଶୁଣ ଗୋବିନ୍ଦ ସାଧୁବାଣୀ ।।

ଯେ ବ୍ରହ୍ମ ଜ୍ୟୋତି ନିରାକାର । ଦ୍ୱିତୀୟ ରୂପ ଏକାନ୍ତର ।।

ଜନ୍ମିଲା ନିଶବଦ ଠାରୁ । ପଡ଼ିଲେ ଉଜାଣି ଶିଖରୁ ।।

ପଡ଼ିଣ ହାହାକାର କଲା । ଓଁ କାର କ୍ଷର ଜନ୍ମ ହେଲା ।।

ଓଁ କାରୁ ଜନ୍ମିଲା ଶବଦ । ଶବ୍ଦରୁ ଏକାକ୍ଷର ଭେଦ ।।

ବେଦରୁ ସୃଷ୍ଟି ସଞ୍ଚରିଲା । ସପତ ସିନ୍ଧୁ ଜାତ କଲା ।।

ସମାତ୍ରା ଶ୍ୱେତ ସିନ୍ଧୁ ଜାଣ । ଏକାନ୍ତ ରଚିଲା ପ୍ରମାଣ ।।

ଆପଶବଦ ଆପେ ବାରି । ଭିଆଣ ଦିଗ ଦିଗାନ୍ତରୀ ।।

ଏକାନ୍ତ ବସି ନିର୍ଭାକଲା । ସପକ୍ଷ ଯୁଗଳ ବାଞ୍ଛିଲା ।।

ଶୂନ୍ୟ ବ୍ରହ୍ମକୁ ଧ୍ୟାନକରି । ରହିଲା ବେନି କର୍ଣ୍ଣ ଡ଼େରି ।।

କୋଟିଏ ଯୁଗ ବହିଗଲା । ପ୍ରସନ୍ନ କରି ନ ପାରିଲା ।।

କିରୂପେ ହୋଇବେ ପ୍ରସନ୍ନ । ଯାହାର ନାହିଁ ବର୍ଣ୍ଣ ଚିହ୍ନି ।।

ମନରେ ହୋଇଲା ବିସ ଯେ । ଉତ୍ତର ଶବଦ ନ ଦିଏ ।।

ଶୂନ୍ୟ ମଣ୍ଡଳୁ ବ୍ରହ୍ମ ଆସି । ତାହାଙ୍କ ହୃଦୟରେ ପଶି ।।

ପ୍ରକାଶ କରି ସଦବୁଦ୍ଧି । ଯେ ପୃଥି ରଚନାର ବିଧି ।।

ଦିଶିଲା ଅନେକ ବିଚାର । ଯେ ଜ୍ୟୋତି ବ୍ରହ୍ମ ନିରାକାର ।।

ଡାହାଣ ଅଙ୍ଗକୁ ଚାହିଁଲେ । ସ୍ତିରୀ ଗୋଟିଏ ଜାତ କଲେ ।।

ନିମାତ୍ର ନୀର ବୋଲାଇଲା । ନୀରରୁ ରକାର ଜନ୍ମିଲା ।।

ରକ୍ଷରୁ ବେନିମାତ୍ରାକ୍ଷର । ତେଣୁ ରାଧିକା ନାମ ତାର ।।

ଅଙ୍ଗରୁ ଅବତାର ହେଲା । କାକ୍ଷର କେଆରମାତ୍ରା ହୋଇଲା ।।

କ୍ରୁମାତ୍ରା କୃଷ୍ଣ ବୋଲାଇଲା । ରୁମାତ୍ରା ରାଧିକା ହୋଇଲା ।।

ରାଧିକା ନାମ କୃଷ୍ଣ ବେନି । ବଢିଲା ଯୁଗଳ କାହାଣି ।।

ଯୁଗଳେ ରାଧା କୃଷ୍ଣ ଦେହୀ । ଶତ ଶୁକଳ୍ପ ଗଲା ବହି ।।

ଶ୍ରୀତିରୁ ସତ ହେଲା ଜାତ । ସତରୁ ରଜ ସମାଯୁକ୍ତ ।।

ରଜ ଗୁଣରୁ ପ୍ରକାଶିଲା । ଗୁଣରୁ ତମ ଉପୁଜିଲା ।।

ତମରୁ ଜନ୍ମ ହେଲା କାମ । କାମେ ବିବିଧ ଲୋଭ କର୍ମ ।।

ଲୋଭରୁ ମହ ସଞ୍ଚରିଲା । ମହରୁ ମାୟା ପ୍ରକାଶିଲା ।।

ମାୟାରୁ ଜନ୍ମ ହେଲା ବୃଦ୍ଧ । ହିଂସା କପଟ ଛନ୍ଦ ବାଦୀ ।।

ସମାତ୍ରା ଶ୍ୱେତସିନ୍ଧୁ ଜାଣ । ରଜ ଲୋହିତ ସିନ୍ଧୁ ଶୁଣ ।।

ରୁଣଟି ଲବଣ ସମୁଦ୍ର । ତମଟି ନୀଳ ସିନ୍ଧୁ ଭେଦ ।।

କାମ କାରୁଣ୍ୟ ଜଳ ହେଲା । ପ୍ରଳୟ କାଳକୁ ରହିଲା ।।

ଲେଉଟି ଲୋହିତ ସାଗର । ମାୟାରେ ବୁଡ଼ଇ ସଂସାର ।।

କ୍ରୋଧରୁ ରୁଧିର ସାଗର । ନାମ ତା ରକତ ସିନ୍ଧୁର ।।

ହିଂସାକୁ ସ୍ୱରସିନ୍ଧୁ କହି । ଶୁଣା ଗୋବିନ୍ଦ ମନଦେଇ ।।

ଅନାମ କ୍ଷର ଜାତ ହେଲା । କ୍ଷୀର ସମୁଦ୍ର ଜାତ କଲା ।।

ଦୁତୀଟି ଦଧିସିନ୍ଧୁ କହି । ସତ୍ୟକୁ ସରି ଅର୍ଥ ଲିହି ।।

ଶୁଣି ଗୋବିନ୍ଦ ତୋଷମନେ । ପଡ଼ି ଅନାଦି ଶ୍ରୀଚରଣେ ।।

ଭୋ ପ୍ରଭୁ ଅନାଦି ଠାକୁର । ବୁଝିଲି ଶରୀର ସାଗର ।।

ଆବର ବାହ୍ୟମତେ କହ । ଶୁଣି ସନ୍ତୋଷ ହେଉ ଦେହ ।।

ଭକତ ବଚନେ ଅନାଦି । କହନ୍ତି ବାହ୍ୟ ଅନ୍ତ ଆଦି ।।

ଖ ମାତ୍ରା କ୍ଷୀରସିନ୍ଧୁ ହେଲା । ଡ଼ମାତ୍ରା ଦଧିକି ଲିହିଲା ।।

ଲମାତ୍ରା ଲବଣୀ ଶାକର । ଲା ମାତ୍ରା ଲେହିତ ତିମିର ।।

ଲମାତ୍ରା ହିଳବର୍ଣ୍ଣ ଆଦି । ରମାତ୍ରା ରକତ ବାରିଧି ।।

ସମାତ୍ରା ଶ୍ୱେତସିନ୍ଧୁ ହେଲା । ଅଗାଧ ଶକ୍ତରେ ରହିଲା ।।

ଆକାରେ ଆବୋରି ରହିଲା । କାରୁଣ୍ୟ ଜଳ ବୋଲାଇଲା ।।

ମାତାର ଛଡ଼ରଜ ଧାତୁ । ପିତାର ବୀଜ ସପ୍ତସେତୁ ।।

ଶୁଣିଲୁ ଟିକି ହୋ ଭକତ । ଶରୀର ଅର୍ଥ ବାହ୍ୟ ମତ ।।

ଶୁଣି ଗୋବିନ୍ଦ କୃତକୃତ୍ୟ । କହିଲେ ଅନାଦି ଅଚ୍ୟୁତ ।।

ଆନନ୍ଦେ ଶିରେ କର ଯୋଡ଼ି । ପୁଣି ପଚାରେ ପାଦେ ପଡ଼ି ।।

ପ୍ରଭୁ ଅନାଦି ଅବଧୂତ । କାହା ବ୍ରହ୍ମାଣ୍ଡ ଆତଯାତ ।।

କେମନ୍ତେ ହେଲା ନିବୀପୁର । ଶୁଣି ମୁଁ ଥିବଇଁ କଞ୍ଚର ।।

ଅନାଦି ଉବାଚ

କହେ ଅନାଦି ବ୍ରହ୍ମବେତ୍ତା । ତ୍ରିପୁର ଆଦିଅନ୍ତ କଥା ।।

ବେଦରୁ ଉଦିତ ବ୍ରହ୍ମାଣ୍ଡ । ରଚିଲା ପୃଥି ନବଖଣ୍ଡ ।।

ଶ୍ରୁତିରୁ ଶ୍ରୁତି ସଞ୍ଚରିଲା । ମୃତରୁ ପୃଥି ସଞ୍ଚରିଲା ।।

ପୃଥିବୀ ଏକାକ୍ଷର ହେଲା । ଅବନା ମନ୍ଦିରେ ରହିଲା ।।

କେତେ ବେଳରେ କେହି ନାହିଁ । ସହସ୍ରେ ଯୁଗ ଗଲା ବହି ।।

ପୁଣି ମନରେ ବିଚାରିଲା । ପ୍ରେମ ଯୁଗଳେ ସର୍ବ କଲା ।।

ତେଣୁ ସେ ଯୁଗଳେ ବସିଲା । ତହୁଟି ମେଳ ଜାଣିକଲା ।।

ପ୍ରସବ କଲେ ମହାମାଈ । ସପ୍ତ ଫେଣାରେ ଦେଲେ  ଥୋଇ ।।

ସପତ ଫେଣାରେ ରହିଲା । ତିନି ସହସ୍ର ଯୁଗ ଗଲା ।।

ସେ ସ୍ଥାନୁ ନେଇ ବଟଫୁଟେ । ଥୋଇଲେ ଆଶ୍ରମ ନିକଟେ ।।

ବଟ ଫୁଟରେ ଡ଼ିମ୍ବରହି । ସହସ୍ରେ ଯୁଗଗଲା ବହି ।।

ସେ ଡ଼ିମ୍ବ ଭିତରୁ ଯେ ପୁଣି । ବିଦିତ ସ୍ୱୟ କମଳିନୀ ।।

ସେ ଡ଼ିମ୍ବ ଭିତରେ ଯେ ଥାଇ । ରୋଦନ ଶବଦ ଶୁଭଇ ।।

ପିତା ଯେ ଜ୍ୟୋତି ନିରାକାର । ତକ୍ଷଣେ ଶୁଣିଲେ କର୍ତ୍ତର ।।

ବିଜୟ ବଟଫୁଟେ ଯାଇ । ଦେଖିଲେ ଢାଙ୍କୁଣି ଫିଟାଇ ।।

ଅମୂଲ୍ୟ ରତନ କୁମାରୀ । ରୂପ କୋଟିଏ ସୂର୍ଯା ସରି ।।

ଅନାଦି ଶ୍ରୀମଖ ବଚନ । ଭଣେ ଅର୍କ୍ଷିତ ଭୀମହୀନ ।।

ନମସ୍ତେ ସାଧୁସୁଜ୍ଞଜନ । ସର୍ବଦା ଚରଣେ ଶରଣ ।।

ଇତି ଶ୍ରୀ ନିର୍ବେଦ ସାଧନେ ଗୁରୁଶିଷ୍ୟ ବିଚାରଣେ ସପ୍ତସାଗର

ଆଦିଆନ୍ତ ଚରିତ୍ର କଥନେ ତ୍ରିପୁରା ବ୍ୟାଖାନେ ଅନାଦି

ଗୋବିନ୍ଦ ସମ୍ବାଦେ ନାମ ଅଷ୍ଟମୋ ଧାୟଃ ।

ନବମ ଅଧ୍ୟାୟ

ଗୋବିନ୍ଦ ଉବାଚ

ଶୁଣି ଭକତ ଅତି ତୋଷେ । ପଛଇ ଶ୍ରୀଗୁରୁ ପାରୁଶେ ।।

ଖୋଳର ଭିତରେ ଯେ ଥାଇ । ଆହାର ନିକି ଭଞ୍ଜୁଥାଇ ।।

କହେ ଅନାଦି ବ୍ରହ୍ମଜ୍ଞାନୀ । ଶୁଣ ଆହାର ଅର୍ଥ ପାଣି ।।

ଗର୍ଭେ ଯେ ଡ଼ିମ୍ବ ପ୍ରକାଶିଲା । ତାକୁ ପ୍ରସବ ଯେହୁ କଲା ।।

ଯେ ବ୍ରହ୍ମ ଭର୍ତ୍ତାରୂପେ ହରି । କରତାରୂପେ ହିତକାରୀ ।।

ଅକ୍ଷରେ ବର୍ଣ୍ଣିଲେ ନ ମିଶେ । ବ୍ୟକତ ବଚନ ନ ଭାଷେ ।।

ସେହି ତାହାର ସଖାମନ । ନିତ୍ୟେ ତିଅଇ ସ୍ୱଧାପାନ ।।

ସେ ଆଦି ବ୍ରହ୍ମ ନିରାକାର । ଯେତେକ କଲେ ସେ ବିଚାର

ଆପଣା ନାଭି କମଳରେ । କୋଟିଏ ବ୍ରହ୍ମା ଜାତକଲେ ।।

କୋଟିଏ ବର୍ଣ୍ଣରେ ନିବାରି । ମୁଖ ଚାହାନ୍ତେ ଗଲା ସରି ।।

ବିଚାରି ଜ୍ୟୋତି ନିରାକାର । ରଚାନା କଲେ ସେ ବିଚାର ।।

ନାଭି କମଳ ପଦ୍ମଦଳେ । ରଚିତ ଏକମନ କଲେ ।।

ତହିଁ ନିର୍ମିତ ପଦ୍ମବନ । ସୃଜିଲେ ଚଉଦ ଭୁବନ ।।

ସେ ନିତ୍ୟସ୍ଥଳ ଭୁବନେ । ଚୌଦ ବ୍ରହ୍ମାଣ୍ଡ ଜାତ କଲେ ।।

ଏକ ପୁରକୁ ଏକ ବ୍ରହ୍ମା । ଧାତା ପଣରେ ସୃଷ୍ଟି ସୀମା ।।

ଉଦରେ ଚଉଦ ବ୍ରହ୍ମାଣ୍ଡ । ସ୍ଥାପନା କଲେ ଖଣ୍ଡ ଖଣ୍ଡ ।।

ଉଦର କଳିପାର ଯେବେ । ବ୍ରହ୍ମାଣ୍ଡେ ସଞ୍ଚରିବ ତେବେ ।।

ମୁଁ ଯୋଗନିଦ୍ରା ଯାଉଅଛି । ସର୍ବ ନିର୍ମିତ କର ବାଛି ।।

କହି ସେ ଯୋଗନିଦ୍ରା ଗଲେ । ଲକ୍ଷ୍ମୀ ପୟର ମଞ୍ଚାଳିଲେ ।।

ସେ ଯେ ଚଉଦ ଗୋଟି ଭାଇ । ଯେ ଯାହା ଭୁବନକୁ ଯାଇ ।।

କଳଣା କଲେ ମନ ସ୍ମରି । ନ ପାରି ଆଦିଅନ୍ତ କରି ।।

ଏମନ୍ତ କେତେଯୁଗ ଗଲା । କାହାକୁ ଗୋଚର ନୋହିଲା ।।

କେହୁ ରହିଲା କେଉଁ ଦିଗେ । ନ ଦେଖି ଆଚମ୍ଭିତ ସର୍ବେ ।।

ଭ୍ରମି ସେ ପଥଶ୍ରମ ହେଲେ ରୁଣ୍ଡ ହୋଇଲେ ଏକମେଳେ ।।

ମୁଖକୁ ଚାହିଁ ପୁଛା ପୁଛି । କେବଳ  ପାଇଲି କିଛି ।।

ଧନ୍ୟ ଏ ପ୍ରଭୁଙ୍କ ଉଦର । ଅଗାଧ ସପତ ସାଗର ।।

ଯା ରୁମ ମୂଳରେ ମେଦିନୀ । ଗ୍ରନ୍ଥନ ଯତି ପନ୍ତି ପୁଣି ।।

ସପତ ସିନ୍ଧୁ ଯାକୁ ଢୋକେ । କାହିଁ ପାଇବା ତାକୁ ଠିକେ ।।

ଏଠାରେ ନ ପାଇଲୁ ଅବା । ଚାଲ ବାହ୍ୟମତେ ଖୋଜିବା ।।

ତହିଁରେ ...... ପ୍ରଚାର । ଛାମୁରେ କରିବା ଗୋଚର ।।

ଏମନ୍ତ ବୋଲି ବ୍ରହ୍ମାମାନେ .................................

ନାଭିରୁ ହୋଇଲେ ବାହାର । ଭ୍ରମିଲେ ଦିଗ ଦେଶାନ୍ତର ।।

ଏଥୁ ଉତ୍ତରେ କଥା ଯିସ । ଶୁଣ ସୁଜନେ ଦିବ୍ୟରସ ।।

ଯେ ମାତା ଲକ୍ଷ୍ମୀଠାକୁରାଣୀ । ........................

ବସିଛି ବେନିଜାଣୁ ପାରି । ବିଷ୍ଣୁରୁ ବେନି ପାଦ ଧରି ।।

କରେ ପୟର ମଞ୍ଚାଳିଣ । ଯୋଗରେ ମୋହେ ମନ ପୁଣ

ପାଦେ ମର୍ଦ୍ଦନ୍ତେ ବେନି ହସ୍ତ । ହସ୍ତେ ଲାଗିଲା ମଳି ଛିଟ ।।

ଆପଣା ବେନି ହସ୍ତ ମଛି । ଏକାନ୍ତ ମଳି ହେଲା ମେଣ୍ଟି ।।

ବେନି ଶ୍ରୀହସ୍ତେ ଛାଡ଼ିଦେଲେ । ପଡ଼ିଲା ଅଗାଧଜଳେ ।।

ପଡ଼ନ୍ତେ ବେନିଖଣ୍ଡ ହୋଇ । ମଧୁ କୈଟଭ ନାମ ବହି ।।

ଜଳ ସମାନେ ରଜରସ । ମଳି ହୋଇଲା ଚିନ୍ଦୁ ଘୋଷ ।।

ତରୁଣ ରୂପ ପ୍ରକାଶିଲା । ବେନି ବାଳକ ଉପୁଜିଲା ।।

ପିଇଲା ସପତ ସାଗର । ବଳିଷ୍ଠପଣେ ବଳୀୟାର ।।

ସେ ଯେ ଦନୁଜ ଭାଇ ବେନି । ଜଳ ହୋଇଲା ଆଷ୍ଟୁ ଆଣି ।।

ତରୁଣ ମୂର୍ତ୍ତି ପରକାଶ । ଉପୁତ୍ତି ସେ ବ୍ରହ୍ମ ରକ୍ଷସ ।।

ଚଉଦ ବ୍ରହ୍ମ ବୁଲୁଥିଲେ । ଜଗତ ରଚିବାର ଭୋଳେ ।।

ଉଠିଲେ ସେ ବେନି ରକ୍ଷସ । ....... ଛାମୁରେ ପରବେଶ ।।

ଲକ୍ଷ୍ମୀକିବେନି ଡୋଳେ । ଗରସ୍ତେ ଆହାର ମାଗିଲେ ।।

ଦିଅ ତୁ ସମ୍ପୂର୍ଣ୍ଣ ଆହାର । ପୁରାଅ ...... ଉଦର ।।

ଲକ୍ଷ୍ମୀ ବୋଇଲେ ଶୁଣ ବାବୁ । ଆହାର କିସ ଦେଖି୍ ମାଗୁ ।।

ଏଠାରେ ମାଟି ପୃଥି୍ ନାହିଁ । ଜୀବ ଜନ୍ତୁହିଁ ଆଦିନାହିଁ ।।

ମୋତେ ଯେ ଆହାର ମାଟିଲ । କାହୁଁ ଆଣି କରିବି ଠୁଳ ।।

ସିନ୍ଧୁକୁ ..... ସୁଖାଇଲ । ତହିଁରେ ଶାନ୍ତି ନ ହୋଇଲ ।।

ମୋତେ ରେ ନ ମିଳଇ କିଛି । କାହୁଁ ଆହାର ଦେବି ବାଛି ।।

ଏମନ୍ତ ଶୁଣି ତା ମୁଖୁ । ବାଇ ଲେଖାଇବୁ ତୁମ୍ଭଙ୍କୁ ।।

ପୁଣି ମନରେ କଲେ ଭ୍ରାନ୍ତି । ଏ ଦୁଷ୍ଟ ଦ୍ୟେତ୍ୟକୁଳ ଜାତି ।।

ଦ୍ୟେତ୍ୟକୁ ଚାହିଁ ଆଜ୍ଞା ଦ୍ୟନ୍ତ । ଚଉଦ ବୃନ୍ଦା ବୁଲୁଛନ୍ତି ।।

ତାଙ୍କୁ ଘଉଡ଼ି କର ଗ୍ରାସ । ବିହରୁଛନ୍ତି ଦଶଦଶ ।।

ମାତାଙ୍କ ମୁଖୁ ଏହା ଶୁଣି । ତକ୍ଷଣେ ସେ ଦାନବ ବେନି ।।

ଚଳିବେ ଦିଗ ଦିଗନ୍ତର । ବ୍ରହ୍ମାଙ୍କୁ କଲେ ସେ ଆହାର ।।

ଅଗାଧ ମହା ସିନ୍ଧୁ ଜଳେ । ଧରି ବୁଡାଇ ରଖି୍ ଦେଲେ ।।

ତ୍ରୟ ବ୍ରହ୍ମାକୁ କଲେ ଭକ୍ଷ । କେ ବୋଲେ ଆଉଥିବ ଦେଖ ।।

ଭ୍ରମିଲେ ଚାରିଦିଗ କଇ । ଆବର କିଛି ନ ଦିଶଇ ।।

ମନରେ ହୋଇଣ ଉତ୍ସୁକ । ପୁଣି ମିଳିଲେ ବିଷ୍ଣୁପାଖ ।।

ଆକୂଳେ ମାଗିଲେ ଆହାର । ଅରମ୍ଭ ପୁରେ ଉଦର ।।

ଆଧାର ଦେବୁ ହେଲେ ଦିଅ । ନୋହିଲେ ଛୁଇଁବୁ ତୋ ଦେହ

ସୁଧା ସମ୍ପୂର୍ଣ୍ଣ ତୋର ଅଙ୍ଗ । ଦିଅ ତୁ ରାତିରସ ରଙ୍ଗ ।।

ଏମନ୍ତ ବୋଲି କଟାଳନ୍ତି । ମାତା ମନରେ କଲେ ଭୀତି ।।

ଦେତ୍ୟ ବୋଇଲେ ଶୁଣ ସହି । ଚଳ ଆମ୍ଭର ସଙ୍ଗେ ତୁହି ।।

ଆମ୍ଭେ ତୋହର ପତି ଉତ୍ତା । କିମ୍ପାଇ ମନେ କରୁ ଚିନ୍ତା ।।

ଏମନ୍ତ ଶୁଣି କମଳିନୀ । ସେ ମହାବିଷ୍ଣୁର ଘରଣୀ ।।

ସେ ପ୍ରଭୁ ପାଦପଦ୍ମ ଚିନ୍ତି । ଭଣଇ ଭୀମ ହୀନମତୀ ।।

ଇତି ଶ୍ରୀ ନିର୍ବେଦ ସାଧନେ କୋଟିବ୍ରହ୍ମା ଉଦେ ପ୍ରଳୟ ସହାରଣ

ବିଷ୍ଣୁ ନାଭି କମଳେ ............. ଭୁବନ ନିର୍ମିତ ମଧୁକୈତମ୍ଭ

ଜନ୍ମ .......... ଗ୍ରହଗଣ କଥନେ ଶ୍ରୀ ଅନାଦି

ଗୋନିନ୍ଦ ସମ୍ବାଦେ ନାମ ନବମୋ ଧାୟଃ ।

ଦଶମ ଅଧ୍ୟାୟ

ଅନାଦି ଉବାଚ

ଏମନ୍ତେ ସେ ବେନି ଦଇତେ । ଚାତୁରୀ କରି ନାନାମନେ ।।

ବୋଲନ୍ତି ଶୁଣରେ ସୁନ୍ଦରି । ଭର୍ତ୍ତାତୋ ଯୋଗନିଦ୍ରା କରି ।।

ଶୟନ ମୂଳ ଅହନିଶି । ନ ଜାଣେ ଦିବା ରବି ଶଶୀ ।।

ଏଥିରେ କି କି ସୁଖ ପାଉ । ଏକା ତୁ ହୋଇ ବସିଥାଉ ।।

କିଛି ନ ପାଉ ପଉରୁଷ । ବିଅର୍ଥେ ଗଲା ତୋ ବୟସ ।।

ପତି ତୋ ହେଲା ଯୋଗଧାରୀ । ନ ପାରୁ ସୁଖ ଭୋଗ କରି ।।

ଆସ ଗୋ ତୋତେ ଆମ୍ଭେ ନେବୁ । ଆମ୍ଭର ଦାସୀ ତୁ ହୋଇବୁ ।।

ବେନି ପୁରୁଷେ ହେବୁ ଯୋଗ୍ୟେ । ପାଇବୁ ରତିରସ ଭୋଗ ।।

କହନ୍ତେ ସେ ବେନି ଅସୁର । ଡରେ କମ୍ପିଲେ ଥରହର ।।

କ୍ଷତ୍ରୀ ମୁରତି ଯେବେ ହୁଅ । ଜିଣି ପାରିଲେ ମୋତେ ନିଅ ।।

ଏମନ୍ତ କହି ସେ ମୃଗାକ୍ଷୀ । ଗର୍ଭ କମଳେ ଯାଇଁ ଲୁଚି ।।

ନାଭି କମଳ ଚମକିଲା । ବିଷ୍ଣୁର ନିଦ୍ରାହିଁ ଭାଙ୍ଗିଲା ।।

ଚକ୍ଷୁମଳିଣ ଚାହିଁ । ପାରୁଶେ ଉଭା ଦୈତ୍ୟ ଦୁଇ ।।

ଡାକିଲେ ଶବଦ ଶୁଭଇ । କାହି ଗଲଗୋ ମହାମାଈ ।।

ଥି ଲ ଯେ ନାଭି କମଳର । ତକ୍ଷଣେ ହୋଇଲେ ବାହାର ।।

ଛାମୁରେ ବେନିକର ଯୋଡ଼ି । ଉଭା ହୋଇଲେ କରଯୋଡ଼ି ।।

ନିରାକାର ଉବାଚ

ଏ ପୁଣ କେବଣ ବୃତ୍ତାନ୍ତ । ସ୍ୱରୂପ କହ ଗୋ ଆଗତ ।।

ଦିଶନ୍ତି ବୀରଦେଶ ମୂର୍ତ୍ତି । କାହୁଁ ହୋଇଲେ ଉଟପତ୍ତି ।।

ପରମ ଲକ୍ଷ୍ମୀ ଉବାଚ

ଭୋ ସ୍ୱାମୀ ଜଗତ କରତା । ମୋ ପ୍ରାଣ ଗତି ପଡ଼ିଦାତା ।।

ଆପଣ ଯୋଗ ନିଦ୍ରା ଯାଇ । ପୟର ମଞ୍ଚାଳନ୍ତେ ମୁହିଁ ।।

ଚରଣୁ ଭକୁଟନ୍ତେ ମଳି । ଜଳକୁ ଫୋପଡ଼ାଇ ଦେଲି ।।

ପଡ଼ିଲା ହୋଇ ବେନି ଖଣ୍ଡ । ଜନ୍ମିଲେ ଏ ଦୁଇ ପ୍ରଚଣ୍ଡ ।।

ଶୋଷିଲେ ସପତ ସାଗର । ପ୍ରବେଶ ହୋଇ ସେ ଆଗର ।।

ସଂପୂର୍ଣ୍ଣ ଆହାର ମାଗିଲେ । ନାସ୍ତି କରନ୍ତେ କୋପ କଲେ ।।

ଯେ ବ୍ରହ୍ମାନାଭି କମଳରେ । ଗର୍ଭ ଚଉଦ ଭୁବନରେ ।।

ଭ୍ରମି ସେ ପଥଶ୍ରମୀ ହେଲେ । କିଛି ଗୋଚର ନ ପାଇଲେ ।।

ବାହାରି ମୋତେ ଗଲେ କହି । ଗର୍ଭରେ ଗୋଚର ନ ପାଇ ।।

ବ୍ରହ୍ମା ବୋଲନ୍ତି ଶୁଣମାଏ । ଗମନ ବାହ୍ୟ ସୃଷ୍ଟି ଯାଏ ।।

ଯାଇ ଭ୍ରମିଲେ ଦଶଦିଶ । ଏମନ୍ତ ବୋଲେ ସେ ଭବିଷ ।।

ମୋ ଜାନୁ ଯୁଗଳକୁ ପାରି । ଆପଣା ପଦ୍ମ ପାଦ ଧରି ।।

କଳି ଶ୍ରୀହସ୍ତେ ମଞ୍ଚାଳିଣ । ଏମନ୍ତ ସମୟରେ ପୁଣ ।।

କଟାଳ କଲେ ଦୈତ୍ୟ ଦୁଇ । ଚଉଦ ବ୍ରହ୍ମା ଦେଲେ କହି ।।

ସୃଷ୍ଟିସାଧନ ଉଦେଶ୍ୟରେ ।  ଭ୍ରମନ୍ତି ଦିଗ ଦିଗନ୍ତରେ ।।

ଯାଅ ତାହାଙ୍କୁ ଧରି ଭକ୍ଷ । ତକ୍ଷଣେ ଉଠି ସେ ରାକ୍ଷସ ।।

ଦଶ ଦିଗରେ ଭ୍ରମି ଯାଇ । ଚୌଦ ବ୍ରହ୍ମାଣ୍ଡ ଦେଲେ ଖାଇ ।।

ସକଳ ଗୋଡ଼ାଇ ଖାଇଲେ । ପୁଣି ସେ ଛାମୁକୁ ଅଇଲେ ।।

ଆବର ଆହାର ମାଗିଲେ । ଚାଟୁ ବଚନ ପ୍ରକାଶିଲେ ।।

ମୋତେ ନେବାକୁ ତାଙ୍କ ମନ । କହି ଢମାଳି କଥାମାନ ।।

ତୁମ୍ଭଙ୍କୁ ଅନେକ ଧିକ୍କାର । କରୁଅଛନ୍ତି ବେନି ବୀର ।।

ଛାମୁରେ କରିବେ ପ୍ରମାଦ । ଆବର ମଗୁଛନ୍ତି ଯୁଦ୍ଧ ।।

ସେ ଦୁଇ ଦଇତଙ୍କୁ ଚାହିଁ । ଅଖିଳ ବ୍ରହ୍ମାଣ୍ଡ ଗୋସାଇଁ ।।

ନିରାକାର ଉବାଚ

ବୋଲନ୍ତି ବୀର ଶୁଣ ତୁମ୍ଭେ । ଯୁଦ୍ଧ କି କରିବ ମୋ ସଙ୍ଗେ ।।

ସଂଗ୍ରାମେ ଯେବେ ଜିଣି ପାରି । ତେଣୁ ମୋ ନେବ ନିଜ ନାରୀ ।

ତା ଶୁଣି ସେ ବେନି ଦଇତ । ସଂଗ୍ରାମ କରିବୁ ନିୟତ ।।

ଯୁଦ୍ଧକୁ ହେଲେ ଆଗୁସାର । ବିଷ୍ଣୁ ଯେ ଦେଲେକ ଉତ୍ତର

ଏଠାରେ ନୁହଇ ଆୟୁଧ । ହୋଇବ ମାଲବନ୍ଧେ ଯୁଦ୍ଧ ।।

ଦୈତ୍ୟ ତା କଲେ ସନମତ । ଆମ୍ଭେ ହୋ ମାରିବୁ ଆଗତ ।।

ଏମନ୍ତ ଶୁଣି ଜଗତଜିତା । ଅଶେଷ ବ୍ରହ୍ମାଣ୍ଡ କରତା ।।

ଅବନା ମଣ୍ଡଳକୁ ଚାହିଁ । ଅନାମ ନାମ ହରୁଡେ ଧାଇ ।।

ବଢାଇ ଦେଲେ ଭୁଜ ଦୁଇ । ସସ୍ରେ ଯୋଜନ ଗଲା ବହି ।।

ଛୌରାଶୀ ଯୁଣ ଦୀର୍ଘ ପ୍ରତି । କି ଅବା ଉଦେ ନବ କ୍ଷିତି ।।

ଲକ୍ଷ୍ମୀ ରହିଲେ ହୃଦୟରେ । ଦ୍ୱିତୀୟ ଭୁଜେ ବେନି ବୀରେ ।।

ଧରି ଝିଙ୍କିଲେ ମନ କରି । ଯେହେ ଅଚଳ ମେରୁଗିରି ।।

ଆବର ସିଂହ ରଡ଼ି ଦେଲେ । ଚଉଦ ବ୍ରହ୍ମାଣ୍ଡ କମ୍ପିଲେ ।।

ବାରଧି ହୋଇଲା ହାନ୍ଦୋଳି । କେବେ ସେ ନ ପାରିଲା ଢୋଳି ।।

ସଂଗ୍ରାମ କଲେ ଶତେବେଳ । ଅଙ୍ଗୁ ବହିଲା ଶ୍ରମଖାଳ ।।

ଯା ପାଦତଳେ ସପ୍ତସିନ୍ଧୁ । ଯାର ସୁଜନେ ନାଦ ବିନ୍ଦୁ ।।

ଯାର ହୃଦରେ ତିନି ପୁର । ଉଦୟେ ଚନ୍ଦ୍ର ଦିବାକର ।।

ହାରି ସକଳ ସର୍ବକର୍ମ । ଭୁଜେ ଦିଶନ୍ତି ଯେହେ ରୁମ ।।

ଧରି ସେ ନ ପାରିଲେ ଭିଡ଼ି । ଉଭା ହୋଇଲେ ଭୁଜ ଛାଡ଼ି ।।

ବୋଲନ୍ତି ପ୍ରଭୁ ନିରାକାର । ଆୟଉ ସଂଗ୍ରାମ ଏଥର ।।

ଜାଣିଲେ ସେ ବେନି ରାକ୍ଷସ । ନିଷ୍ଟେ ପରମ ବ୍ରହ୍ମ ପୁଂସ ।।

ନିଶ୍ଚୟ ଆମ୍ଭଙ୍କୁ ମାରିବେ । ଅଗାଧ ଜଳେ ପକାଇବେ ।।

ବୋଇଲେ ପ୍ରଭୁ ମୁଖ ଚାହିଁ । ଶୁଣିମା ଜଗତ ଗୋସାଇଁ ।।

ନିଷ୍ଟେ ଘେନିବ ଆମ୍ଭ ପ୍ରାଣ । ଏଥକୁ ମାଗୁଛୁ ............

ଭୋ ପ୍ରଭୁ ଏତେ ମାତ୍ରକର । ଜଳ ନ ଥିବା ଠାରେ ମାର ।।

ଏମନ୍ତ ଶୁଣି ନିରାକାର । ବଢାଇ ବେନି ......................

ଧରିଲେ ଜାନୁପରେ ଆଣି । ଦାସଙ୍କୁ ନ ଦିଶିଲା ପାଣ ।।

ଲାଗିଲା ସପ୍ତଦ୍ୱୀପ ପରି । ଦୁହିଁଙ୍କି ବେନିହସ୍ତେ ଧରି ।।

ଶିର ମୋଡ଼ିଣ ପ୍ରାଣନେଲେ । ଦୁହିଙ୍କ ଏକାନ୍ତ ମର୍ଦ୍ଦିଲେ ।।

କର୍ଣ୍ଣତଟରୁ କାଢି ମଳି । ପାଷାଣ କଲେ ତହିଁ ମଳି ।।

ବେନି ହସ୍ତରେ ମୂର୍ତ୍ତି ଗଢି । ସପ୍ତସାଗରେ ଦେଲେ ଛାଡ଼ି ।।

ବହୁଛି ଅଣରାଶ ବାଇ । ହୋଇଲେ ଟଳ ଟଳ ସେହି ।।

ଅଙ୍ଗରୁ ଉପାଡ଼ିଲେ ରୋମା । ପୋତିଲେ କରି ମେରୁ ଖମ୍ବ ।।

ଶୁଣିଲୁ ଟିକି ହୋ ଭକତ । ପୃଥି ରଚନା ବିଧିମତ ।।

ଶୁଣି ଗୋବିନ୍ଦ ଛନ୍ନ ଛନ୍ନ । ଭଣେ ପାମର ଭୀମ ହୀନ ।।

ନୋହିଲା ନ ବୋଲିବା ସଛେ ।ଯାହା ବଖାଣ ମୋର ଚିତ୍ତେ ।।

ଇତି ଶ୍ରୀ ନିର୍ବେଦ ସାଧନେ ପୃଥିରଚନାଜାତକ ......................

ନିରାକାର ବେନି ଦାନବ ଯୁଦ୍ଧ କରଣେ ଶ୍ରୀ ଅନାଦି

ଗୋବିନ୍ଦ ସମ୍ବାଦେ ନାମ ଦଶମୋ ଧ୍ୟାୟଃ ।

ଏକାଦଶ ଅଧ୍ୟାୟ

ଅନାଦି ବ୍ରହ୍ମ ଉବାଚ

ଶୁଣ ଗୋବିନ୍ଦ ଶୁଦ୍ଧଚିତ୍ତେ । ମୁଁ ଯାହା କହୁଅଛି ତୋତେ ।।

ଚାରି ରୁମରୁ ଚାରିଗିରି । ପୃଥିରେ ଆଭରଣ କରି ।।

ତେବେ ନ ରହେ ବସୁନ୍ଧରା । ଠେଲେ ଲହରୀ ପରଖରା ।।

ସେ ବିଷ୍ଣୁ ଅଙ୍ଗରୁ ଉଦିତ । ସମସ୍ତେ ହୋଇଲେ ବିଦିତ ।।

ତାଜୁକା ହାର ଶୂନ୍ୟ କଲେ । ଅରୂପାବଟ ଭିଆଇଲେ ।।

କର୍ଣିକା ତଟେ ଚତ୍ରଦାଇ । ସ୍ଥଳରେ ଉଜାଣି ବୁହାଇ ।।

ବେନି ନୟନେ ଚନ୍ଦ୍ର ସୂର୍ଯ୍ୟ । ଉଦେ ଅସ୍ତର କଲେ ଉଜ ।।

ସୂର୍ଯ୍ୟର ତେଜ ଅଗ୍ନିପ୍ରାୟ । ଚନ୍ଦ୍ରମା ତେଜ ହେମମୟ ।

କର୍ଣ୍ଣରେ ଶବଦ ବାରଣ । ଭେଦମାର୍ଗକୁ କଲେ ଜନ୍ମ ।।

ନାସାରେ ଅଣଚାଶ ବାଇ । ଜନ୍ମ ସେ ଚଉଦିଗେ ବହି ।୧୦।

ମୁଖୁଁ ଅନଳ ଜାତ କଲେ । ଦହନ ଅନ୍ତେ ନିର୍ଭା କଲେ ।।

ହୃଦରୁ ଜାତ ତିନିପୁର । ଯେ ସ୍ୱର୍ଗ ପତାଳ ଭିତର ।।

ସ୍ୱର୍ଗକୁ ଅର୍ଦ୍ଧଶୂନ୍ୟ ସ୍ଥାପି । ନକ୍ଷତ୍ର ଦେବାନ୍ତ ନିରୋପି ।।

ସକଳ ଆପେ ନିର୍ଭାକରି । କୋଟିଏ ଆପ ନୋହେ ସରି ।।

ପୃଥି ହେଉଛି ଟଳ ଟଳ । କେବେହେଁ ନ ରହେ ନିଶ୍ଚଳ ।।

ଅଙ୍ଗରୁମ ସେ କଲେ ଗିରି । ସ୍ଥିରେ ନ ରହେ ରସୁନ୍ଧରୀ ।।

ମନରେ ବିଚାର ପଡ଼ିଲା । ସହସ୍ରେ ଯୁଗ ବହିଗଲା ।।

ଧ୍ୟାନ ଧାରଣା ମନେ ଧରି । ଅବନାକ୍ଷରକୁ ସୁମରି ।।

ବସିଲେ ନିଶ୍ଚଳିତ ହୋଇ । ଗଲା ସହସ୍ରେ ଯୁଗ ବହି ।।

ପ୍ରସନ୍ନେ କିଛି ନ କହିଲା । ଧ୍ୟାନ ଯୋଗକୁ ବିଛାଇଲା ।୨୦।

ପୁଣି ବସନ୍ତେ ମନ ଦେଇ । ............... ବର୍ଷ ଗଲା ବହି ।।

ତହିଁରେ କିଛି ନ କହିଲା । ପୁଣି ଯୁଗକୁ ଆରମ୍ଭିଲା ।।

ସାଧନ୍ତେ ପିଣ୍ଡ ଜନ୍ମ ପାଇ । ତିନିସହସ୍ର ଯୁଗ ବହି ।।

ଯହୁଁ ସେ ସାଧ ହେଲା । ଶୂନ୍ୟରୁ ଶବଦ ଶୁଭିଲା ।।

କର ତୁ ଯୁଗଳ ମେଳାପ । ଜାତ ହୋଇବେ ତିନିରୂପ ।।

ପ୍ରଥମ ପୁତ୍ର ନାମ ବ୍ରହ୍ମା । ଦ୍ୱିତୀୟ ପୁତ୍ର ବିଷ୍ଣୁ ନାମା ।।

ତୃତୀୟ ପୁତ୍ର ନାମ ହର । ଛାଡ଼ି ତୁ ଯୋଗଧ୍ୟାନ ଘୋର ।।

ଆସନୁ ଉଠି ନିରାକାର । ବିଜୟ ଲକ୍ଷ୍ମୀ ପାରୁଶର ।।

ବୋଲନ୍ତି ଆସ ଆଗୋ ସହି । ନେଇ ସେ ଆସ୍ଥାନେ ବସାଇ ।।

ରମଣ କରି କୋଳେ ଘେନି । ପ୍ରଳୟ ହୋନ୍ତେ ପାଦ ପାଣି ।।

ଯୋଗକୁ ଘେନି କଲେ ରତି । ଜନ୍ମିଲେ ବିନ୍ଦୁ ତିନିମୂର୍ତ୍ତି ।।

ସଂସର୍ଗ କରି ଗର୍ଭଗତ । ଜାଣିଲେ ଜନ୍ମର ସଂଜାତ ।।

ତକ୍ଷଣେ ଛାଡ଼ି ସେ ରମଣ । ଯୋଗ ନିଦ୍ରାରେ ପହୁଡ଼ିଣ ।।

ଶ୍ରୁତିରୁ ସୁତ ସଂଚରିଲା । ମୂର୍ତ୍ତିରୁ ଜ୍ୟୋତି ପ୍ରକାଶିଲା ।।

ଏକରୁ ଦୁଇମାସ ହୋନ୍ତେ । ରୂପ ପ୍ରକାଶ ଗର୍ଭଗତେ ।।

ତିନିରୁ ଚାରି ପାଞ୍ଚମାସ । ପାଞ୍ଚଶାଖାଟି ପରକାଶ ।।

ଛଡ଼ରୁ ସପ୍ତ ଅଷ୍ଟଯାଏ । ଗର୍ଭରେ ବୁଲୁଛନ୍ତି ପୋଏ ।।

ଅଷ୍ଟରୁ ନବମାସ ହେଲା । ସଂପୂର୍ଣ୍ଣ ଦଶମାସ ଗଲା ।।

ପ୍ରସବକଲେ ତିନିସୁତ । ଦେଖିଣ ହୋଇଲେ ଉଷତ ।।

ସେ ତିନି ଏକା ଏକମୂର୍ତ୍ତି । ଗୋଟିଏ ସୂର୍ଯ୍ୟ ତେଜକାନ୍ତି ।୪୦।

ସିଦ୍ଧ ସୁଫଳ ଯୋଗ ହେଲା । ବିଷ୍ଣୁର ନିଦ୍ରା ନ ଭାଙ୍ଗିଲା ।।

ଚକ୍ଷୁ ମଣିଣ ରହିଦେଲେ । ସେ ତିନିପୁତ୍ର ପାଦତଳେ ।।

ଦେଖିଣ ମନରେ ଆନନ୍ଦ । ବିଚାର କଲେ ଆଦିକନ୍ଦ ।।

ସମାନ ତିନିଗୋଟି ........ । ଅବଶ୍ୟ କରିବେ ଜଗତ ।।

ମନରେ ହରଷିତ ହେଲେ । ନନ୍ଦନ ପାରୁଶକୁ ଗଲେ ।।

ଡ଼ିମ୍ବର ଖୋଳରୁ ବାହାର । କୋଳେ ଝିଅକୁ ନିରାକାର ।।

କୋଟିଏ କନ୍ଦର୍ପ ମୁରତି । ପ୍ରକାଶ ରୂପବର୍ଣ୍ଣ କାନ୍ତି ।।

ଜାନୁ ଯୌବନରେ ଶୋଭିତ । ବାଳକ ପ୍ରାୟ ତିନିସୁତ ।।

ବୋଲନ୍ତି ଶୁଣ ଗୋ .............. । ନାମ ତୋହର ଆଦିମାତା ।।

ଯାଅ ନନ୍ଦିନୀ ତୁ ବହନ । ଆଶ୍ରମ ପୃଥିର ମଧେଣ ।।

ବିହରୁ ଥିବୁ ଚଉଦିଗ । ଯାକୁ ଦେଖିଲେ କର ଭୋଗ ।।

ଏମନ୍ତ ଶୁଣନ୍ତେ ସେ ବାଳୀ । ପିତା ବଚନ ଆଜ୍ଞା ପାଳି ।।

ଚଳିଲା ମର୍ତ୍ତ୍ୟମଣ୍ଡଳକୁ । ଏ ପୃଥି ରଚନା ହେବାକୁ ।।

ସୁଦୟା ହୋଇବା ଭୋ ମାତ । ବନ୍ଧୁ ତୁମ୍ଭର ଓପ ଜାତ ।।

ଶାମଳ ସୁନ୍ଦର ମୁରତି । ବନ୍ଧୁ ତୁମ୍ଭର ରୂପ କାନ୍ତି ।।

ବନ୍ଧୁ ତୁମ୍ଭର ପଦ୍ମପାଦ । ଗମନ ଚାଲି ମନ୍ଦ ମନ୍ଦ ।।

ଅତି ସୁନ୍ଦର ବେନି ଜାନୁ । କୋମଳ ଶୋଭା ସଞ୍ଚତନୁ ।।

ବନ୍ଦୁ ଯୁଗଳ କଟିଭାବ । ଉଦର ପାଖା କର ଯୋଗ ।।

ବନ୍ଦଇ ଉରଜ ଯୌବନ । ଆବର ବକ୍ଷ ଯେ ସମାନ ।।

ବନ୍ଦୁ ତୁମ୍ଭର ହସ୍ତଭୁଜ । କଣ୍ଠ କୋକିଳ ବାଣୀ ସଜ ।।

ବନ୍ଦୁ ତୋ ଅଧର ଶୋଭିତ । ରଙ୍ଗମା ବର୍ଣ୍ଣରେ ବିଦିତ ।।

ଆବର ବନ୍ଦୁ ନାସା ମୁଖ । ଚକ୍ଷୁ ଚାତୁରୀ କର୍ଣ୍ଣ ଲକ୍ଷ ।।

ବନ୍ଧୁ ତୋ ଲଲାଟ କପୋଳ । ଅଣ ଚିତ୍ରରେଢଳ ହଳ ।।

ଆବର ବନ୍ଦ ଚାରୁ କେଶ । ବତିଶ ଲକ୍ଷଣ ବୟସ ।।

ମର୍ମୁର୍ଣ୍ଡେ ସର୍ବ ଅଛି ପୁରି । କୋଟି କାମିନୀ ନୋହେ ସରି ।।

ଶରଣ ଆଦି ମାତା ପୃଥ୍ । କେବଳ ମାଗୁଛି ବିନତ ।।

ନମସ୍ତେ ତୁମ୍ଭ ପାଦଗଡ଼େ । ତିନି ବ୍ରହ୍ମାଣ୍ଡଦିଶୁ ମୋତେ ।।

ସେ ଯାହା ବିଶ୍ରାମରେ ଥିଲା । ଦେଖିବ ଯେବେ ଜ୍ଞାନ ଡୋଳେ ।।

କରୁଣା କୂପ ଜଳ କରୁଣା । କେ ହେବ କବିପଣେ ଜିଣା ।।

କବିଙ୍କ ହୃଦେ କରି ବାସ । କୁବୁଦ୍ଧି ଶୁବୁଦ୍ଧି ପ୍ରକାଶ ।।

ସମାନ ବର୍ଣ୍ଣ ଚାରିରସ । ତେଣୁ ନ ଲାଗେ ପାପଦୋଷ ।।

ରୂପକୁ ଚାହି ଯୋଡ଼ିପଦ । ସାର ଅସାର ସର୍ବ ଭେଦ ।।

ନ ଥାଇ ପାପ ଦୋଷ ଭୟ । ଦେହ ସର୍ବଦା ପୂଣ୍ୟମୟ ।।

ଶାହାସ୍ତ୍ର ଆରମ୍ଭ କରଇ । ତୋ କୃପା ଭିକ୍ଷା କରେ ମୁହିଁ ।।

ଶରଣ ତୋର ପାଦତଳେ । ସଦୟ ଥିବ ସଦାକାଳେ ।।

ଯେତେ ଦିନ ଏ ପିଣ୍ଡେ ପ୍ରାଣ । ସଞ୍ଚିବେ ଶ୍ରୀଗୁରୁ ରାଜନ ।।

ତେତେ ପର୍ଯନ୍ତେ ଶାସ୍ତ୍ରଗୀତ । ଜଗତେ କରିବ ବିହିତ ।।

ତୁମ୍ଭର ଆଜ୍ଞାରେଭରସା । ଯେହ୍ନେ ଚାତକ ମାନେ ଆଶା ।।

ସେ ରୂପେ କବି ଅଛି ଦୃଢ । ଭଣେ ଅର୍କ୍ଷିତ ଭୀମ ମଢ ।।

ନିନ୍ଦାନ ଦେବ ସାଧୁ ସଙ୍ଗେ । ଯାହା ଦିଶିଲା ହୃଦଗଦେ ।।

କେବଳ ଅନୁଭବ କରି । ପଡଲୋଡ଼ାଇ ଅନୁସରି ।।

ବାଳୁତ ବୟସ ଉତ୍ସୁକ । ଜନ୍ମରୁ ଅଟେ ବାଇ ମୂର୍ଖ ।।

ଇତି ଶ୍ରୀ ନିର୍ବେଦ ସାଧନେ ନିରାକାର ପିଣ୍ଡ ରଚନେ ଧ୍ୟାନ ଯୋଗକଥନେ, ବ୍ରହ୍ମା ବିଷ୍ଣୁ ମହେଶ୍ୱର ମହାମାଈ ଜନନେ ଅନାଦି ଶୋବିନ୍ଦ ସମ୍ବାଦେ ନାମ ଏକାଦଶେ ଧାୟଃ ।

ଦ୍ୱାଦଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ହୃଦେ ଭକତି ଚିତ୍ତେ ଧ୍ୟାଇ । ଭୋ ନାଥ ଶୁଣିମା ଗୋସାଇଁ ।।

ସେ ବ୍ରହ୍ମା ବିଷ୍ଣୁ ହର ଜାତ । ସେଠାରୁ ହୋଇଲା କେମନ୍ତ ।।

ସ୍ୱରୂପ ଶୁଣିଥିବ ମୁହିଁ । ଶ୍ରୀମୁଖେ ଫେଡ଼ିଦେବା କହି ।।

ଅନାଦି ଉବାଚ

ଗୋବିନ୍ଦ ବଚନେ ଅନାଦି । ଯେ ବ୍ରହ୍ମା ବିଷ୍ଣୁହର ଆଦି ।।

ବୋଲନ୍ତି ଭକତକୁ ଚାହିଁ । ଶୁଣ ତୁ ସାବଧାନ ହୋଇ ।।

ଯେ ବ୍ରହ୍ମା ବିଷ୍ଣୁ ନିରାକାର । କହିଲେ ପୁତ୍ରଙ୍କୁ ତାଙ୍କର ।।

ତୁମ୍ଭେ ଯେ ତିନିଗୋଟି ଭାଇ । ଏକ ଆରକେ ସମ ହୋଇ ।।

କେହି କାହକୁ ନୋହେ ଊଣା । ସମାନେ ବ୍ରହ୍ମାଣ୍ଡ କଳଣା ।।

ମୋହର ଆଜ୍ଞା ଘେନି ଯାଅ । ଓଁ କାରୁ ଏକାକ୍ଷର ନିଅ ।।

ଯେରୂପେ ଜଗତ ସର୍ଜନା । ସେ ରୂପେ କର ପୁଚ୍ଛାଗୁଣା ।।

ଏକରୁ ଅନେକ ଭିଆଣ । ତିନି ବ୍ରହ୍ମାଣ୍ଡ କର ଯାଇ ।।

ସ୍ଥିତି ମୁଁ କଲି ଶତେବାର । ଗିରି ପୋତିଲି ଚଉଫେରି ।।

ତଥାପି ନୋହିଲା ନିଶ୍ଚଳ । ପୃଥିରେ ଦେଉଛି ଟଳ ଟଳ ।।

ତା ଶୁଣି ବ୍ରହ୍ମା ହରିହର । ତୁମ୍ଭେତା ଭୁଞ୍ଜିତପାର ।।

ଆମ୍ଭର ବୃତେ କିସ ହୋଇ  ।ଭରସା କରିବୁ କିପାଇଁ ।।

ପାରିଲେ ଯାହା କରମକୁ । ନ ଯାଉଁ ମର୍ତ୍ତ୍ୟମଣ୍ଡଳକୁ ।।

ନିରାକାର ଉବାଚ

ପୁତ୍ରଙ୍କ ବାଣୀ ଶୁଣ କର୍ଣ୍ଣେ । କୋମଳ ମଧୁର-ବଚନେ ।।

ବୋଲନ୍ତି ଶୁଣସିରେ ସୁତ । ନ ଗଲେ ହୋଇବ କେମନ୍ତ ।।

ପୂର୍ବ ବାସନା ପୂଣ୍ୟ ଥିଲା । ଆମ୍ଭ ବିହିଲେ ସଞ୍ଚରିଲେ ।।

ତୁମ୍ଭପାଇଁ ତିନିସୁତ । ତା ପରେ ଏ ଦେହ ଗଞ୍ଜିତ ।।

ତପେ ତ୍ରିସସ୍ର ଗଲା ବହି । ଜନ୍ମିଲେ ତିନି ଗୋଟି ଭାଇ ।।

ତୁମ୍ଭ ଭରସା ମୋର ଆଶ । କିପାଇଁ କରୁଛ ନରାଶ ।।

ଜଗତ ହୋଇଥିଲା ଶୂନ୍ୟ । ତିଥିରେ ଚନ୍ଦ୍ରସୂର୍ୟ୍ୟଗଣ ।।

ନ ଥିଲା ଆପ ତେଜ ବାଇ । ବିଶ୍ରାମ ଆସ୍ଥାନ ନ ଥାଇ ।।

ବସିଲୁ ଧନ୍ୟମାର୍ଗ ଯୋଗେ । ରଖିଲୁ କର୍ତ୍ତା କର୍ମ ଶୁଭେ ।।

ତୁମ୍ଭେ ଜନ୍ମିତ ନାହିଁ ପୁଣି । ରଚିଲୁ ଏତେ କଥା ଆଣି ।।

ଏଥିଉତ୍ତରୁ ତୁମ୍ଭେ ଜାତ । ହେବ ଏମନ୍ତେ ପିତା ସୂତା ।।

ପିଅର ବୋଲି ଏବେ କର । ସୃଷ୍ଟିରେ ଯାଇ ପରିହର ।।

ବଚନ କଲେ ଅବଜ୍ଞାଧି । ହୋଇବ ପିତା ଅପରାଧୀ ।।

ପିତା ଯେ ଗୁରୁଙ୍କ ସମାନ । ଶ୍ରୀଗୁରୁ ପିତା ମାତା ଜାଣ ।।

ଏ ଦୁଇ ଆଜ୍ଞା ଭ୍ରାନ୍ତି । ଅନ୍ତକାଳରେ ନକ ଗତି ।।

ଶୁଣିଣ ସେ ତିନି ନନ୍ଦନ । ବିଚାରି ହେଲେ ସାବଧାନ ।।

ବୋଇଲେ ଯିବୁଟି ଭୋପିତା । ଦେଉଛ କି କି ପରା ବାର୍ତ୍ତା ।।

ପୁତ୍ରଙ୍କ ମୁଖୁ ଶୁଣି ବାଣୀ । ସେ ନାଥ ବ୍ରହ୍ମ ଜ୍ୟୋତି ମଣି ।।

ବିଜଯ ଅବନୀ ମଣ୍ଡଳେ । ଦ୍ୟୁତି ଓଁ କାରକ୍ଷର ଠୁଳେ ।।

ବର୍ଣ୍ଣ ଆଣିଲେ ନିରାକାର । ଦେଲେ ସେ ବ୍ରହ୍ମା ଶ୍ରୀହସ୍ତର ।।

ତକ୍ଷଣେ ତିନିଗୋଟି ସୁତ । ନମିଲେ ପିତା ପାଦଗତ ।।

ପିଅର ବାଞ୍ଛିଲେ କଲ୍ୟାଣ । ସୃଷ୍ଟି କରତା ତିନିଜଣ ।।

ଗଲେ ସେ ତିନିଗୋଟି ଭାଇ । ମର୍ତ୍ତ୍ୟ ମଣ୍ଡଳେ ହେଲେ ଯାଇ ।।

ଅଗ ପଛରେ ତିନିଜଣ । ଦିଗକୁ କରନ୍ତି ଗମନ ।।

କେତେହିଁ ଦୂର ବହିଗଲେ । ହରକୁ ଚାହିଁ ଆଜ୍ଞା ଦେଲେ ।।

ଯାଅ ସ୍ଥାନୁ ବେଗେ ତୁହି । ସୃଷ୍ଟିକି କଳିଆସ ଯାଇ ।।

ସକଳ ବିଚାର ଦେଖିଲେ । ବିଚାର କରିବା ନା ଭଲେ ।।

ଦେଖିଲେ ସାର ବ ଅସାର । କହିବ ଆମ୍ଭର ଆଗର ।।

କର୍ଣ୍ଣେ ଶୁଣିବା ଯେବେ ଆମ୍ଭେ । ବୁଦ୍ଧି ରଚିବା ଅନୁଭବେ ।।

ଯେହୁଁ ଯହିଁ କି ହେବ ଲକ୍ଷ । କରିବା ସେହିରୂପେ ଯୋଗ ।।

ବହନ ଚଳିଗଲେ ହର । ଭ୍ରମିଲେ ଦିଗ ଦିଗନ୍ତର ।।

ଯହୁଁ ବହନେ ଗଲେ ହର । ବ୍ରହ୍ମା ଫିଟାଇ ବେଦଭାର ।।

ଫେଡ଼ି ସେ ବହନେ ପଢିଲେ । କିଛି ଗୋଚର ନ ପାଇଲେ ।।

ନିରୋପି ଚାହିଁ ଅନୁସରି । ଚିହ୍ନା ନ ଗଲା ତଥ୍ୟକରି ।।

ଚାହିଁଣ ବୋଲି ଶୋକଭର । ଅନ୍ତ ନ ମିଳିଲା ଅକ୍ଷର ।।

ବ୍ରହ୍ମା ବିଷ୍ଣୁର ହସ୍ତେ ଦେଲେ । ବିଷ୍ଣୁ ହିଁ ପଢି ନ ପାରିଲେ ।।

ପୁଣି ବ୍ରହ୍ମାଙ୍କ ହସ୍ତ ଦେଲେ । ବ୍ରହ୍ମାତା ସାଇତି ଥୋଇଲେ ।।

ବୋଲନ୍ତି ବ୍ରହ୍ମାଦିଶନୁ ଦୁଇ । ହର ସାଜୁନ ଗଲା କାହିଁ ।।

କିପାଁ ତୁରିତେ ନ ଅଇଲେ । ମନରେ ବିସ୍ମୟ ହୋଇଲେ ।।

ଉଠ ହୋ ତୁରିତେ ନ ଅଇଲେ । ମନରେ ବିସୟ ହୋଇଲେ ।।

ଉଠ ହୋ ଲୋଡ଼ିଯିବା ଚାଲ । କିସ କରୁଛି ଏତେବେଳେ ।।

ଉଠିଲେ ବ୍ରହ୍ମାବିଷ୍ଣୁ ଦୁଇ । ଲୋଡ଼ିଲେ ଚାରିଦିଗେ ଯାଇ ।।

ବିଷାଦ ହୋଇ ଲୋଡ଼ିଛନ୍ତି । ଇଶ୍ୱର କାହିଁ ନ ଦିଶନ୍ତି ।।

ଯେ ନିରାକାରଙ୍କ ଦୁହିତ । ସେ ମର୍ତ୍ତ୍ୟ ହୋଇଛି ଉପୃତି ।।

ଜାନୁ ଯୌବନ ଦୁହିତ । ସେ ମର୍ତ୍ତ୍ୟ ହୋଇଛି ଉପୃତ୍ତି ।।

କାମ କନ୍ଦଣାରେ ଲମ୍ପଟ । କରି ବିବିଧବନ୍ଧେ ନାଟ ।।

ଆପଣେ ଭାସି ଆପେ ହସି ଆପେ । ଆପେ ରସିକ ଆସେ ଦାସୀ ।।

ଶୁକଳ କରି ଚାରୁ କେଶ । ଆପ ପ୍ରେମରେ ଆପେ ବଶ ।।

କରିଛି ବେଲବନେ ବାସ । ସେ ବନମଧ୍ୟରେ ବିଳାସ ।।

ବସନ୍ତ ବହେ ଘନ ଘନ । କାମ ଉପଜେ ଅନୁକ୍ଷଣ ।।

ଏମନ୍ତ ସମୟରେ ହର । ପ୍ରବେଶ ବେଲ ନ ଠାର ।।

ଯହିଁ ରହିଛି ଆଦି ମାତା । ଭେଟିଲେ ପରୁଷ ହରନ୍ତା ।।

ଦଇବେ ତରୁଣ ବୟସ । ଗଞ୍ଜି ମାରୁଛି ପ୍ରେମରସ ।।

ଆତୁରେ ଧାଇଲେ ଆତ୍ରୋଷି । ରତିଯୁଗଳେ ଗଲେ ମିଶି ।।

କାମ ଆରତ ହୋଇ ହର । ନାରୀଙ୍କୁ ଘେନି ସେ କୋଳର ।।

କରି ବିବିଧମତେ ରତି । ଶୃଙ୍ଗାର ରସେ ମାତିଛନ୍ତି ।।

ହର ପୁରୁଷ ଆଦି ଶକ୍ତି । ରାତ୍ର ଦିବସ ନ ଜାଣନ୍ତି ।।

ବ୍ରହ୍ମାଦି ବିଷ୍ଣୁ ଥିଲେ କହି । ସେ କଥା ସଙ୍ଗୋଛନ୍ତି ରସି ।।

ରସରେ ମତ୍ତଭୋଳ ହୋଇ । ସହସ୍ରେ ଯୁଗ ଗଲା ବହି ।।

ଏମନ୍ତ ବ୍ରହ୍ମା ବିଶ୍ୱେଶ୍ୱର । ଯାଇଣ ଭେଟିଲେ ସେ ହର ।।

ସେ ଦୁଇ ଯୁଗ କରେ ମିଶି । ଦେଖିଲେ ବ୍ରହ୍ମା ବ୍ରହ୍ମରାଶି ।।

ଅନେକ ଧିକକାର ଯେ କଲେ । ଆଦିମାତାକୁ ଗାଳିଦେଲେ ।।

ବୋଇଲେ ଧିକ ତୋ ଜୀବନ । ଧିକ ତୋ ହସ୍ତସି ବିଜ୍ଞାନ ।।

ଧିକ ତୋର ଯୁବ ଯୌବନ । ସ୍ତିରୀ ଜାତି ତ ତୋର ହୀନ ।।

ଏ ଦୁଷ୍ଟି କଳିବାର ପାଇଁ। ହରକୁ ଢେଲୁ ପଠିଆଇ ।।

ଏ ଯେ ତୋହର କିସ ବୁଦ୍ଧି । ଭୁଲାଇ ରଖିବାର ବିଧି ।।

ଧିକ ତୋହର ଏ ପ୍ରକୃତି । କହିବା ପୁଣ ଆଦି ଶକ୍ତି ।।

ବ୍ରହ୍ମାଙ୍କ ମୁଖୁ ଏହା ଶୁଣି । ସେ ଆଦି ଶକତି କାମିନୀ ।।

କୋପିତେ ପ୍ରଜଳିତ ହେଲେ । ମୋତେ କିପାଇଁ ନିନ୍ଦ୍ରବୋଲେ ।।

ଆମ୍ଭର କିଛି ଦୋଷ ନାହିଁ । ତୁ ବ୍ରହ୍ମା ଜାଣିବୁଟି କାହିଁ ।।

ଦଇବେ ଅଟୁ ଯୁବାସ୍ତିରୀ । ରଜର ସାଙ୍ଗ ଦେହେ ପୁରି ।।

ଶୃଙ୍ଗାର ରଜବୀୟ ମୁଖେ । ତୁ ବ୍ରହ୍ମା ନିନ୍ଦାକରୁ କିସେ ।।

ମୋର ତାହାର କିସ ଦୋଷ । ରଜ ବୀର୍ଯରୁ ଏ ଭବିଷ ।।

ତାହାର ମନ ଆମ୍ଭମନ । ଏଥିରେ ଦୋଷ ନାହିଁ ଜାଣ ।।

ତୁ ବ୍ରହ୍ମ ନିନ୍ଦାକଲୁ ଯେବେ । ଯୋନିରେ ଭ୍ରମ ଯୁଗେ ଯୁଗେ ।।

ସର୍ଜନା ନାଥକୁ ନ ଛାଡ଼ି । ରଜବୀର୍ଯ୍ୟରେ ଥିବୁ ବୁଡ଼ି ।।

ନିନ୍ଦା ତୁ ଧିତକାରିଣ କଲେ । ସୃଷ୍ଟି କଳିବୁ କାହାବୋଲେ ।।

ସ୍ତିରୀ ଯେବେ ଅଗାଧ ସାଗର । ଭବଜଳଧି ମହାଘୋର ।।

ଆମ୍ଭର ଅନ୍ତ ଯେବେ ପାଉ । ତେବେ ତୁ ଦେବତା ବୋଲଉ ।।

ସଙ୍ଗ ନୋହିଲେ ଆମ୍ଭପୁରେ । ପୃଥି କରିବୁ କି ପ୍ରକାରେ ।।

ବୁଝିବା ତୋର ଧାତାପଣ । ବୋଲି ଚଳିଲେ ନିଜସ୍ଥାନ ।।

ହର ରହିଲେ ମଥା ପୋତି । ସେ ବ୍ରହ୍ମା ବିଷ୍ଣୁ ଦୁଇ ମୂର୍ତ୍ତି ।।

ବହୁଡ଼ି ବହନେ ବଳିଲେ । ଛାମୁରେ ପ୍ରବେଶ ହୋଇଲେ ।।

ନମିଲେ ପିତା ପାଦ ଗତ । ଭଣିଲେ ଭୀମ ଅରକ୍ଷିତ ।।

ନିନ୍ଦା ନ ଦେବ ସାଧୁସନ୍ଥ । ଯାହା ଦିଶିଲା ହୃଦଗତେ ।।

ଇତି ଶ୍ରୀ ନିର୍ବେଦ ସାଧନେ ବ୍ରହ୍ମା ବିଷ୍ଣୁ ସୃଷ୍ଟି ସର୍ଜନେ

ହାର ଆଦିଶକ୍ତି ଅଙ୍ଗ ସଙ୍ଗ ଚରିତ କଥନେ

ନାମ ଦ୍ୱାଦଶ ଧ୍ୟାୟଃ ।

ତ୍ରିୟୋଦଶ ଅଧ୍ୟାୟ

ଶୁଣି ଗୋବିନ୍ଦ ଗଦ ଗଦ । ନମିଲେ ଗୁରୁଙ୍କର ପାଦ ।।

ଯାହା ଶ୍ରୀମୁଖେ ଆଜ୍ଞା ହେଲା । ଶୁଣି ମନରେ ପ୍ରତେଗଲା ।।

ସେ ବ୍ରହ୍ମା ବିଷ୍ଣୁ ହର ତିନି । ଅଇଲେ ଏକାକ୍ଷର ଘେନି ।।

ତହିଁ ପାଇଲେ ଅପଯଶ । ବାହୁଡ଼ା ଗଲେ ପିତା ପାଶ ।।

ଦେଖି ସେ କି ଦେଲେ ଉତ୍ତର । ଭୋ ସ୍ୱାମୀ ଶୁଣି ଶ୍ରଦ୍ଧା ମୋର ।।

ସେ ବେଦ ପଢି ନ ପାରିଲେ । ତେଣୁ ସେ କି ବିଚାର କଲେ ।।

ଆବର ସାଜୁନ ଯେ ହର । ନ ଗଲେ ପିତାଙ୍କ ଛାମୁର ।।

ଅନାଦି ଉବାଚ

ଭକ୍ତ ବଚନେ ଅବଧୂତ । କହନ୍ତି ଅକ୍ଷର ବହୁତ ।।

ସେ ବ୍ରହ୍ମା ବିଷ୍ଣୁ ବେନିଭାଇ । କହିଲେ ପିତା ଆଗେ ଯାଇ ।।

ତୁମ୍ଭ ଆଜ୍ଞାରେ ତିନି ସୁତ । ମେଦିନୀ ରଚିଲେ ଆଗତ ।।

ଗଲୁସେ ଏକାକ୍ଷର ଘେନି । ମାତ୍ରହିଁ ପାରିଲୁ ଚିହ୍ନି ।।

ଆବର ସାନୁଜକୁ ଆମ୍ଭେ । ପଠାଇ ଦେଲୁ ଯନ୍ତ୍ର ଶୁଭେ ।।

ଯେବଣ ଆଦିଶକ୍ତି ନାରୀ । ଛନ୍ଦିଲା କାମେ ବଶ କରି ।।

ଭେଟନ୍ତେ ଏ ଭବିଷ ଦେଖି । ହରକୁ ଅଇଲୁ ଉପେକ୍ଷି ।।

ଏସନ ପିତାକୁ କହନ୍ତେ । ଆସି ମିଳିଲେ ହର ପଥେ ।।

ମିଳିଲେ ପିତାଙ୍କ ଆଗର । ବୋଲେ ଅପ୍ରାଧ କ୍ଷମାକର ।।

ମୁଁ ବଡ଼ ମନ୍ଦ କୃତ୍ୟ କଲି । ମାତୃ ହରଣ ଦୋଷ କଲି ।।

ଏଥକୁ ଯେଉଁ ପ୍ରତିକାର । କି କର୍ମ କଲେ ଦୋଷ ପାର ।।

ଶୁଣି ବୋଲନ୍ତି ନିରାକର । ଅଜ୍ଞାନେ ଅକର୍ମା ଆଚାର ।।

ସ୍ୱଭାବେ ବୟସ ବାଳୁତ । ତହିଁରେ ନାହିଦୋଷ କୃତ ।।

ଦୋଷରେ ବିଚାର ପ୍ରମାଣ । ତୁମ୍ଭର ଠାରୁ ଆଗ ଜନ୍ମ ।।

ଆମ୍ଭର ଅଟେ ସେ ଦୁହିତା । ନାମ ତା ଦେଲ ଆଦିମାତା ।।

ମେଦିନୀ ସ୍ୱଭାବେ ଚଞ୍ଚଳ । କେବେ ସେ ନୋହିଲା ନିଶ୍ଚଳ ॥

ପେଷିଲ ଆମ୍ଭେ ଆଜ୍ଞା କରି । ପୃଥିରେ ରହିଲା ଆବୋରି ॥

ସମ୍ଭାଳି ରହିଲା ଜଗତ । ତେଣୁ ହୋଇଲା ଆଦିମାତ ॥

ସେହି କର୍ମରୁ ଶୁଣ ଶିଷ୍ୟ । ଲଭିଲୁ ମାତୃ ହର ଦୋଷ ॥

ସଂଶଯ ନ କର ତୁ ବାବୁ । କଥାଏ ପଛନ୍ତେ କହିବୁ ॥

ଦେବି ଅଷ୍ଟାଙ୍ଗ ଆଦି ଯୋଗ । ମାତୃରଣ ଦୋଷ ଯିବ ॥

ବୋଲନ୍ତି ଜ୍ୟୋତି ବ୍ରହ୍ମ ଶ୍ରେଷ୍ଠ । ପଢନା ସିଦ୍ଧି ରସ୍ତୁ ପାଠ ॥

ଶୁଣିଣ ସେ ତିନି କୁମର । ଆଜ୍ଞାକୁ ହେଲେ ଆଗୁସାର ॥

ପାଠର ସିଦ୍ଧି ବିଧି କଥା । ଶ୍ରୀମୁଖେ କହିବେ ତୋ ପିତା ॥

କେତେ ଲାଗଇ ଧୂପ ଦୀପ । ସୁମରି ଲେଖିବାକୁ ଜପ ॥

ସ୍ୱରୂପ କେମନ୍ତେ ଧୂପ ଦୀପ । ସୁମରି ଲେଖିବାକୁ ଜପ ॥

ସ୍ୱରୂପ କେମନ୍ତେ ଜାଣିମା । ସକଳ ବିସ୍ତାର କହିବା ॥

ନିରାକାର ଉବାଚ

ବୋଲନ୍ତି ବ୍ରହ୍ମ ନିରାକର । ସ୍ନାନ ଶୌଚ ବେଗେ କର ॥

ତାହା ଶୁଣିଣ ତିନିସୁତ । ସ୍ନହାନ ସାରିଲେ ତୁରିତ ॥

ଛାମୁରେ ଯାଇ ଉଭା ହେଲେ । ତିନିଙ୍କି କୋଳରେ ଧଇଲେ ॥

ମନ୍ତ୍ର ପଡିଲେ ବର୍ଣ୍ଣ ଧରି । ବତିଶ ନାମ ଷୋଳକ୍ଷରୀ ॥

କର୍ଣ୍ଣରେ କଲେ ସମାଯୁକ୍ତ । ତକ୍ଷଣେ ଲଭିବେ ମୂକତି ॥

ଓଁ କାର ସ୍ୱାହାଭବି । ବୋଇଲେ ଲେଖ ଶ୍ରୀୟାଦେବୀ ॥

ଶ୍ରୀ ହସ୍ତେ ପିତା ଦେଲେ ଲିହି । ପୁତ୍ରେ ଶିଖିଲେ ଦ୍ରୁଷ୍ଟି ଦେଇ ॥

ଲେଖା ସରନ୍ତେ ନାମ ସ୍ୱାର । ପ୍ରସନ୍ନ କରାଅ ଅକ୍ଷର ॥

ଅନେକ ବିନୟ କରନ୍ତି । ବିଦ୍ୟା ଦିଅ ଗୋ ସରସ୍ୱତୀ ॥

କଣ୍ଠରେ ବିଜେ କର ମାତ । ଯେ ବିଦ୍ୟା ଭାର ପରାପତ ॥

ଯେ ମାତ୍ରା ଯେମନ୍ତ ବିଧାନ । ଲେଖନ୍ତେ ହେବ ପରସନ୍ନ ॥

ବୋଇଲେ ଜ୍ୟୋତି ଅନରୁପ । ସ ଅକ୍ଷର ଆଗେ ଲେଖ ॥

ପିତା ବଚନେ ପୁତ୍ରେ ହାକି । ଲେଖନ କଲେ ସିଦ୍ଧି ଡାକି ॥

ସିଦ୍ଧିରୁ ବର୍ଣ୍ଣିଲେ ମାତରା । ସୁତେ ସଢିଲେ ସଖ୍ୟ ସାରା ॥

ଧିମାତ୍ରା ଯେହ୍ନୁ ଦୃଢ ଧାମ । ଦେଖା ହୃଦଯେ ପୂଣ୍ୟ କାମ ॥

ରରସ୍ତୁକ୍ଷର ମାତ୍ରା ଲେଖ । ରାଆ ରକ୍ଷଣରେଟି ରକ୍ଷ ॥

ତୁ ମାତ୍ରା ତକ ଟାଣେ ତତ୍ତ୍ୱ । ଟହ୍ନୁ ଆଚାର ଧର୍ମ ସତ୍ୟ ॥

ଯେ ଅ ଅକ୍ଷର ମାତ୍ରା ବର୍ଣ୍ଣ । ଏହାଙ୍କୁ କର ଛିନ୍ନ ଭିନ୍ନ ॥

ଅହିଂସା କେଉଁ କେଉଁ ଦ୍ରବ୍ୟ । ତୀବ ଜାଣିବ କର୍ମ ସର୍ବ ॥

ନିଆଶା ଅତୋଷ ସମ୍ପଦ । ଜାଣ ଅକ୍ଷର ଅର୍ଥ ଭେଦ ॥

ରୁ ଅକ୍ଷର ବର୍ଣ୍ଣ । ଗ୍ରନ୍ଥ ସାଗର ଗୁରୁଜନ ॥

ଓଁକାର ଆକାର ବିକାର । କାଳିନ୍ଦୀକୂଳେ ଖିଳଧର ॥

ଉଦୟ ଅସ୍ତସୁସ୍ତ ଇତି । ପ୍ରତେକ୍ଷ ପୃଥି ପତ୍ୟଗତି ॥

ର ର ଅକ୍ଷର ମାତ୍ରାବର । ବିଛିନ୍ନେ ଲେଖାରେ ବିହର ॥

ଚାରକେ କିରଣ କାମୋଦ । ରକ୍ଷରସ୍ତୁ କେ ଆଦ୍ୟ ମଧ ॥

ଲାବଣ୍ୟ ଲଳିତ ଲୋଭରେ । ଚିରଭ ସୁରଭି ସ୍ୱଗରେ ॥

ଏ ଅହର ମାତ୍ରା ଗଢ଼ି । ଅଭ୍ୟାସେ ଧରି ମାତ୍ରା ଧାଡ଼ି ॥

ଇହ ମାତ୍ରା ଯା ହାସ୍ୟ ତେଜ । ହରଣେ କାରଣେ କାମଜ ॥

ଇ ଆମ୍ଳାଗତ ସାରସ୍ୱତ । ଆସରା ପାଶରେ ପ୍ରଘାତ ॥

ଭୋଅ ମାତ୍ରାକୁ ପଢା ଘେନ । ଜ୍ୟୋତି ଜଗତକୁ ଧାରଣ ॥

ଆଶା ବିକାର ଦିବ୍ୟସାର । ସାଧୁ ସନ୍ଥକୁ ପ୍ରତିକାର ॥

ଓଁକାର ବିକାର ଫୁକାର । ତ୍ରିଅଥିତୀରେ ବିଜେ କର ॥

ଯେ ଘାତ ଗତ ପଥ ମଣି । ଚିତ୍ତରେ ରଖିଥିବ ଜାଣି ॥

ପୁତ୍ରଙ୍କୁ ଚାହିଁ ନିରାକର । କହନ୍ତି ପାତକ ବିଚାର ॥

ସମାତ୍ରା ଜଗତ ସର୍ଜନା । ପମାତ୍ରା ପଣ୍ଡିତ ରଚନା ॥

ବ ମାତ୍ରା କ୍ଷୀର ଜାତ କରି । ବାଳୁତ ମୁଖେ ଦେବ ଭରି ॥

ବ ମାତ୍ରା ବଢିରୁ ବ୍ରହ୍ମାଣ୍ଡ । ତ୍ରିପୁର ପୃଥି ନବଖଣ୍ଡ ॥

ବ ମାତ୍ରା କୁଶଳକୁ ଭଜି । ର ମାତ୍ରା ଶିଳାସୂତ୍ରେ ହେଜି ॥

ଦ ମାତ୍ରା ଦୟା ଉପୁଜିବ । ଖ ମାତ୍ରା କ୍ଷମା ଆଚରିବ ॥

ବ ମାତ୍ରା ଧର୍ମକୁ ସ୍ଥାପିଣ । ବୃକ୍ଷରୁ ଫଳ ଉପୁଜିଣ ॥

ପ ମାତ୍ରା ପରମ ସଞ୍ଚରି । ଜ ମାତ୍ରା ଜୀବ ଆଦିକରି ॥

ବ ମାତ୍ରା ବୀଜବିନ୍ଦୁ ଜାଣ । ର ମାତ୍ରା ରଜରସ ଧ୍ୟାନ ॥

କ ମାତ୍ରା କାମଜାତକରି । ମୋହରେ ମାୟାକୁ ଆବୋରି ॥

କଅରୁ କ୍ରୋଧିକୁ ଜନ୍ମାଇ । ଅଙ୍ଗେ ଭବିବ ବ୍ରହ୍ମ ନେଇ ॥

ଲଅରୁ ଲୋଭ ଉପୁଜିବ । ଯେ ପାପ ମୃତ୍ୟୁକୁ ଧିଆନ ॥

ତାହା ଭାବୁ ପଣ୍ଡ ଶୋଧି । ଯେ ଅସ୍ଥି ଚର୍ମମାଂସ ମେଦ ॥

ସକାମ ନିଷ୍କାମ ସମାନ । ଜଳ ପବନ ପାପ ପୁଣ୍ୟ ॥

ପଞ୍ଚମ କ୍ଷରୁ ପାଞ୍ଚମନ । ଏକରୁ କରି ଭିନ୍ନା ଭିନ୍ନା ॥

ଯା ମାତ୍ର ପ୍ରକୃତି ଜନ୍ମାଇ । ସ୍ଥାପିବେ ମନ ପାଶେ ନେଇ ॥

ମନ ଯେ ଅଟେ ମହାରାଜା । ପଚିଶ ପ୍ରକୃତି ପରଜା ॥

ଏହାକୁ ସଙ୍ଗେ ଘେନି ମନ । କରିବେ ସ୍ୱଭାବେ ହରଣ ॥

ତଅରୁ ତୁଷ୍ଟକି ଧରିବୁ । ଏରୂପେ ପିଣ୍ଡକୁ ଗଢିବୁ ॥

ସଞ୍ଚବୁ ସୁଧାମୃତ ସାର । ଫଳ ବିହରିବ ଶରୀର ॥

ମାତ୍ରା ଗର୍ଭରେ ଦେବୁ ଠାବ । ପ୍ରସନ୍ନ ଦଶମାସ ଯୋଗ ॥

ମାୟା ଖେଳରେ ନଟକୁଟ । ମାୟାରେ ଛତିଶ ପାଟକ ॥

ଏହାଙ୍କୁ ତ୍ରିଯା କର୍ମେ ଆଣି । ଅନ୍ତର କରାଇବୁ ପାଣି ॥

ବ୍ରହ୍ମ ଉବାଚ

ବ୍ରହ୍ମାଏ ବୋଇଲେ ଭୋପିତା । ଶୁଣ ମୁଁ ହେଲି ଆଶ୍ଚୟିତା ॥

ଦେଇଛୁ ଏକାଙ୍ଗ ଅକ୍ଷର । ବୋଲି ଛତିଶ ଜାତିକର ॥

ଏକାନ୍ତ ବୀଜ ପରଭିଭାଗ । କେମନ୍ତେ ନାହାଜାତି ହେବ ॥

ସ୍ୱରୂପ ବିବିଧ ବର୍ଣ୍ଣରେ । ନିର୍ମିତ କେମନ୍ତ ପ୍ରକାରେ ॥

ନିରାକାର ଉବାଚ

ବୋଲନ୍ତି ଶୁଣରେ ନନ୍ଦନ । ଏ ନଟ କୁଟର ଭିଆଣ ॥

ମାୟା ସମ୍ମୋହ ଖେଳ ଘର । ସଦମାର୍ଗକୁ ପରାପର ॥

ଶରୀର ଅର୍ଥ କି କି ଦୋଷ । ଏ ସର୍ବ ବାହ୍ୟରେ ଭବିଷ ॥

ବୁଝି ପାରିଲେ ମାର୍ଗଜ୍ଞାନ । ଚିହ୍ନିଲେ ସମସ୍ତେ ସମାନ ॥

ସ୍ୱରୂପ ରଚିବୁରେ ବଳା । ଲିହିବୁ ଶ୍ରେଷ୍ଠ ତେଜ ବଳା ॥

ବଡ଼ ଲୋକଙ୍କୁ ବଡ଼ ପଦ । ସାନଲୋକକୁ ସାନ ପଦ ॥

ଯାହାର ବିଧି ଯେଉଁ ମତ । କରିବୁ ବେଦରେ ଆଗତ ॥

ବ୍ରହ୍ମାକୁ କହିଲେ ତିଆରି । ବିଧାତା ପଣେ ଅଧିକାରୀ ॥

ବିଷ୍ଣୁଙ୍କୁ ଚାହିଁ ନିରାକାର । ତୁସର୍ବ ଜୀବ ଅଧିକାର ॥

ସକଳ ଜୀବର କରତା । ବୋଲାଅ ଅନ୍ନ ଜଳ ଦାତା ॥

ଏମନ୍ତ କହି ନିରାକାର । ତିଆରି ଆମ୍ଭାରୁ ଅକ୍ଷର ॥

ସେ ପ୍ରଭୁ ପାଦପଦ୍ମ ଧ୍ୟାଇ । ଭଣେ ଅଧମ ଭୀମ ଭୋଇ ॥

ଇତି ଶ୍ରୀ ନିର୍ବେଦ ସାଧନେ ବ୍ରହ୍ମା ବିଷ୍ଣୁ ପାଠ ପଠନେ ଅକ୍ଷର

ମାତ୍ରା ବର୍ଣ୍ଣନେ ପୃଥିରଚନା ପିଣ୍ଡାଦି ନିର୍ମିତ ସକଳ

ବୃତ୍ତାନ୍ତ ବୋଧନେ ଶ୍ରୀ ଅନାଦି ଗୋବିନ୍ଦ ସମ୍ବାଦେ

ନାମ ତ୍ରିୟୋଦଶୋଧାୟଃ

ଚତୁର୍ଦ୍ଦଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ଶୁଣି ଭକତ ଅତି ତୋଷ । ପୁଛଇ ଶ୍ରୀଗୁରୁ ପାରୁଶ ।।

ଭୋ ପ୍ରଭୁ ବ୍ରହ୍ମାଣ୍ଡ ନାୟକ । ନାମ ଅନାଦି ସିଦ୍ଧ ଜପ ।।

ତୁମ୍ଭର କୃପାରେ କାରଣ । ହେବ ଜଗତ ଉଦ୍ଧାରଣ ।।

ସେ ବ୍ରହ୍ମା ବିଷ୍ଣୁ ତିନି ପୁଅ । ଗଲେ କି କାହିଁ ତାହା କହ ।।

ଶ୍ରୀ ଅନାଦି ଉବାଚ

ଭକ୍ତ ମୁଖରୁ ଏହାଶୁଣି । ସେ ଯେ ଅନାଦି ମହାଜ୍ଞାନୀ ।।

ଶୁଣ ଗୋବିନ୍ଦ ଶୁଦ୍ଧଚେତ । ସେ ପୂର୍ବେ ଆଦିଅନ୍ତ କଥା ।।

ସେ ନିରାକାର ବ୍ରହ୍ମ ହରି । ପୁତ୍ରଙ୍କ ଅନେକ ତିଆରି ।।

କହିଲେ ସକଳ ବୁଝାଇ । ଶୁଣ। ଗୋବିନ୍ଦ ମନ ଦେଇ ।।

ପିଅର ବୋଲନ୍ତି କୁମର । ଅନାଦି ଶ୍ରୀଗୁରୁ ତୁମ୍ଭର ।।

ତାଙ୍କୁ ସୁମରି ହୃଦଗତେ । ମନ ପବନ ଧ୍ୟାନ ଚିତ୍ତେ ।।

ପ୍ରସନ୍ନ ହୋଇବେ ଅବଶ୍ୟ । କରିବେ ବଡ ଉପଦେଶ ।।

ବ୍ରହ୍ମା ବୋଲନ୍ତି ପୁଣ ତାତ । କେମନ୍ତ ଜାଣି ମୁଁ ତା ଅନ୍ତ ।।

କହିବ ତହିଁର ଯେ ସ୍ଥିତି । ଯେବଣଠାରେ ରହିଛନ୍ତି ।।

ପିତା ବୋଇଲେ ଶୁଣ ବାବୁ । ଚିହ୍ନିଲେ ଏହିଠାରେ ସବୁ ।।

ସେ ଯେ ଅନାଦି ଅବଧୂତ । ଧରନ୍ତି ଭିନ୍ନ ଭିନ୍ନ ମତ ।।

ତାହାଙ୍କୁ ଆମ୍ଭର ଭଜନା । କୃପାରେ ଆମ୍ଭେ ଜନ୍ମ ସିନା ।।

ରୂପ ଅରୂପ ରସମାନ ।ବିକାର ନାହିଁ ଭିନ୍ନା ଭିନ୍ନ ।।

ତାଙ୍କ ମହିମା କହି ନୋହି । ଶୂନ୍ୟ ମଣ୍ଡଳେ ଛନ୍ତି ରହି ।।

ସକଳ ଜୀବରେ ସମାନ । ନାମ ଅନାଦି ଭଗବାନ ।।

ବ୍ରହ୍ମକୁ କହି ଦିବାକର । ଶୁଣିଣ ସେ ତିନି କୁମର ।।

ଭୋ ପିତା ଆଜ୍ଞାଦିଅ ତୁମ୍ଭେ । ମର୍ତ୍ତ୍ୟ ମଣ୍ଡଳେ ଯିବୁ ଆମ୍ଭେ ।।

ପୃଥିକି କରିବୁ କାରଣ । ଭଜି ଅନାଦି ନାରାୟଣ ।।

ବ୍ରହ୍ମା ବିଷ୍ଣୁଙ୍କୁ ଆଜ୍ଞା ଦେଲେ । ବହନେ ଯାଆରେ ବୋଇଲେ ।।

ପିତାଙ୍କୁ କରି ନମସ୍କାର । ତକ୍ଷଣେ ହୋଇଲେ ବାହାର ।।

ପିତା କଲ୍ୟାଣ ବାଞ୍ଛା କଲେ । ଆଶିଷ୍ୟ ପଦ ତାଙ୍କୁ ଦେଲେ ।।

ଚଳିଲେ ବ୍ରହ୍ମା ବିଷ୍ଣୁ ବେନି । ପ୍ରବେଶ ହୋଇଲେ ମେଦିନୀ ।।

ହର ରହିଲେ ପିତାପାଶ । ପୁଚ୍ଛୀଲେ ଯୋଗର ଆଦେଶ ।।

ଭୋ ପ୍ରଭୁ ଯୋଗର ବିଚାର । କେଉଁ ସାଧନା ବିଧି ତାର ।।

ପୁତ୍ର ବଚନ ଶୁଣି ପିତା । କହନ୍ତି ଯୋଗଘର କଥା ।।

ଶୁଣ ଇଶ୍ୱର ମନଦେଇ । ଅଷ୍ଟାଦଙ୍ଗ ଯୋଗ ଦେବା କହି ।।

ଭୂମିରେ ଆସନ ତୋଳିବୁ । ମାଟି ଚଞ୍ଚଳ ନ କରିବୁ ।।

ପିଣ୍ଡକୁ କରି ନବପୃଥି । ମଧରେ ହୋମକୁଣ୍ଡ ଗୋଟି ।।

ସ୍ଥାପିବ ଅନହତ ଧ୍ୱନି । ପଚିଶ ପ୍ରକୃତିକି ଘେନି ।।

ଧରି ପକାଇ ଅଗ୍ନିକୁଣ୍ଡ । ଯୋଗରେ ରଖିଥିବ ପିଣ୍ଡ ।।

ସାଧନା କରିଥିବ ଭେଦ । ବ୍ରହ୍ମ ପ୍ରକୃତି କି ସମିଧ ।।

ଦୃଢ ଆସନ ଧାନ ମୂଳ । ପିଣ୍ଡ ନୋହିବ ଟଳ ଟଳ ।।

ଦେହରେ ଲୋମ ନ ହଲିବ । ଘଣ୍ଟିକା ଜିହ୍ୱା ନ ହଲିବ ।।

ନାସା ପବନ ନ ଫେରିବ । ଚକ୍ଷୁ ଟମକ ନ ମରିବ ।।

ଆବର ଏ ମେରୁ ଦଣ୍ଡକୁ । ନୁହଇ ନ ଭାଙ୍ଗିବ ତାକୁ ॥

ସାଧନା କରି ବେନିଚକ୍ଷୁ । ଭଲଟାଇବି ଭିତରକୁ ॥

ସାଧାନେ ମେରୁଦଣ୍ଡ ସବୁ । ଏହାକୁ ଓଲଟି ରଖିବୁ ॥

ଯେ ଗଙ୍ଗା ଯମୁନା ତ୍ରିବେଣୀ । ଉଲଟି ରହିବ ଉଜାଣି ॥

ଶୁଖି ରହିବ ଅନ୍ତ ପିଣ୍ଡ । ସାଧନା ହେବ ପରାପତ ॥

ନିଶ୍ଚଳେ ରଞ୍ଜଳକୁ କୋଟି । ହୃଦରେ ପକାଇବୁ ଗଣ୍ଠି ॥

କାମକୁ କରିବ ଦୋହନ । ଯୋଗ ସାଧନେ ନେବ ଦିନ ॥

ନବ ହାରରେ ମୁଦଦେଇ । ଶୂନ୍ୟ ହାରକୁ ଥିବୁ ଚାହିଁ ॥

ନାମ ତା ଅଜପା ଅଜାତ । ତହିଁ ହୋଇଛି ଉପଗତ ॥

ଅବନା ମଣ୍ଡଳେ ସଞ୍ଚରି । ଲାଗିଛି ସୂତା ଖିଅ ପରି ॥

ତ୍ରିକୁଟ ମହା ସନ୍ଧି ବାଟ । କେଶ ପ୍ରମାଣେ ବ୍ରହ୍ମ ମୋଟ ॥

ବିଶ୍ରାମ ନୋହେ ଏକଠାଇଁ । ତାହାର ଦିବା ନିଶି ନାହିଁ ॥

ତାହାକୁ ପରରେ ତୁ କର । ମାତୃ ହରଣୁ ହେବୁ ପାର ॥

ଜୀବ ନିର୍ମଳ ହେବ କାୟେ । ରହିବୁ ଜ୍ୟୋତି ଲିଙ୍ଗ ପ୍ରାୟେ ॥

ହରଣ ଦୋଷ ଯିବ ପାର । ରହିବୁ ଯୁଗ ଯୁଗାନ୍ତର ॥

ସାଧି କରିବୁ ସର୍ବସିଦ୍ଧି । ଏଯେ ଅଷ୍ଟାଙ୍ଗ ଯୋଗବିଧି ॥

କରି ନିଶ୍ଚଳଠାରେ ବସା । ସୁଖ ଭୋଗରେ ନାହିଁ ଆଶା ॥

ନିରତେ କରି ଯୋଗଘର । ବାଞ୍ଛିତବରେ ଅଧିକାର ॥

ଯେହୁ ତୋନ ଭକତି ସେବାକୁ । ଭକତି ବାଞ୍ଛା ତୁଚ୍ଛା ତାକୁ ॥

ଧନବାଞ୍ଛଲେ ଧନ ଦେବୁ । ପଣ ଇଚ୍ଛିଲେ ପଣ ଦେବୁ ॥

ମଙ୍ଗଳ ବାଞ୍ଛା ଶ୍ରୁତି ମନ । କୋଳକୁ ଦେବୁ ପୁତ୍ରଦାନ ॥

ଦୁଃଖ କଷ୍ଟରେ ଯେହୁ ଭୀତ । ତାହାର ଫେଡ଼ିବୁ ଦୁର୍ଗତି ॥

ଯେ ତାର ସେବାକୁ କୁଶଳ । କାମନା କରିବୁ ସଫଳ ॥

କରିବୁ ପରାପର ନାହିଁ । ସର୍ବ ଜୀବକୁ ଥିବୁ ଚାହିଁ ॥

କଲୁ ସମ୍ପଦେ ଅଧିକାର । ନ ଦେଲେ ତୋତେନାହିଁ ପାର

ଯାହାର ଯେମନ୍ତ ଭକତି । କରିବୁ ସେହିରୂପେ ରୀତି ॥

ବୁଝାଇ କହିଲି ନନ୍ଦନ । ଯେ ବିଧି ଯେମନ୍ତ ବିଧାନ ॥

କହିଲି ଯୋଗର ବିଶ୍ବାସ । ଯାଅ ତୁ ବ୍ରହ୍ମ ବିଷ୍ଣୁ ପାଶ ॥

ଅନାଦି ହେବେ ପରସନ୍ନ । କହିବେ ସକଳ ବିଧାନ ॥

ସେ ପ୍ରଭୁ ସର୍ବଜ୍ଞ ପୁରୁଷ । ଆପେ ରଚିଲେ ଦଶଦଶ ॥

କରିବ ଜଗତ ସର୍ଜନା । ସେ ବେନିଭାଇ ତୁମ୍ଭେ ସିନା ॥

ଶରୀରେ ଜଗତ ରଞ୍ଜନ । ଯିବ ଏ ଏକାମ୍ର କାନନ ॥

ତହିଁ କରିବୁ ଯୋଗ ସିଦ୍ଧ । ଛାଡ଼ିବ ଦୋଷ ପାପବଧ ॥

ପିତାକୁ କଲେ ନମସ୍କାର । କଲ୍ୟାଣ କଲେ ନିରାକାର ॥

ବହନ ଚଳିଲେ ସେ ହର । ସେ ବ୍ରହ୍ମା ବିଷ୍ଣୁ ପାରୁଶର ॥

ପାଶେ ପ୍ରବେଶ ହେଲେ ଆସି । ତପ ସାଧନେ ଛନ୍ତି ବସି ॥

ହର ବସିଲେ ତହିଁ ଯାଇଁ । ସେ ତିନି ଆତ୍ମାରୂପ ଧାଇ ॥

ଧାଇ ବାସନତେ ସସ୍ର ଯୁଗ । କର୍ମ୍ମଣଗଲା ତିନି ଭାଗ ॥

ଏ ପୃଥି ସ୍ବଭାବେ ଚଞ୍ଚଳ । ତହୁଁ ଅଧିକେ ଟଳ ଟଳ ॥

ଆମ୍ଭର ଆସ୍ଥାନ କର୍ମ୍ମିଲା । ମନକୁ କାତର ଲାଗିଲା ॥

ତଳକୁ ଦୃଷ୍ଟି ଦେଲୁ ଚାହିଁ । ତପଧ୍ୟାନରେ ତିନିଭାଇ ॥

ତପରେ ନାମ କଲେ ଲୟ । ଆମ୍ଭର ମନ ନାହିଁ ଥୟ ॥

ଆସି ମିଳିଲୁ ତାଙ୍କକତି । ସେ ବ୍ରହ୍ମାବିଷ୍ଣୁ ତିନିମୂର୍ତ୍ତି ॥

ଉଭା ହୋଇଲୁ ଆମ୍ଭେ ଯାଇ । ତପରୁ ଉଠି ତିନିଭାଇ ॥

ଚରଣେ କଲୁ ନମସ୍କାର । ନମସ୍ତେ ଅନାଦି ଇଶ୍ୱର ॥

ନମସ୍ତେ ଜ୍ୟୋତି ମନୋହର । ନାମ ତା ଅଗାଧ ସାଗର ॥

ଜୟ ଅନାଦି ବ୍ରହ୍ମ ଜ୍ୟୋତି । ତୋହର ନାହିଁ ରୂପକାନ୍ତି ॥

ଅକାମ ଅରୂପକୁ ଧ୍ୟାଇ । ସେ ବ୍ରହ୍ମା ବିଷ୍ଣୁ ତିନିଭାଇ ॥

ଜୟ ତୁ ଅନାଦି ଅରୂପ । ଭଣେ ପାମର ଭୀମ ମୂର୍ଖ ॥

ସୁଜନେ ନିନ୍ଦାକର ଯେବେ । ଯାହା ଦିଶିଲା ଅନୁଭବେ ॥

ଇତି ଶ୍ରୀ ନିର୍ବେଦସାଧନେବ୍ରହ୍ମା ବିଷ୍ଣୁ ନିର୍ମାଣେ ନିରାକାର

ବିଦାୟେ ହରାୟ ଅଷ୍ଟାଙ୍ଗ ଯୋଗ ସମର୍ପଣେ

ନାମ ଚତୁର୍ଦ୍ଦଶୋଧ୍ୟାୟଃ ।

## ପଞ୍ଚଦଶ ଅଧ୍ୟାୟ

ବ୍ରହ୍ମା ଉବାଚ

ଜୟ ତୁ ଶୂନ୍ୟ ମଣ୍ଡଳାଧି । ଭକତ ବତ୍ସଳ ବାରିଧି ॥

ଜୟ ତୁ ଅଜପା ଅନାମ । ସଗୁଣ ନିର୍ଗୁଣ ସମାନ ॥

ଜୟ ଅରୂପ ଅବିକାରୀ । ସର୍ବଜୀବରେ ଅଛ ପୁରି ॥

ଜୟ ତୁ ସର୍ବଜ୍ଞ ପୁରୁଷ । ଭକତଭାବେ ହୁଅ ବଶ ॥

ଜୟ ତୁ ବ୍ରହ୍ମାଣ୍ଡ କରତା । ଗୁରୁ ବାନ୍ଧବ ପିତା ମାତା ॥

ଜୟ କରୁଣା କୃପାସିନ୍ଧୁ । ଅତିଥି ଜନଙ୍କର ବନ୍ଧୁ ॥

ତିନି ବ୍ରହ୍ମାଣ୍ଡରେ ନୃପତି । ଉଚ୍ଚାରି ବ୍ରହ୍ମା କଲେ ସ୍ତୁତି ॥

ଜୟ ତୁ ମହାଶୂନ୍ୟ ରୂପି । ସଦା ଆନନ୍ଦଶୂନ୍ୟାବ୍ୟାପି ॥

ଭକତ ବୀରବଧୂ ବାନା । ଜୟା ଅନାଦି ଅକଳ୍ପନା ॥

ଜୟ ଅନାଦି ବ୍ରହ୍ମମୟ । ଅଜନ୍ମ ଅମୃତ୍ୟୁ ଅକ୍ଷୟ ॥

ଜୟ ତୁ ଜ୍ୟୋତି ନାରାୟଣ । ଭକତ ଜନକୁ ତାରଣ ॥

ଅନେକ ହୋଇଲେ କାପୁଣ୍ୟ । ସ୍ତୁତି ଉଚ୍ଚାରି ଭଗବାନ ॥

ଋଷଭ ଉବାଚ

ଜୟ କରୁଣା କୃପାନିଧି । ଶୁଭ ଯୋଗରେ ସର୍ବ ସିଦ୍ଧି ॥

ଜୟ ତୁ ଅନାଦି ଅଚ୍ୟୁତ । ଅନାଦି ଅବିକାର ମତ ॥

ଅଖିଳ ଅବନା ଅକ୍ଷର । ଭକତଜନକୁ ଉଦ୍ଧାର ॥

ହର ଉଚ୍ଚାରି କଲେ ସ୍ତୁତି । ଚରଣେ ନମି ତିନି ମୂର୍ତ୍ତି ॥

ତହୁଁ ଉଠିଲେ ତିନିଭାଇ । ଶରୀରେ କରପତ୍ର ଦେଇ ॥

ଅନାଦି ଉବାଚ

ଆମ୍ଭେ ବୋଇଲୁ କି କାରଣେ । ଆମ୍ଭଙ୍କୁ ଚିନ୍ତା କଲେ ମନେ ॥

କି କଥା ଲାଗି ଏଡ଼େ ତପ । କହ ହୋ କେବଣ ସ୍ୱରୂପ ॥

ଶୁଣି ସେ ବ୍ରହ୍ମା ବିଷ୍ଣୁ ତିନି । କହନ୍ତି ମନେ ଗୁଣି ।୨୦।

ଭୋ ପ୍ରଭୁ ବ୍ରହ୍ମାଣ୍ଡର ତାଟ । ଆମ୍ଭଙ୍କୁ କଲ ଅବରତ ॥

ଆବର ସୃଷ୍ଟିର ରଚନ । ଆମ୍ଭଙ୍କୁ ଲାଗୁଅଛି ବଣା ॥

କିରୂପେ କରିବୁ ଜଗତ । ଏଥକୁ ଆଜ୍ଞାଦିଅ ତାତ ॥

ଶୁଣି ସନ୍ତୋଷ ହେଲ ଆମ୍ଭେ । ଉପାୟେ କଲୁ ନାନାରଙ୍ଗେ ॥

ଶୁଣ ଗୋବିନ୍ଦ ଶୁଦ୍ଧଚିତ୍ତେ । ମୁଁ ଯାହା କହୁଅଛି ତୋତେ ॥

ନିଷ୍କାମ ଭାବବଳେ ମୁହିଁ । ଅପୋଡା ଭୂମିମଧ୍ୟେ ଯାଇ ॥

ଅନାମେ ଖୋଜି କିପାଁ ଗଞ୍ଜି । ଅପୋଡା ଭୂମିଖାଣ୍ଡ ସାଜି ॥

ବେନି ପାଦକୁ କଲୁ ହଳ । ଜାନୁକୁ ନିବାଢି ଲଙ୍ଗଳ ॥

ମନସାତ୍ରକୁ କଲୁ ଲୁହା । ଧ୍ୟାନକୁ କଲୁ ଖିଳ ପୁଆ ॥

କେଶକୁ ଦଉଡ଼ି ବଳିଲୁ । ଚିଆ ଚୈତନ୍ୟ ଯୋତକଲୁ ॥

ହୃଦପଦ୍ମରୁ କାଢି ଇଶ । ଅର୍ଥ ଯୁଆଳି ପରକାଶ ॥

ଏମନ୍ତେ ସର୍ବସ୍ୱତିତିଆରି । ପଣି କାତିଲୁ ଚାଷ କରି ॥

ହସ୍ତରେ ଧରି କପାମଞ୍ଜି । ପକାଇ ପାଦେ ମାଟି ମେଞ୍ଜି ॥

ରୁପିଲୁ ଆଦ୍ୟ ଅନ୍ତ କରି । ଲେଖା ପ୍ରମାଣେ ତିନିମାରି ॥

ଅଧେକ ମାଡ଼ି ଗଲା ନଈ । ଅଧେକ ଡ଼ିଆଁ ତ୍ରିୟତଇଁ ॥

କପା ଫୁଟିଲା ତିନି ଲୋଳ । ତାହା ଶ୍ରୀହସ୍ତେ କଲୁ ତୁଳ ॥

ଦେଲୁ ବ୍ରହ୍ମାଙ୍କ ହସ୍ତେ ନେଇ । ବ୍ରହ୍ମା ହୋଇଲେ କପାଖାଇ ॥

ବିଷ୍ଣୁ ହୋଇଲେ ତୁଳାଭିଣା । କରିଲେ ସମସ୍ତ ତୁଳଣା ॥

ଶୁଣ ତୁ ତହିଁର ବ୍ୟବସ୍ଥା । ହର ଯେ ହସ୍ତେ କୋଟି ସୂତା ॥

ଅନାଦି ହସ୍ତେ ଦେଲେ ସୂତା । ଆମ୍ଭେ ହୋ ଭଙ୍ଗିଲୁ ପଇତା ॥

ଦଶକର୍ମକୁ ଦଶଖିରି । ଭାଙ୍ଗିଲୁ ନବରୁଣ କରି ॥

କଲୁ ପଇତା ତିନିଗୋଟି । ଧାତା ନାମରେ ପାରି ଗଣ୍ଠି ॥

ଶୋଧିଲୁ ବ୍ରହ୍ମବାକ୍ୟ କରି । ପଇତା ଦେଲୁ ମନ କରି ॥

ବ୍ରହ୍ମାଙ୍କ ଦସେ ଦେଲୁ ନେଇ । ସେ ବ୍ରହ୍ମା ବିଷ୍ଣୁ ହସ୍ତେ ଦେଇ ॥

ବିଷ୍ଣୁ ଇଶ୍ୱର ହସ୍ତ ଦେଲେ । ବ୍ରହ୍ମାଙ୍କୁ ଦିଅ ହୋ ବୋଇଲେ ॥

ଦେଖି ଅନାଦି ବ୍ରହ୍ମମୟ । ଆଗ ବ୍ରହ୍ମାଙ୍କୁ ତୁମ୍ଭେ ଦିଅ ॥

ନାମ ବହିବ ବେଦପତି । ସିର୍ଜିବ ନଦୀ ପରସୃଷ୍ଟି ॥

ସେ ବେନି ହରିହର ମୂର୍ତ୍ତି । ବ୍ରହ୍ମାକୁ ପଇତା ଦିଅନ୍ତି ॥

ବ୍ରହ୍ମ ପଇତା ପଡି କାନ୍ଧେ । ବେଦ ଉଚ୍ଚାର କଲେ ତୁଣ୍ଡେ ॥

ବିଷ୍ଣୁଙ୍କୁ ଦେଲେ ବ୍ରହ୍ମାହର । ପଇତା ପକାଇ କାନ୍ଧରେ ॥

ସେ ବ୍ରହ୍ମା ବିଷ୍ଣୁ ବେନିଧାତା । ହାରକୁ ଦେଲେ ସେ ପଇତା ॥

ଏକ ଯେ ଆରେକକୁ ବୋଲି । ତିନି ହୋଇଲେ କୋଳାକୋଳି ॥

ମିଳିଲେ ଆମ୍ଭର ଛାମୁରେ। ଚରଣେ କଲେ ନମସ୍କାର ॥

ଆଶିଷ କଲ୍ୟାଣ ବଞ୍ଚିଲା । ମଥାରେ ହସ୍ତ ମାରି ଦେଲୁ ॥

ପୁଚ୍ଛୀଲେ ଆମ୍ଭର ଆଗତ । ଏ ତୀର୍ଥ ବ୍ରତ କର୍ମ ମତ ॥

ଆମ୍ଭେ ବୋଇଲୁ ଶୁଣ ବାବୁ । ଆମ୍ଭ ଅଙ୍କରେ ହେଲା ସବୁ ॥

ଆଜ୍ଞାରେ ସପତ ସାଗର । ବେଢି ରହିଛି ଚଉଫେରି ॥

ଆଜ୍ଞାରେ ଉଦେ ଚନ୍ଦ୍ର ସୂର୍ଯ୍ୟ । ଅଗ୍ନି ପବନ ଆପ ତେଜ ॥

ଆଜ୍ଞାରେ ଉଚ୍ଚାରିବ ବେଦ । ପୃଥି କରିବ ଶିବ ସିଦ୍ଧ ॥

ବେଦବାକ୍ୟରେ ଚାରିମାଠ । ଆଜ୍ଞାରେ ଚାରିଦ୍ୱାର ବାଟ ॥

ଆମ୍ଭ ଆଜ୍ଞାରେ ଅସ୍ତଗିରି । ସ୍ଥାପିବ ବେଦବାକ୍ୟ ଧରି ॥

ହର ବ୍ରହ୍ମାଦ଼ି ବିଷ୍ଣୁ ଶୁଣ । କହିବା ଅଷ୍ଟଗିରି ଗୁଣ ॥

ଯେ ହୈମଗିରି  ନୀଳଗିରି । ମନ୍ଦିର ଗୋବର୍ଦ୍ଧନ ଗିରି ॥

ଗଙ୍ଗା ଯମୁନା ସରସ୍ୱତୀ । ବହିବୁ ମେରୁ ତ୍ରୋଧ ଫୁଟି ॥

ଚାରି ଦୁଆରେ ଚାରିଯତି । ଆବୋରି ଧରିଥିବ ପୃଥି ॥

ପଶ୍ଚିମଦ୍ୱାରରେ ଅନନ୍ତ । ଦକ୍ଷିଣ ଦ୍ୱାରେ ଜଗନ୍ନାଥ ॥

ଉତ୍ତର ଦ୍ୱାରେ ରାମଚନ୍ଦ୍ର । ପୂର୍ବଦ୍ୱାରେ କୃଷ୍ଣଚନ୍ଦ୍ର ॥

ଏକ ଆରେକ ଚାରିଦ୍ୱାରୀ । ଦିବାନିଶୀରେ ଉଜାଗରି ॥

ଜଗତ ମଧ୍ୟେ ତିନିଭାଇ । ବେଦବାକ୍ୟରେ ସର୍ବ ଲିହି ॥

ଏକରୁ ଅନେକ କରିବ । ଗଢିବ ନାନା ଜନ୍ତୁଜୀବ ॥

ତୁ ବ୍ରହ୍ମା ଧାତା କଳାଦେଇ । ବିଷ୍ଣୁ ପାଳଣ କଳାଲିହି ॥

ହର ବ୍ରଳୟ ତେଜ ହେବ । ତିନିଏ ପଣ୍ଡକୁ ଗଢିବ ॥

ବ୍ରହ୍ମା କରିବ ଆଦ୍ୟସ୍ଥିତି । ବିଷ୍ଣୁ କରିବ ଉତପତ୍ତି ॥

ଇଶ୍ୱର କରିବ ପ୍ରଳୟ । ତ୍ରିଗୁଣ ସଞ୍ଚରିବ ଦେହ ॥

ତୁ ବ୍ରହ୍ମା ବେଦ ବାକ୍ୟ ଘୋଷି । ଜାତ କରିବୁ ଦିବା ନିଶି ॥

ବିଷ୍ଣୁ କରତା ଦାତା ହେବ । ସର୍ବ ଜୀବକୁ ପଢ଼ିଦେବ ॥

ହର ପ୍ରଳୟ ବୋଲାଇବ । କୁଟ କପଟେ ସଂହାରିବ ॥

ସର୍ଜନ ଦକରେ ତୁ ଚିନ୍ତା । ଲାଗିବ ରଜବୀଜ ହନ୍ତା ॥

ତୁ ବିଷ୍ଣୁ ନ କଲେ ପାଳଣ । ଲାଗିବ ଜୀବ ହତ୍ୟାମାନ ॥

ତୁ ହର ନ କଲେ ସଂହାର । ହୋଇବୁ ପାତାଳ ବିସ୍ତର ॥

ଆମ୍ଭେ ଅନାଦି ବ୍ରହ୍ମଜ୍ଞାନୀ । ଛପନାକୋଟି ଜୀବ ଯୋନି ॥

ତାହା ବିଷ୍ଣୁଙ୍କ ହସ୍ତେ ଦେଲୁ । ସେ ମୋହ ଜାଲ ସମର୍ପିଲୁ ॥

ବିଷ୍ଣୁଙ୍କୁ ଅନ୍ନ ଦାତା ଭାର । ବାଉନ କୋଟି ଯେ ଭଣ୍ଡାର ॥

ତାହା ବିଷ୍ଣୁର ହସ୍ତେ ଦେଲୁ । ସପର୍ପି ବୁଝାଇ କହିଲୁ ॥

ସକଳ ଜୀବର ଠାକୁର । ନ ଦେଲେ ତୋତେ ନାହିଁ ପାର

ହରକୁ ପ୍ରଳୟ ପ୍ରଚଣ୍ଡ । ଦେଲୁ କାରୁଣ୍ୟ ଜଳ ଭାଣ୍ଡ ॥

ଶୁଣିଲୁ ଟିକି ହୋ ଭକତ । ପୃଥି ରଚନା ଗତାଗତ ॥

ସକଳ ସମପର୍ଣ କଲୁ । ଶୂନ୍ୟାଦି ମଣ୍ଡଳେ ରହିଲୁ ॥

ସତ୍ୟ ଯୁଗରେ ବିଶ୍ୱେଶ୍ୱର । କଲୁ ବାମନ ଅବତାର ॥

ତହିଁରେ କିଛି ଦିନଗଲା

ତ୍ରିତୟା ପ୍ରବେଶ ହୋଇଲା ॥

ପୃଥିକି ହେଲା ଭରାଭର । ରଚିଲା ରାମ ଅବାତର ॥

ତହିଁରେ ଦିନ ବହିଗଲା । ଦ୍ୱାପର ପ୍ରବେଶ ହୋଇଲା ॥

ଲିହିଲୁ କୃଷ୍ଣ ଅବତାର । ଗୋପୀ କାମନା କରି ପାର ॥

କଳିଯୁଗର ମତରୀତି । ବୌଦ୍ଧ ରୂପେ ଉପୃତ୍ତି ॥

ଚାରିବେଦରେ ଧର୍ମଥିଲା । ବୁଡିଣ ସର୍ବନାଶ ଗଲା ॥

କଳିଯୁଗର ଏକପାଦେ । ମିଛରେ ବୁଡ଼ିଯାଉ ସଧେ ॥

ଜାଣିଲ ମାନେ ଧ୍ୟାନ କରି । ଧର୍ମ ଗଲାଣି ସବୁ ସରି ॥

ନ ସାହି ଭକ୍ତଙ୍କ ଆରତ । ସତ୍ୟରେ ହେଲୁ ଉପଗତ ॥

ଆମ୍ଭର ଅବିକାର ମତ । ଦିକ୍ଷା କହିଲୁ ଅଦ୍ଭୁତ ॥

ଭକ୍ତେ ଯେ ପାଇଲେ କଟିଣ । ମୋହର ସୁଖ ନାହିଁ ମନ ॥

ଭକ୍ତଙ୍କ ଉଦ୍ଧାରିବା ପାଇଁ । ମୋହର ଦିବାନିଶୀ ନାହିଁ ॥

ନିରତେ ଧର୍ମକୁ ସାଧନ । ଧୁନିକି କରାଇ ଉଦ୍ୟାମ ॥

ମୋ ନାମ ଅନାଦି ପୁରୁଷ । ତୋ ଆଗେ କହିଲୁ ବିଶ୍ବାସ ॥

କାହୁଁ ଚିହ୍ନିବେ ମୋତେ ନର । ଦୀକ୍ଷାକୁ ନିନ୍ଦନ୍ତି ଅପାର ॥

ଶୁଣି ଗୋବିନ୍ଦ ତୋଷମନ । ଭଣେ ଅରକ୍ଷିତ ଭୀମହୀନ ॥

ଇତି ସରୁ ନିର୍ବେଦ ସାଧନେ ଗୁରୁଶିଷ୍ୟ ବିଚାରଣେ ବ୍ରହ୍ମାବିଷ୍ଣୁ

ହରବ୍ରତ କରଣ ଚରିତେ ଅନାଦି ମହାଶୂନ୍ୟରୂପୀ ପୃଥି

ଆତ୍ଯାତ ବିଧିମତ ଅନାଦି ମହାଶୂନ୍ୟରୂପୀ ପୃଥି

ଆତ୍ଯାତ ବିଧିମତ କଥନେ ଶ୍ରୀଅନାଦି ଗୋବିନ୍ଦ

ସମ୍ବାଦେ ନାମ, ପଞ୍ଚଦଶୋଧ୍ୟାୟଃ ।

ଷୋଡଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ଅନାଦି ଅଶେଷ । ଭକତ ରକ୍ଷଣେ ବିଶ୍ୱାସ ॥

ଭକ୍ତ ଭୟକୁ ବଜ୍ର ସେହା । ବହିଛି ଅବଧୂତ ବାନା ॥

ଭୋ ପ୍ରଭୁ ଦୟାଳୁ ପୁରୁଷ । କାହା ଭକ୍ତଙ୍କ ଉପଦେଶ ॥

ଶ୍ରୀମୁଖୁ ଶୁଣିଥିବି ମୁହିଁ । କହିବ ସଂଶଯ ଫିଟାଇ ॥

ଅନାଦି ଉବାଚ

କହେ ଅନାଦି ବ୍ରହ୍ମ ଜ୍ୟୋତି । ଭକତ ଜଗତଙ୍କ ରୀତି ॥

ଆମ୍ଭେ ହୋ ଅନାଦି ଇଶ୍ୱର । ମର୍ତ୍ତ୍ୟ ହୋଇଲୁ ଅବତାର ॥

ଜଗାଇ ଜମ୍ବୁଦ୍ୱୀପ ଧ୍ୱନି । ଶବଦେ ଚେତିଲେ ସୁଜ୍ଞାନୀ ॥

ନିଷ୍କାମେ କଲେ ସେ ଭଜନା । ଯେଢ଼େ ଭକ୍ତଙ୍କୁ ହେଲା ଜଣା ॥

ଏ କଳିଯୁଗେ ଯେତେ ନର । ଅରାଜା ଅଧର୍ମ ଆଚାର ॥

ଧର୍ମକୁ ନିନ୍ଦନ୍ତି ବହୁତ । ତିଳ ମାତ୍ରକେ ଯିବେ ହତ ॥

ଧର୍ମ ଅଧର୍ମ ନ ଜାଣିଣ । କଟ କପଟେ ନେଲେ ଦିନ ॥

ଶୂନ୍ୟ କଳାରୁ ଯେତେ ଜାତ । ସେ ହେବେ ଆମ୍ଭର ଭକତ ॥

ଯେ ଦେହେ ବିଷ୍ଣୁ ତେଜ ନାହିଁ । ସେ ମୋତେ ଜାଣିବଟି କାହିଁ ॥

ଅନେକ ଯୁଗ ବାହିଗଲା । ଆସିଣ ଅଷ୍ଟମନୁ ହେଲା ॥

ନବମନରେ ଉତପତ୍ତି । ସରିବ ସଂସାର ବିଭୁତି ॥

ନାମ ନିନ୍ଦିବେ ଯେତେ ଲୋକ । ନର୍କରେ ହେବେ କୀଟ ପୋକ ॥

ନ ଜାଣି ଗୁରୁ ନିନ୍ଦା କଲେ । କଷ୍ଟ ମିଳଇ ଅନ୍ତଃକାଳେ ॥

କଳି ଯୁଗର ଭାବ ଦେଖ । ମେଳଛ ପ୍ରାୟ ସର୍ବ ଲୋକ ॥

ଭକ୍ତକୁ ବିଘ୍ନ ଉପୁଜାଇ । କହିବେ ଉପହାସ୍ୟ ଦେଇ ॥

କରିବେ ମନକୁ ବିମୁଖ । ହୃଦରେ ନ ଧରିବେ କୋପ ॥

ସହିବେ ପୃଥ୍ୱି ପ୍ରାୟ ହୋଇ । ନାମ ବ୍ରହ୍ମରେ ଚିତ୍ତଦେଇ ॥

ଯେହୁ କରିବବେ ଦ୍ୱନ୍ଦ ବାଦ । ମନରେ ନ କରି ସମ୍ବାଦ ॥

ଆମ୍ଭେ କିପାଇଁ ଶାପ ଦେବା । ତାଙ୍କ ଇଚ୍ଛାରେ ପ୍ରାଣଯିବା ॥

ଆମ୍ଭର ଅବିକାର ମତ । ପାଳିବ ଯେବଣ ଭକତ ॥

ସମର୍ଥ ହେଲେ ଭଜୁଥାଇ । ନୋହିଲେ ଅପସରି ଯାଇ ॥

କାହାକୁ ଯାଚିଦେବା ନାହିଁ । ନାମ କି ବିକାକିଣା ହୋଇ ॥

ଅନେକ ଯୁଗ କ୍ଷୟ ଯିବ । ଏ ମୋର ନାମ ରହିଥିବ ॥

ନାମାଟି ଚାରିଯୁଗେ ସତ୍ୟ । ନାମ ନ ଥାଇ କେଉ କୃତ୍ୟ ॥

ଜଗତଜନ କଲେ ନିନ୍ଦା । ଭୁଲି ନୋହିବୁ ଚିତ୍ତେ ଧନ୍ଦା ॥

ନାମକୁ ଧରିଥିଲେ ରଚି । ସଂଶଯ ପକାଇବୁ କାଟି ॥

ନାମଟି ଅମୂଲ୍ୟ ରତନ । ସରି ନୁହଇ ତ୍ରିଭୁବନ ॥

ଅନୁଭବର ଜ୍ଞାନଭେଦ । ସରି ନୁହଇ ଚାରିବେଦ ॥

ମନେ ବିଚାରି ଥିଲେ ଭଜି । ସାହାସେ ପାଇବାକୁ ଖୋଜି ॥

ହେଲେ ତୁ ଅବଧୂତ ସୁତ । ପାଇବୁ ବ୍ରହ୍ମଜ୍ଞାନ ତତ୍ତ୍ୱ ॥

ବ୍ରହ୍ମଟି ଅକର୍ମ ଅକ୍ଷୟ । ସଦା ସର୍ବଦା କର୍ମ କ୍ଷୟ ॥

ନାମର ନାହିଁ ଆଦିଅନ୍ତ । କି ଜାଣି ଭଜିବେ ଭକତ ॥

ଚିହ୍ନି ନ ପାରି କରି ହେଜା ।ମନରେ ହେଉଥିବେ ଦୁଯା ॥

ଚିହ୍ନି ନ ପାଇବେ ଅନ୍ତ । ବୋଲିବେ ନୋହେ ଜ୍ଞାନ ସତ୍ୟ ॥

ଯେ ମୋତେ ନ କରେ ଭଜନା । ତାହାର ମନ ବୁଡ଼ି ସିନା ॥

ସୁଜ୍ଞେ ନ ଦେଉ ସୁଖଭୋଗ । ଦୁଃଖିତ ପଣେ କରୁ ଯୋଗ୍ୟ ॥

ସୁଜ୍ଞେ ନ ଦେଉ ଜଳ ଅନ୍ନ । ଦଗଧି କରୁଥାଉ ମନ ॥

ଏଡ଼େ କଷଣେ ଭକ୍ତ ଯେବେ । ନାମକୁ ଭଜଇ ସମ୍ଭବେ ॥

ହରୁଷ ପଦରେ କରି ଜପ । ଧ୍ୟାନ କରଇ ମୋର ରୂପ ॥

ତାହାକୁ ଯାହା ଦେଇ ମୁହିଁ । ହର ବ୍ରହ୍ମାହିଁ ନ ଜାଣଇ ॥

ଭକତ ମୋହର ଜୀବନ ।ଆମ୍ଭେ ନ କରୁ ଭିନ୍ନାଭିନ୍ନ ॥

ସେହି ଖଟିଲେ ଆମ୍ଭେ ଖଟୁ । ସମାନ ଗୁଡ଼ଶିଷ୍ୟ ଅଟୁ ॥

ଦୁହିଙ୍କ ଏକ ପ୍ରାଣ । ଭକ୍ତରେ ନ କରିବା ରଣ ॥

ହାଡ଼ି ଚାଣ୍ଡାଳ ପଛେ ହେଉ । ମୋହର ନାମ ଭଜୁଥାଉ ॥

ତାର ହୃଦରେ ମୋର ବାସ । କରଇ ଜ୍ଞାନ ପରକାଶ ॥

ତେଣୁ ପବିତ୍ର ତାରକାୟେ । ଛନ୍ଦ କପଟ ମନ ନୋହେ ॥

ବହଇ ନାମ ଗଙ୍ଗାନଦୀ । ତହିଁ ମୁଁ  କରେ ଜ୍ଞାନ ସିଦ୍ଧି ॥

ବାହ୍ୟ ଅନ୍ତରେ ମୋ ଭକତ । ଧରେ ଅତିଥି ଦିକ୍ଷା ମତ ॥

ସକଳ ଗୃହେ ଅନ୍ନ ଭୁଞ୍ଜି । ମୁଁ ଯହିଁ ଦେଉଥାଇ ଖଞ୍ଜି ॥

ଏ ଧର୍ମ କରେ ମୋ ଭକତ । ଆମ୍ଭେ ହୋ କରୁ ସେହିମତ ॥

ସେହି ଆମ୍ଭଙ୍କୁ କରେ ସେବା । ଆମ୍ଭେ ତାହାଙ୍କୁ କରୁ ସେବା ॥

ଗୋବିନ୍ଦ ଉବାଚ

ଶୁଣି ଭକତ ମାନେ ତୋଷ । ପୁଛଇ ଶ୍ରୀଗୁରୁଙ୍କ ପାଶ ॥

ଭୋ ପ୍ରଭୁ ଜଗତ କରତା । କହିଲ ଉଚିତ ଏ କଥା ॥

ତୁମ୍ଭ ସେବାରେ ଯେହୁଥାଇ । ନ ପାରି ଯେବେ ଛାଡ଼ିଦେଇ ॥

ତାହାଙ୍କୁ କି ଭକତି ଦିଅ । ଭୋ ପ୍ରଭୁ ମୋତେ ଏହା କହ ॥

ଅନାଦି ଉବାଚ

କହନ୍ତି ଅନାଦି ପୁରୁଷ । ଭକ୍ତି ଅଭକ୍ତି କଥା ରସ ॥

ଶୁଣ ଗୋବିନ୍ଦ ମନଦେଇ । ମୋର ସେବାରୁ ଯେ ଛାଡ଼ଇ ॥

ଇହ ପରରେ ନାହିଁ ଭଲ । ତା ସର୍ବ କର୍ମ ଅମଙ୍ଗଳ ॥

ସାଧୁ ବିବେକ ସୁଜ୍ଞଜନ । ତାଙ୍କୁ କରନ୍ତି ଅପମାନ ॥

ମିଶି ନ ପାରେ କେଉଁଠାରେ । ହସନ୍ତି ଦେବଗଣ ତାରେ ॥

ନାମ ଛାଡିଲେ ଅପରାଧୀ । ନ ଗଛେ ସତ୍ୟଧର୍ମ ବିଧି ॥

ଆବର ହୋଏ ଗୁରୁଦ୍ରୋହୀ । କୀଟ ପାତଙ୍ଗେ ତାଙ୍କୁ ଲିହି ॥

ସଂସାରେ ଥାଇ ଯେତେଦିନ । ଚନ୍ଦ୍ରପବନ ପ୍ରାୟ ମନ ॥

ମାୟା ଭ୍ରମରେ ହୋଇ ବାଇ । ସୁବୁଦ୍ଧି ଚେତନ ହରାଇ ॥

ସ୍ନେହ ନ ବଢଇ କାହାରେ । ନ ଥାଇ ପର ଉପକାରେ ॥

ତାହାଙ୍କୁ ଆମ୍ଭେ ହୋ ନ ଦେଖି । ତେଣୁ ବୋଇଲ ମହାପାପୀ ॥

ମର୍ତ୍ତ୍ୟ ପାତାଳେ ନାହିଁ ଠାବ । ଆବର କାହିଁ ସ୍ୱର୍ଗ ଭୋଗ ॥

ନେଞ୍ଚପରାୟେ ପ୍ରାଣରଖେ । ପଡ଼େ ନରକ କୁମ୍ଭୀ ପାକେ ॥

ଶୁଣିଲୁଟିକି ହୋ ଗୋବିନ୍ଦ । ନାମ ଛାଡ଼ିବା କୃତ୍ୟ ମନ୍ଦ ॥

ଜଗତଲୋକ ନ ବୁଝନ୍ତି । ନାନାଦି ପ୍ରକାରେ ନିନ୍ଦନ୍ତି ॥

ଆମ୍ଭ ନାମ ଅନନ୍ତ ନାହିଁ । ତେଣୁ ବୋଲାଇ ମହାମାଈ ॥

ବୋଲନ୍ତି ଦିକ୍ଷା ନୋହେ ସତ୍ୟ । କିସ ପାଇବେ ଆମ୍ଭ ଅନ୍ତ ॥

ନ ଚିହ୍ନି ହେଉଥାନ୍ତି ବାୟା । ନିରତେ କରୁ ଥାଉ ମାୟା ॥

ଆମ୍ଭର ଦିକ୍ଷା ଯେ ଧରଇ । ସେହୁ ଆମ୍ଭଙ୍କୁ ଭେଟ ପାଇ ॥

ଯେ ପଛେ ଦିଗମ୍ବର ନୋହୁ । ଗୃହରେ ରହି ଜୟ ଥାଉ ॥

ତାର ପୁରକୁ ଆମ୍ଭେ ଯାଉଁ । କ୍ଷଣେ ବୋଇଲେ ଦଣ୍ଡେ ରହୁ ॥

ଦେଖି ତା ନିଷ୍କାମ ଭକତି । ଆମ୍ଭେ ନ ଛାଡୁ ତାଙ୍କ କତି ॥

ଏମନ୍ତ ଭାବେ ହୋ ଗୋବିନ୍ଦ । ଆମ୍ଭେ ଭକତ ଜଡ଼ ବନ୍ଧ ॥

ଯାହାବାଞ୍ଛାଲେ ତାହାପାଇ । ଲୋଡ଼ିଲେ ଭକ୍ତ ନ ମିଳଇ ॥

ଭକ୍ତ ଆମ୍ଭର ପ୍ରାଣହିତ । ତେଣୁ ତା ଭାବରେ ମୋହିତ ॥

ଅନେକ ବ୍ରହ୍ମା ଇନ୍ଦ୍ର କଲୁ । ଚନ୍ଦ୍ର ସୂର୍ଯ୍ୟଙ୍କୁ ଭିଆଇଲୁ ॥

କେହି ନ ଜାଣିଲେ ମୋ ଭାବ । ମୋହେ ପଡ଼ିଣ ହେଲେ ସର୍ବ ॥

ଯେହ୍ନୁ ନ ଜାଣେ ନାମଲେଶ । ନିରତେ ଥାଉ ତାର ପାଶ ।।

ଭକ୍ତକୁ ପଡ଼ିଲେ ବିପତ୍ତି । ଜ୍ଞାନଖଡ଼ଗେ ଦେଉଁ ଛେଦି ।।

ଛନ୍ଦ କପଟ ହୃଦେ ନାହିଁ । ତେଣୁ ନିର୍ମଳ ତାର ଛେଦି ।।

ଛନ୍ଦ କପଟ ହୃଦେ ନାହିଁ । ତେଣୁ ନିର୍ମଳ ତାର ଦେହୀ ।।

ନିରତେ ରାଉଥାଇ ନାମ । ତାକୁ ଦେଖିଲେ ଡରେ ଯମ ।।

ନିଷ୍ଠା ନିଷ୍କାମ ତାର କାୟା । ନ ଲାଗେ ଜନ୍ମ ମୃତ୍ୟୁ ମାୟା ।।

ନାମେ ଭକ୍ତଙ୍କୁ କରୁ ବଡ଼ । କିସ ଜାଣିବେ କାହୁଁ ମୂଢ ।।

ପାପ ପୁଣ୍ୟ ନ ବିଚାରି । କହନ୍ତି ଫୁଲାପଣ କରି ।।

କହି ଉଦଣ୍ଡ କରିଥାନ୍ତି । ଭକତ ଦିକ୍ଷାହିଁ ଖଣ୍ଡନ୍ତି ।।

ଗୋବିନ୍ଦ ଏ ମାୟା ସଂସାର । ଅଗାଧ ସମୁଦ୍ର ସାଗର ।।

ସିନ୍ଧୁ ଲହଡ଼ି ପ୍ରାୟ ମାୟା । ଉସାଇ ନେଉଆଅଛି ମାୟା ।।

ଏଥିକି ଜାଣି ବୁଝିଥିବୁ । ଭଜନେ ହେଲା ନ କରିବୁ ।।

ଲହଡ଼ାଦେବ ବେଳୁବେଳ । ଘୋଟି ଆସୁଛି ଭବଜଳ ।।

ଏ କଳିଯୁଗ ଲୋକଠାରେ । ସଙ୍ଗତ ନୋହିବ କାହାରେ ।।

କହିଲେ ଆଦିବ୍ରହ୍ମ ଜ୍ୟୋତି । ଗୋବିନ୍ଦ ସମ୍ବାଦେ ଜାଗ୍ରତି ।।

ସେ ଗୁରୁ ଶିଷ୍ୟଙ୍କ ଛାମୁରେ । ଭଣେ ଅରକ୍ଷିତ ଭୀମ ଛାର ।।

ସୁଜନେ ନ ଧରିବ ଦୋଷ । ଅଟେ ମୁଁ ବାଳୁତ ବୟସ ।।

ଇତି ଶ୍ରୀନିର୍ବେଦସାଧନେ ଭକ୍ତଭକ୍ତି ଭାବ ଚାରିଚ କଥନେ

ଶ୍ରୀ ଗୁରୁଶିଷ୍ୟ ସମ୍ବାଦେ ନାମ ଷୋଡ଼ଶୋଧ୍ୟାୟଃ ।

## ସପ୍ତଦଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ଭୋ ନାଥ ଜଗତ କରତା । ମନେ ପଡ଼ିଲା ଆସି କଥା ।।

ତୁ ପରା ଅଟୁ ରତିପତି । ଭୋ ନାଥ କହ ତୋ ବିଭୁତି ॥

ଅନାଦି ଉବାଚ

ଗୋବିନ୍ଦ ଉବାଚ ଚାହିଁ ହସି । କହନ୍ତି ଆଦି ବ୍ରହ୍ମରାଶି ॥

ଗୋବିନ୍ଦ ସାବଧାନେ ଶୁଣ । ତୁ ଯାହା କଲୁ ହୋ ପ୍ରସନ୍ନ ॥

ଶୂନ୍ୟମଣ୍ଡଳେ ଆମ୍ଭେ ଥାଉଁ । ଶୂନ୍ୟପୁରୁଷହିନ ବୋଲାଉ ॥

ଅବନା ମନ୍ଦିରେ ମୋ ବାସ । ଅଣଅକ୍ଷରରେ ମୁଁ ପ୍ରକାଶ ॥

ପରମଶୁନ୍ୟେ ଆମ୍ଭେ ଥାଉଁ । ପରମ ପୁରୁଷ ବୋଲାଉଁ ॥

ଠୁଳଶୂନ୍ୟରେ ମୋର ସ୍ଥିତି । ମୋ ନାମ ନିରାକାର ମୂର୍ତ୍ତି ॥

ଧ୍ରୁବମଣ୍ଡଳେ ଆମ୍ଭେ ଥାଇ । ଧ୍ରୁବମାର୍କଣ୍ଡହିଁ ବୋଲାଇ ॥

ମୃଗଟ ମଣ୍ଡଳେ ବିଶ୍ରାମ । ହଂସ ସୁହଂସ ମୋର ନାମ ॥

ମୁରାଟ ମଣ୍ଡଳେ ମୋ ବାସ । ଦେବ ଅଧ୍ୟାନେ ପରକାଶ ॥

ବେଦିର ଓଁକାର ମଧ୍ୟରେ । ମୁଁ ଥାଇ ଶବଦ ଭେଦରେ ॥

ସ୍ୱର୍ଗଭୁବନେ ମୋର ବାସ । ମୁଁ ଇନ୍ଦ୍ରପଣେ ପରକାଶ ॥

ବେଦଭୁବନେ ମୋର ସ୍ଥିତି । ମୋ ନାମ ଦିଅନ୍ତି ମୁରତି ॥

କୁବେର ଭୁବନେ ମୁଁ ଥାଇ । ଅଷ୍ଟରତ୍ନକୁ ମୁଁ ସଞ୍ଚଇ ॥

ବରୁଣାପୁରେ ମୋ ବିହାର । ଆମ୍ଭେ ବରୁଣ ଦଣ୍ଡଧର ॥

ଦଶଦିଗରେ ପୁରିଥାଇ । ଚଉଦିଗରେମୁଁ ବୁଲଇ ॥

ଅମପା ଶୂନ୍ୟ ମୋର ଦେହୀ । ମୋ ନାମ ଆରତେ ଜପାଇ ॥

ନକ୍ଷତ୍ର ମଣ୍ଡଳେ ମୁଁ ଥାଇ । ନକ୍ଷତ୍ରଗଣହିଁ ବୋଲାଇ ॥

ଆଦିତ୍ୟ ମଣ୍ଡଳେ ମୋ ବାସ । ମୁଁ ସର୍ବତେଜ ପରକାଶ ॥

ସକଳ ଭୂତେ ପୁରିଥାଇ । ମୋ ନାମ ଅଣଚାଶ ବାଇ ॥

ମୋ ନାମ ଥାଇ ଅଗ୍ନି ମଧ୍ୟ । ମୋ ନାମ ବିଷ୍ଣୁଙ୍କର ପଦ ॥

ମୋ ନାମ ସପତ ସାଗର । ପୁରି ରହିଛି ଚଉଫେରି ॥

କ୍ଷୀର ସିନ୍ଧୁରେ ମୋର ବାସ । ମୋ ନାମ ଅନାଦି ପୁରୁଷ ॥

ଆମ୍ଭେ ହୋ ଆଦିଶକ୍ତି ନାରୀ । ପୃଥିବୀ ଧରିଛୁ ଆବୋରି ॥

ଅନନ୍ତ ନାଗଟି ବୋଲାଉଁ । ସପ୍ତଫେଣାରେ ପୃଥିବହୁ ॥

ନୀଳଗିରିରେ ମୋର ବାସ । ଚତୁର୍ଦ୍ଧାମୂର୍ତ୍ତି ମୋର ବେଶ ॥

ଯେ କପିଳାସ ଗିରିବନ । ମୁଁ ଲିଙ୍ଗରୂପେ ଆଭରଣ ॥

ମୋ ନାମ ଗଙ୍ଗା ଭଗୀରଥ । ସର୍ବ ତୀର୍ଥଙ୍କ ଅଧିପତି ॥

ଆମ୍ଭେ ଯମୁନା ସରସ୍ୱତୀ । ସଦା ସର୍ବଦା ବହୁ ଫାଟି ॥

ଆମ୍ଭେ ବୋଲାଉ ସ୍ତିରୀଜାତି । ମାସକେ ଥରେ ରଜୋବତୀ ॥

ରୂପେ ବୋଲାଉ ସ୍ତିରୀ ଅଙ୍ଗ । ପୁରୁଷରୂପେ କରୁ ସଙ୍ଗ ॥

କରତାରୂପେ ଦେଉ କରି । ହରତାରୂପେ ନେଉ ହରି ॥

ମାତାରୂପରେ କରୁ ଜନ୍ମ । ଭାରିୟାରୂପେ କରୁ କର୍ମ ॥

ଏ ସର୍ବ ପ୍ରକୃତି ହେତୁ । ଆମ୍ଭେଟି ଅଟୁ ଜନ୍ମ ମୃତ୍ୟୁ ॥

ମୋ ନାମ ଅଟେ ଯମରାଜା । ପାପୀଙ୍କି ଦେଉ ଥାଉ ସର୍ଜା ॥

ମୁହିଁ ଅଟଇ ରାଜ୍ୟ ରାଜା । ଆବର ଅଟୁ କୁଳପ୍ରଜା ॥

ରାଜାପଣରେ ଦିନନେଉ । ମନ୍ତ୍ରୀ ପଣରେ ବୁଝୁଥାଉ ॥

ସେବାକରୁପେ ଆଜ୍ଞାକସୀ । ସାମନ୍ତରୂପେ ଥାଉଁ ବସି ॥

ପାପଭାଗରେ ଥାଇଁ । ମୁଁ କାଳରୂପେ ସହାରଇ ॥

ସକଳଭୂତେ ମୋର ବସା । ମୁହିଁ ମଧୁର ମୁହିଁ କଷା ॥

ମୁଁ ଆଗରୁ ଚନ୍ଦନ ବାସ । ମୁଁ ଗନ୍ଧ ପ୍ରକଟିଇ ବିଷ ॥

ମୁହିଁ ଅଗୁରୁ ଚନ୍ଦନ ବାସ । ମୁଁ ଗନ୍ଧ ପ୍ରକଟଇ ବିଷ ॥

ମୁହିଁ କରଇ ଇଚ୍ଛବାଚ । ମୁହିଁ ସତ୍ୟାଦି ମୁହିଁ ମିଛ ॥

ଆମ୍ଭେ ହୋ ଖଟମିଛ କହୁଁ । ବୁଡ଼ାଇ ଆପେ ବୁଡିଯାଉ ॥

ଜିତାରେ ବହୁ ତଡ଼ବଡ଼ି । ହାରିବା ପଦେ ଦେଉଁ ମାଡ଼ି ॥

ସମ୍ପଦେ ସାଧୁତ ବୋଲାଉଁ । ଚୋରଙ୍କ ରୂପେ ଘେନିଯାଉଁ ॥

ମୋ ନାମ ଅଟେ ଚାରିମେଘ । ପାଳୁଛ ସଂସାର ସମୁଦ୍ର ॥

ଫଳଙ୍କ ମଧ୍ୟେ ମୁହିଁ ଧାନ । ସଞ୍ଚି ସକଳ ପିଣ୍ଡ ପ୍ରାଣ ॥

ମୁଁ ରତି କାମିନୀକି ଯୋଗ୍ୟ । ଆମ୍ଭେ ହୋ ଅଟୁ କାମଦେବ ॥

ଜଳରେ ଜୀବରୂପେ ଥାଉଁ । ପବନ ପରମ ବୋଲଉଁ ॥

ଆମ୍ଭେ ବୋଲାଉଁ ନିଶାପତି । ପକ୍ଷେ ଉଜ୍ଜ୍ୱଳ ପକ୍ଷେ ରାତି ॥

ଚନ୍ଦ୍ରର ବନେ ଆମ୍ଭେ ସ୍ଥାନ । ପକ୍ଷେ ଉଦୟ ପକ୍ଷେ ଲୀନ ॥

କାଳ ବିକାଳ ଆମ୍ଭ ନାମ । ମୃତ୍ୟୁ ଭେଦକୁ ଅଟୁ ଯମ ॥

ଅଙ୍ଗକୁ ଅଟୁ ରୋଗ ବ୍ୟାଧି । ବୋଲାଉ ମନ୍ତ୍ର ମଉଷଧି ॥

ତେଣୁ ଅନାଦି ଆମ୍ଭ ନାମ । ମୁଁ ଅଟେ ସକାମ ନିଷ୍କାମ ॥

ମୁହିଁ ଅନାଦି ଅବଧୁତ । ସକଳ କରୁ ସମାପତ ॥

ଗୋବିନ୍ଦ ବୁଝୁ ଅବା ମନ୍ଦ । ଆମ୍ଭେ କରାଉଁ ଛନ୍ଦ ବନ୍ଦ ॥

କୁଟ କପଟହିଁ ନ ଦେଉଁ । ସତ୍ୟ ପଦରେ ଶ୍ରୋତା ବହୁ ॥

ଭୂମି ସଙ୍ଗତେ ମିଶି ଯାଉ । ପୃଥିବୀ ମେଦିନୀ ବୋଲାଉଁ ॥

ଆମ୍ଭେ ବୋଲାଉଁ ଚାରିଯୁଗ । ଆମ୍ଭେ ଅର୍ଜିଲୁ ନାନା ଭୋଗ ॥

ସତ୍ୟାଦି ଯୋଗର ଭକତ । ତପ ଯୁଗକୁ ହେଲା ସତ୍ୟ ॥

ଆବର ଯୋଗେ ଯେତେ ମୁନି । ସତ୍ୟ ଯୁଗକୁ ବ୍ରହ୍ମଜ୍ଞାନୀ ॥

ହେଲୁ ବାମନ ଅବତାର । ଭକ୍ତେ ମୋ ଥିଲେ ସଙ୍ଗତର ॥

ଭ୍ରମ ସେ ଯୁଗେ ଦିନନେଲୁ । ବେଶରେ ଗୋପନେ ରହିଲୁ ॥

ସତ୍ୟାରେ ଭକତ ଯେତେକ । ତ୍ରିତୟା ଯୁଗେ କପିରଷ ॥

ମୁହିଁ ପ୍ରକାଶ ରବିତଳେ । ଦୁଷ୍ଟଙ୍କୁ ସଂହାରଣ କଲେ ।।

ଘେନି ସଙ୍ଗତେ ଭକ୍ତଗଣ । ଲଙ୍କାରେ ମାଇଲି ରାଣ ।।

ତେତ୍ରୟା ଯୁଗେ ଭକ୍ତ ମୋର । ଜନ୍ମିଲେ ଦ୍ୱାପର ଯୁଗର ।।

ତପସ୍ୟା କରିବାର ବେଳେ । ଗୋପ କାମିନୀ ବୋଲାଇଲେ ।।

ଅନେକ କଲୁ ବଇଭୋଗ । ପ୍ରବେଶ ହେଲା କଳିଯୁଗ ।।

ମୁଁ ଅଟେ ଭକ୍ତଭାବ ବଶ । ମୁହିଁ ଶ୍ରୀପୁରୁ ମୁହିଁ ଶିଷ୍ୟ ।।

ଆମ୍ଭେ ହେ ଅଟୁ ବେଦବ୍ରହ୍ମା । ପିଣ୍ଡରେ କରୁ ସରଜନା ।।

ଆମ୍ଭେ ବୋଲାଉ ଭଗବାନ । ସକଳ ଦେବାଦେବୀ ଗଣ ।।

ମୁହିଁ ଅଟଇ ମହାଦେବ । ପ୍ରକୃତି ପ୍ରଳୟ ସ୍ୱଭାବ ।।

ମୋ ନାମ ଅଟେ ଜପ ତପ । କ୍ଷତ୍ରିୟ ବୃତ୍ତେ ଜ୍ୟୋତିରୂପ ।।

ମୋ ନାମ ଅଟେ ଜ୍ଞାନ ଧ୍ୟାନ । ଗୋବିନ୍ଦ କର୍ଣ୍ଣଦେଇ ଶୁଣ ।।

ସକଳ ପ୍ରକୃତିରେ ଧନ୍ଦ । ମୋର ମାୟାରେ ମୁହିଁ ବନ୍ଦୀ ।।

ମୁହିଁ ଅର୍ଜଲି କ୍ରିୟା କର୍ମ । ମୋ କଲା କର୍ମେ ହେଲି ଭ୍ରମ ।।

ଅନେକ ଜୀବଜନ୍ତୁ ଠାରେ । ବାସ ମୋ ସକଳ ଶରୀରେ ।।

ଯେତେ କହିଲେ ତୋର ଆଗେ । ମନରୁ ନ ପାଶୋର ବେଗେ ।।

ତିନି ବ୍ରହ୍ମାଣ୍ଡ ଏକ କରି । ବୁଝିବୁ ଯେବେ ମନେ ଧର ।।

ସାର ଅସାର ଦୋଷ ଯେତେ । ଭକ୍ତି ନ ପାରେ କଦାଚିତ୍ତେ ।।

ଆବର କଥା ଏକ ତୋତେ । କହିବା ତୋହର ଅଗ୍ରତେ ।।

ଶୁଣି ଗୋବିନ୍ଦ ତୋଷ ଚିତ୍ତ। ଭଣଜ ଭୀମ ଅରକ୍ଷିତ ।।

ସୁଜନେ ଦୋଷ ନ ଧରିବ । ଚିତ୍ତ ମୋ ବାଳକ ସ୍ୱଭାବ ।।

ଇତି ଶ୍ରୀ ନିର୍ବେଦ ସାଧାନେ ଗୁରୁ ଶିଷ୍ୟ ବିଚାରଣେ .....................

ଭେଦାଭେଦବିଧି଼ ଚରିତ କଥନେ ନାମ

ସପ୍ତଦଶୋଧ୍ୟାୟଃ ।

ଅଷ୍ଟାଦଶ ଅଧ୍ୟାୟ

ଗୋବିନ୍ଦ ଉବାଚ

କହନ୍ତି ଆଦି ବ୍ରହ୍ମା ସାର । ଗୋବିନ୍ଦ ଶୁଣ ବାକ୍ୟ ସାର ॥

ଏ କଳିଯୁଗେ ଆମ୍ଭେ ଉଦେ । ଦିକ୍ଷା ବହିଲୁ ନିରିବେଦେ ॥

ସ୍ଥାପିଲୁ ଜମ୍ବୁଦୀପ ଧୁନି । ଚୌଷଠି ସିଦ୍ଧ ସଙ୍ଗେ ଘେନି ॥

ଭକ୍ତଙ୍କୁ ଘେନି ସଙ୍ଗତର ।  କରିଛୁ ସୃଷ୍ଟିର ବିଚାର ॥

ଜଗତ ହେଲା ଟଳଟଳ । ନ ରହି ସତ୍ୟଧର୍ମ କୁଳ ॥

ଧର୍ମ ସ୍ଥାପନ କଲା ଆଣି । ନିନ୍ଦତି କରନ୍ତି ନ ଜାଣି ॥

ଆମ୍ଭର ନିର୍ବେଦ ସାଧନା । ନ ଜାଣି ସର୍ବେ ହୋନ୍ତି ବଣା ॥

ଆମ୍ଭର ଯେବଣ ବିଭୁତି । ଚନ୍ଦ୍ର ସୂର୍ଯ୍ୟହିଁ ନ ଜାଣନ୍ତି ॥

ମାୟାରେ ସର୍ବେ ଆଗୋଚର । କାହାକୁ ନୁହଇ ଗୋଚର ॥

ଯେ କୃତ୍ୟ ଦ୍ୱାପର ଯୁଗରେ । ଜନ୍ମିଲୁ କୃଷ୍ଣ ଅବତାରେ ॥

ରମଣ କଲୁ ଗୋପୀକୁଳେ । ଗୋପୀକି ଅଷ୍ଟପୁତ୍ର ଦେଲେ ॥

ତହୁଁ ଦ୍ୱାରକାପୁରେ ବାସ । ଘେନାଇ ଚଲୁ ସର୍ବ ଶିଷ୍ୟ ॥

ତହିଁରେ କିଛିଦିନ ଅନ୍ତେ । ଉପାୟ ରଚି ଆମ୍ଭ ଚିତ୍ତେ ॥

କୁଟ କପଟରୁ ଅଇଲୁ । ଛନ୍ଦ ବିବାଦ ଆଚରିଲୁ ॥

ଯୁଦ୍ଧ ଆଚରି ପରକାଶ । ପୁତ୍ରଙ୍କୁ ଆମ୍ଭେ କଲୁ ନାଶ ॥

ଗତି ମୁକତି କରିବାରେ । ଛେଦନ କଲୁ ସେ ଚକ୍ରରେ ॥

ଘେନିଲୁ ଯଦୁବଂଶ ପ୍ରାଣ । ମୋ ଅଙ୍ଗ ଅଧେ ହେଲେ ଲୀନ ॥

ଆମ୍ଭର ଅଙ୍ଗେ ଥିଲେ ପଶି । ତାହାକୁ କହିଲୁ ବିଶ୍ୱାସୀ ॥

ଆମ୍ଭ ଆଶାରେ ତୁମ୍ଭେ ୟାଅ । ମର୍ତ୍ତ୍ୟରେ ଜନ୍ମ ଲଭି ଥାଅ ॥

କଳି ଉତ୍ପତ୍ତି ପରକାଶ । ଚାରିଲକ୍ଷ ବତିଶଶସସ୍ର ॥

କଳି ଚାରିଯୁଗ ଭୋଗନ୍ତେ । ଯେ ବତ୍ରିଶ ସହସ୍ର ଅନ୍ତେ ॥

ତହିଁ ମଧ୍ୟରେ ଅବତାର । ନିର୍ବେଦ ଦିକ୍ଷା ଅନୁସର ॥

ବେଶ ଧରିବୁ ଅବଧୂତ । ସେ କଳିଯୁଗରେ ଉଦିତ ॥

ପିଣ୍ଡ ଆଚରି ଜନ୍ମ ହେବ । ମୋହେ ଅଚେତା ହୋଇଥିବ ॥

ବ୍ରହ୍ମକର୍ମ କୁ ସଙ୍ଗେ ଘେନି । ସ୍ଥାପିବୁ ଜମ୍ବୁଦୀପ ଧୁନି ॥

ନାମକୁ କରିବୁ ବିଖ୍ୟାତ । ମହିମା ମାର୍ଗରେ ଉଦିତ ॥

ଧୁନି ସ୍ଥାପିବୁ ପୂର୍ବ ମୁଖେ । ଘୋଟିବୁ ତିନିପୁର ଯାକେ ॥

ତେଣୁ ସେ ମାୟାଯିବ ଫାଟି । ନାମ ଧରିବେ ତେଣୁ ରଟି ॥

ମୋ ଦେହୁଁ ଯେତେକ ଉଦିତ । ଦିକ୍ଷା ବହିବେ ଅବଧୂତ ॥

ଗୋବିନ୍ଦ ମୋର ଆଜ୍ଞାବେଳେ । ତହୁଁ ମୋ ଭକ୍ତେ ଜନ୍ମ ମହୀ ॥

ଯେତେକ ମୋର ଦିକ୍ଷା ଅଂଶ । ଜାଣ ଗୋବିନ୍ଦ ଯଦୁବଂଶ ॥

ଯାହାର ଥିବ ପୂର୍ବଭାଗ୍ୟ । ନାମକୁ ସେହୁ ହେବ ଯୋଗ୍ୟ ॥

ଯେହୁ ଧରେ ଚିତ୍ତେ ସରାଗେ । ନ ପଡ଼େ ଜନ୍ମ ମୃତ୍ୟୁ ଭାଗେ ॥

ଯେ ପ୍ରାଣୀ ମୋର ଅଂଶେ ନାହିଁ । ନିର୍ବେଦ ପଶିବେ ସେ କାହିଁ ॥

ଏ ବଡ଼ ନିଗୂଢ ଭକତି । ହର ବ୍ରହ୍ମାଦି ଡରୁଛନ୍ତି ॥

ଭକତ ନିମନ୍ତେ ଯେ ମୁହିଁ । ସାଧୁଛି କ୍ଷୀର ନୀର ଖାଇ ॥

ନ କରି ସୁଖ ଭୋଗ ବାଞ୍ଛା । ଧର୍ମ ସ୍ଥାପନ ମନେ ଇଛା ॥

ନାହିଁ ମୋ ବଡ ପଡ଼େ କାର୍ଯ୍ୟ । ଭକ୍ତେ ମୋ ହେଲେ ଅଧଉର୍ସା ॥

ତାହାଙ୍କ ପାଇଁ ମୋ ସାଧନ । ବେଶ ଧରିଛି ଅପ୍ରଛନ ॥

ସତ୍ୟକୁ ସ୍ଥାପିବା ପର୍ଯନ୍ତେ । ଦଣ୍ଡେହୋ ସୁସ୍ଥ ନାହିଁ ମୋତେ ॥

ଗ୍ରୀଷ୍ମ ବରଷା ମୋତେ ନାହିଁ । ଶୀତ ଶିଶିର ନ ଜାଣଇ ॥

ଅତିଥିରୂପେ ଏ ଜଗତେ । ଭ୍ରମୁଛି ଶୁଭାଶୁଭ ପଥେ ॥

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ଜଗତ ଧାରଣ । କହିଲ ନିର୍ବେଦ ସାଧନ ॥

ଶୁଣି ହୋଇଲି ମୋକ୍ଷଭାଗୀ । ବେଦ ମୂକତି ମାର୍ଗ ଲଭି ॥

ମନରେ ପାଇଲି ପରତେ । ମନ କଳ୍ପଣା ମୋର ଯେତେ ॥

ତୁମ୍ଭ ମହିମା ପରକାଶ । ବିଦିତ ହେଲା ଦଶଦିଶ ॥

ଭକତେ ସାଧିବେ କିରୂପେ । ଏହା କହିବ ମୋତେ ଆପେ ॥

ଶ୍ରୀମୁଖୁ ଶୁଣିଥିବି ମୁହିଁ । ଆଜ୍ଞାରେ ତାହା କରିବଇଁ ॥

ଅନାଦି ଉବାଚ

ବୋଲନ୍ତି ଶୁଣ ଗୋବିନ୍ଦାଇ । ଶୁଣ ସାଧନା କର୍ଣ୍ଣଦେଇ ॥

ବାହ୍ୟରେବେଦ ଆଚରିବୁ । ମନରେ ନିର୍ବେଦ ସାଧିବୁ ॥

ତିହ୍ନି କରିବୁ ମାନ୍ୟ ଧର୍ମ । ଯେ ତହିଁ ବେଦର ବଚନ ॥

ଯେ ଧର୍ମେ ଯାଉ କାଷ୍ଠାତତ୍ତ୍ୱ । ତାକୁ ଯଥାର୍ଥ ବୋଲି ସତ୍ୟ ॥

ନୋହିଲେ ପକାଇବୁ ଲେଛି । ଆମ୍ଭର କିସ ଯାଉଅଛି ॥

ଗୋବିନ୍ଦ ଉବାଚ

ଭୋ ପ୍ରଭୁ କେମନ୍ତେ କହିଲ । ଯେ କାଷ୍ଠା ସତ୍ୟା ନ ଲେଖିଲ ॥

କଲେ ସେ ଯେଉଁ ଧର୍ମ କୃତ୍ୟ । କି କର୍ମ ବୋଲାଇବେ ସତ୍ୟା ॥

ଶ୍ରୀ ଅନାଦି ଉବାଚ

ଭକ୍ତ ବଚନ ମାନେ ରଖି । ସେ ଯେ ଅନାଦି ଶୂନ୍ୟରୂପୀ ॥

ବୋଲନ୍ତି ଶୁଣରେ ଗୋବିନ୍ଦ । ଯେ ତତ୍ତ୍ୱ ସତ୍ୟ ଭେଦ ସନ୍ଧି ॥

ସର୍ବଦା ଦିନେ ନାମ ଝଳି । ତାହାକୁ ସିନା ସତ୍ୟା ବୋଲି ॥

ଚନ୍ଦ୍ର ସୂର୍ୟ୍ୟ ଯେ ଭେଦ ଅସ୍ତ । ତାହାଙ୍କୁ କର୍ମ ବୋଲିଖ୍ୟାତ ॥

ସିନ୍ଧୁ ଯେ ରହିଅଛି ପୁରି । ତା ଧର୍ମ ସତ୍ୟେ ଲେଖା କରି ॥

ବାସୁକି ପୃଥ୍ୱି ଅଛି ଧରି । ତା ଧର୍ମ ସତ୍ୟେ ଲେଖା କରି ॥

ଯେ ପ୍ରାଣୀ ସତ୍ୟେ ଅଛି ରହି । ତାକୁ ଧର୍ମାଦି ବୋଲି କହି ॥

ଯେ ଧର୍ମ ଚାରି ଯୁଗେ ଅଛି । ତାକୁ ଲୋଡ଼ିବା ମନେ ବାଛି ॥

ଯେ ଧର୍ମ କାଷ୍ଠାଶ୍ରୁତି ଜପ । ଏ ଭାବେ ହୋଇଛନ୍ତି ହତ ॥

ଯେ କର୍ମ ଅଳ୍ପଦିନେ ନାଶେ । ସେ ଆମ୍ଭ ଲେଖାକୁ ନ ଆସେ ॥

ବହି ଗଲେଣି ବେଦଗାଇ । ଭେଦଟି ନ ଜାଣନ୍ତି କେହି ॥

ଫଳ ଶ୍ରୁତିରେ ସର୍ବେ ବାୟା । ନ ଜାଣି ଛନ୍ଦ ମୋହମାୟା ॥

ଯେତେ ମୁଁ କହିଲି ଗୋବିନ୍ଦ । ମନରେ ନ ରଖିବୁ ଭେଦ ॥

ନୋନ୍ଦିବୁ ପ୍ରକୃତିରେ ଧନ୍ଦା । ପଛେ ନ ଦେବୁ ମୋତେ ନିନ୍ଦା ॥

ଲଙ୍ଘିବୁ ନାହିଁ ସ୍ୱରନଦୀ । ହୋଇବୁ ଗୁରୁ ଅପରାଧୀ ॥

ପଦେ ନୋହିବୁ ବଢି କହି । ଆବର ହେବୁ ବିଷ୍ଣୁ ଦ୍ରୋହୀ ॥

ନାରେ କରିବେ ଉପହାସ । ସକଳ ଧର୍ମ ଯିବ ନାଶ ॥

ଏହା ତୁ ନ କହିବୁ କାହିଁ । ସାଧୁଛି ତିନିପୁର ମୁହିଁ ॥

କରାଉଅଛି ଖଳ ବଳ । ଚକ୍ରେ ଛେଦିବୁ ଦୁଷ୍ଟବଳ ॥

ନିର୍ବେଦ ସାଧନା ଏ ପଦ । ଅନାଦି ଗୋବିନ୍ଦ ସମ୍ବାଦ ॥

ପୃଥ୍ୱି ହେଲାଣି ଛଟପଟ । ଲାଗିଛି ବେଦ ନଟକୁଟ ॥

ବେଳକୁ ବେଳ ଅପ୍ରମାଣ । ଲାଗିବ ଦ୍ୱନ୍ଦ .................

ସୁର ଅସୁର ଏକ ହୋଇ । ପାଦରେ କମ୍ପୁଥିବ ମହୀ ॥

କେହି କାହାକୁ ନ ମାଣିବେ । ମୂର୍ଖପଣାରେ ଦିନନେବେ ॥

ଧର୍ମ ଅଧର୍ମ ନ ବିଚାରି । ସୁକର୍ମ ପଥ ନ ଆଚରି ॥

ଏକ ଆରେକ ଅନ୍ୟେଅନ୍ନୀ । କାହା ବଚନ କେ ନ ମାନି ॥

ଆପ ବଡ଼ିମା ଆପେ କରି । ଦ୍ରୋହ କର୍ମରେ ଯିବେ ସରି ॥

ସତ୍ୟା ଧର୍ମକୁ ନ ମାନିବେ । ମଦ ମାଂସରେ ଦିନ ନେବେ ॥

ବିଷ ହୋଇବ ସତ୍ୟାପାଦ । ଭକ୍ତିରେ କରିବେ ବିବାଦ ॥

ଅନର୍ଥ ହେବ ଦିନୁଦିନେ । ଏକାଙ୍ଗ ଆତ୍ମା ଭକ୍ତି ଗୁଣେ ॥

ସ୍ତିରୀ ପୁରୁଷ ଏକ ମତେ । ପରମ ଶାସ୍ତ୍ର ଭଗବତ ॥

ଗାୟନ କରି ଚାରିଦିଗେ । ଏ ଘୋର କଳିକାଳ ଯୁଗେ ॥

ବ୍ରହ୍ମାଣ୍ଡ ତାରଣ ନିମନ୍ତେ । ଭକ୍ତେ ମୋ ଫେରିବେ ଜଗତେ ॥

ସକଳଠାରେ ସମଚିତ୍ତ । ବିଚାରି ପଞ୍ଚ ଆତ୍ମାତତ୍ତ୍ୱ ॥

ସକଳ ଦ୍ୱାରେ ଭିକ୍ଷାମାଗି । ମାତୃକ କର୍ମେ ଥିବେ ଜାଗି ॥

ସୁବର୍ଣ୍ଣ ସ୍ଥାଳରେ ଭୁଞ୍ଜିବେ । ଭୂମି ଆସନେ ଦିନନେବେ ॥

ଏ ଧର୍ମ ପରକାଶ ହେବ । ଏ କଳିଯୁଗ କ୍ଷୟଯିବ ॥

ବହୁତ ରଣଗୋଳ ଉଠି । ଉଲକାପାତ ହେବ ସୃଷ୍ଟି ॥

ଅନନ୍ତ କୋଟି ସାଧୁଗଣ । ଚୌଷଠି ସିଦ୍ଧ ଋଷିମାନ ॥

ଜାନାଂ ଲଭି କଳିକାଳେ । ଏ ଘୋର ଯୁଗକାଳବଳେ ॥

ସଂଖ୍ୟା କଳିରେ ଶଙ୍ଖ ଭକ୍ତ । ବ୍ରହ୍ମାଣ୍ଡେ ହୋଇବ ବିଦିତ ॥

କଷାବାସନ ଅଙ୍ଗେ ଲଇ । ଆତ୍ମର ଆଜ୍ଞା ଶିରେ ବହି ॥

ଧର୍ମେ ପାଳିବେ ପ୍ରତିଦିନ । ଭକ୍ତଙ୍କୁ ପଡ଼ିବ କଷଣ ॥

ସମ୍ପୁର୍ଣ୍ଣ ହେଲେ ଭକ୍ତକୁଳ । ବ୍ରହ୍ମାଣ୍ଡେ ଉଠିବ କନ୍ଦଳ ॥

ଜନ୍ମି ଅଛନ୍ତି ବୀରମାନେ । ଗୁପ୍ତରେ ନରଦେହେ ପଣେ ॥

କଥା ହୋଇବ ଅସମ୍ଭାଳ । ବଚନେ ନ ଯିବେ ସମ୍ଭାଳ ॥

ବୁଲିବେ ନବଦ୍ୱୀପ ମହୀ । ଦୁଷ୍ଟଙ୍କୁ ପକାଇବେ ଦହି ॥

ଧରି ମାରିବେ କରି ଚନା । ଗୋବିନ୍ଦ ଶୁଣିଥାଅ ସିନା ॥

ଯାହା ମୁଁ କହୁଅଛି ତୋତେ । ମନରେ ନ ହୁଅ ଅପ୍ରତେ ।।

ମହୀରେ ଦୁଷ୍ଟବଳ ଥିବେ । ଭକ୍ତେ ମୋ ଗୋଡାଇ ମାରିବେ ।।

ଅନର୍ଥେ ଯୁଦ୍ଧ ଆରମ୍ଭୀବେ । ପର ଦୁହିତା ହରିନେବେ ।।

କରିବେ ଘରେ ଘରେ ଦ୍ୱନ୍ଦ । କାଛେଣି କରି ମାଳବନ୍ଧ ।।

ଦୁଷ୍ଟହିଁ ନ ରହିବେ କେହି । ତେଣୁ ଉଶ୍ୱାସ ହେବ ମହୀ ।।

ଶ୍ରୀଗୁରୁ ଚରଣକୁ ଧ୍ୟାନ । ଭଣେ ଅରକ୍ଷିତ ଭୀମ ହୀନ ।।

ଇତି ଶ୍ରୀ ନିର୍ବେଦ ସାଧନେ ଗୁରୁଶିଷ୍ୟ ବିଚାରଣେ ଯଦୁବଂଶ ଭକ୍ତ

ଚରିତ କଥନେ ସତ୍ୟତତ୍ତ୍ୱ ବର୍ଣ୍ଣନେ ଅନାଦି ଗୋବିନ୍ଦ

ସମ୍ବାଦେ ନାମ ଅଷ୍ଟାଦଶୋ ଧ୍ୟାୟଃ ।

ଊନବିଂଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ବ୍ରହ୍ମାଣ୍ଡ କରତା । ଅଶେଷ ଜନ ପିତା ମାତା ।।

ତୁମ୍ଭର ନାହିଁ ଆଦିଅନ୍ତ । ତେଣୁ ବୋଲାଅ ଅବଧୁତ ।।

ମହିଁମା ଦିକ୍ଷା ଏ ସଂସାରେ । ପ୍ରକାଶ ତିନି ବ୍ରହ୍ମାଣ୍ଡରେ ।।

ଏ କଳିଯୁଗ ଯେବେ ଯିବ । ପୃଥିକି କେଉଁ କଥା ହେବ ।।

ଏହା କହିବା ମୋର ଆଗେ । କି କି କରିବ ସତ୍ୟାଯୁଗେ ।।

ନର ଦେହରେ ଜନ୍ମପାଇ । କି କଥା ହେବ ନ ଜାଣଇ ।।

ତୁମ୍ଭେ ଯେ ସଦଗୁରୁ ମୋର । ଶୁଣି ମୁ ଥିବି ଶ୍ରୀମୁଖରୁ ।।

ଅନାଦି ଉବାଚ

ଶୁଣ ଗୋବିନ୍ଦ ଶୁଦ୍ଧଚେତା । ଯେ ସତ୍ୟଯୁଗର ବାରତା ।।

ଅନନ୍ତ କୋଟି ସାଧୁସଙ୍ଗ । ବ୍ରହ୍ମାଣ୍ଡେ ହୋଇବେ ଉଦିତ ।।

ଚୌଷଠି ସିଦ୍ଧ ଋଷିଗଣ । ଯେ ନରଦେହେ ଉତପନ୍ନ ॥

ଯେ ଷଡବ୍ରହ୍ମ ବାସୀ ଯତି । ନର ଦେହରେ ଉତପତ୍ତି ॥

ସେ ନବ ଋଷି ଜନ୍ମପାଇ । ନର ଦେହରେ ଛନ୍ତି ରହି ॥

ସେ ଚାରି କବି ରଚିତଲେ । ମୋ ସଙ୍ଗେ ଅବତାର ହେଲେ ॥

ସେ ଚାରିଶାଖା ଚାରିଭାଇ । ଅଛନ୍ତି ଚଉଦିଗେ ରହି ॥

ଚାରି ପଣ୍ଡିତ ସେ କରଣ । ଜନମ ଲଭିଛନ୍ତି ଜାଣ ॥

ରାଜପୁରୁଷ ଦେବଲୋକ । ନର ଦେହରେ ଜନ୍ମ ଦେଖ ॥

ବେଦ ପୁରୁଷ ଗୋପଲୋକ । ଜନମ ଲଭି ତ୍ରିଇଲୋକ ॥

ଯେ ମୁନି ବ୍ରହ୍ମଲୋକମାନ । ନର ତନୁରେ ଛନ୍ତି ଜାଣ ॥

ଯେ ରାଜକନ୍ୟା ଦେବକନ୍ୟା । ଲୀଳା ଅଙ୍ଗକୁ ଏ ସର୍ଜନା ॥

ଦେବାନ୍ତ ସ୍ତିରୀ ବ୍ରହ୍ମସ୍ତିରୀ । ଏ ଜମ୍ବୁପେଛନ୍ତି ପୁରି ।୨୦।

ଆମ୍ଭର ଆଜ୍ଞାପାଇ ପୂର୍ବେ । ଜନମ ଲଭିଛନ୍ତି ଭବେ ॥

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ଅନାଦି ଅନନ୍ତ । ଯାହା କହିଲୁ କଥା ସତ ॥

ସ୍ୱରୂପ କେମନ୍ତେ ଜାଣିବା । କେବଣ ଲକ୍ଷଣେ ଚିହ୍ନିବା ॥

ଅନେକ ଅଛନ୍ତି ସଂସାରେ । ପ୍ରଚାର ତିନି ଭବନରେ ॥

କେତେ ଆଚରେ କେଉଁ କର୍ମ । କେମନ୍ତେ ଜାଣିବା ଏ ଧର୍ମ ॥

ଅନାଦି ଉବାଚ

ଶୁଣ ଗୋବିନ୍ଦ ........ । ଜାତଲକ୍ଷଣ ଦେବା କହି ॥

ଯେବଣ ନର ରାଜଗୁଣ । ପର ଧନରେ ଥାଇ ମନ ॥

ବୋଲାଏ ବଡ଼ ଲୋକ ନୀତି । କରନ୍ତି ଯଥାଥ ଭକତି ॥

ନ ଥାଇ ଗୁରୁପାଦେ ଭାବ । ଇହ ପରରେ ମର୍ତ୍ତଗର୍ବ ॥

ନାମକୁ ଭଜି ନ ପାରନ୍ତି । ସୁଖ ଭୋଗରେ ଦିନନ୍ୟନ୍ତି ।୩୦।

ଏ ରାଜଲକ୍ଷଣ ବିଧାନ । ଶୁଣ ଗୋବିନ୍ଦ ଦେଇ ମନ ॥

ଦେବ ଲୋକଙ୍କ କଥା ଶୁଣ । ବିଚ୍ଛନ୍ଦେ ପଶଥାଇ ମନ ॥

ନୃତ୍ୟ ଗୀତରେ ବନ୍ଦୀଚିତ୍ତ । ବାସନା ଘେନନ୍ତି ବହୁତ ॥

ଫୁଲ ଚନ୍ଦନ ମଣ୍ଡି ଅଙ୍ଗେ । ଉଷା କହନ୍ତି ନାନାରଙ୍ଗେ ॥

ନାନାଦି ଫୁଲାପଣ କରି । ବଳେ ହରନ୍ତି ପରନାରୀ ॥

ନ ଥାଇ ସୁବୁଦ୍ଧି ଅଚାର । ଶୁଣ ଗୋବିନ୍ଦ ହେତୁ କର ॥

ଦେବାନ୍ତ ଲୋକ ଯେଉଁ ମାନ । ଧର୍ମ ଆଚାର ଅନୁକ୍ଷଣ ॥

କରନ୍ତି ବହୁତ ବିକାର । ବେଦାନ୍ତମତେ ଅଧିକାର ॥

ସ୍ନାନ ଶଉଚେ ଆଗମନ । ଶ୍ଳୋକ ସୁମୃତି ଉଦ୍ୟାପନ ॥

କହନ୍ତି ଅରଥ ସମ୍ବାଦ । ମନରେ ବଡ଼ିମା ଉନ୍ମାଦ ।୪୦।

ବଢାନ୍ତି ନାନାକର୍ମମାନ । ନ ଥାଇ ସଦଗୁରୁ ଜ୍ଞାନ ॥

ବେଦନ୍ତି ଲକ୍ଷଣ ଯେମନ୍ତ । ଶୁଣ ଗୋବିନ୍ଦ ଜଗନ୍ନାଥ ॥

ଗୋପଲୋକଙ୍କ ନ୍ୟାୟ ଶୁଣ । ତୋ ଆଗେ ଫେଡିଦେବା................

ମନ ଗୁପତ ଭାବେ ଥାନ୍ତି । ଚୌର ରୀତିରେ ପ୍ରବର୍ତ୍ତାନ୍ତି ॥

ମନର ଭିତରେ ମଉନ । କେହି ନ ଜାଣେ ତାଙ୍କ ଗୁଣ ॥

ଠାରନ୍ତି ନେତ୍ରପଠେ କଥା । ପାପ ପୁଣ୍ୟକୁ ନାହିଁ ଚିନ୍ତା ॥

ଯହିଁରେ ଇଚ୍ଛା ତହିଁ ଯାନ୍ତି । ସକଳ ଘରରେ ପଶନ୍ତି ॥

ଗୋପଲୋକଙ୍କ ଏ ଆଚାର । ଶୁଣ ଗୋବିନ୍ଦ ଦାମୋଦର ॥

ମୁନିଲୋକଙ୍କ ଯେତେ ରୀତି । ଶୁଣ କହିବା ସେ ବିଭୂତି ॥

ମନରେ ଧରିଥାନ୍ତି ଆଣ୍ଟ । ସୁଜ୍ଞାନ ଗୁରୁ ଧର୍ମ ବାଟ ॥

ତାହାଙ୍କ କାହିଁ ଆଦି ଅନ୍ତ । ନାମ ଭଜନାରେ ସାମର୍ଥ ॥

ଧୀର ସ୍ୱରୂପ ସତ୍ୟବୁଦ୍ଧି । ବଚନ କରୁଣା ବାରିଧି ॥

ଉଦ୍ଧାର ହୁଅନ୍ତି ସେ ଆପେ । ନ ପଡ଼ି ନର୍କ କୁମ୍ଭୀପାକେ ॥

ମୁନିଲୋକର ଏ ଲକ୍ଷଣ । ଗୋବିନ୍ଦ ହେତୁ କରି ଜାଣ ॥

ବ୍ରହ୍ମଲୋକଙ୍କ ଯେ ଆଚାର । ଶୁଣ ଭକତ ବୀରବର ॥

ମହାଶୂନ୍ୟରେ ଥାଇ ମନ । ଅରୂପ ନାମ ଦରଶନ ॥

ଉଦେ ଅସ୍ତରେ ନୀତି ପ୍ରତି । କରନ୍ତି ସେବା ଧର୍ମଭକ୍ତି ॥

ବ୍ରହ୍ମ ଖେଳଇ ତାର ଅଙ୍ଗେ । ସକଳେ ଖଟିଥାନ୍ତି ସଙ୍ଗେ ॥

ଦୟାଦୃଷ୍ଟିରେ ସେ ସମାନ । ନାହିଁ ନ କରି ଭିନ୍ନାଭିନ୍ନ ॥

ଭୋଜନ ଶାନ୍ତିରେ ସୁଶୀଳ । ସହିବାପଣେ ସିନ୍ଧୁ ଜଳ ॥

ସକଳ ସମାନ ଦେଖନ୍ତି । ଗୁରୁ ଚରଣେ ଚିତ୍ତ ମତି ॥

ଏ ବ୍ରହ୍ମଲୋକଙ୍କ ବ୍ୟବସ୍ଥା । ଶୁଣ ହୋ ରାଜସ୍ତିରୀ କଥା ॥

ଉତ୍ତମ ଲକ୍ଷଣ ଆଚାର । ମନ୍ଦିରୁ ନୁହଇ ବାହାର ॥

ଖଟାଇ ଥାଇ ପରିବାରି । ବହୁ ଲକ୍ଷଣ ମନେ ଧରି ॥

ମଧୁର କରି କହେ କଥା । ବଡ ପଦରେ ଥାଇ ଶ୍ରୋତା ॥

ରାଜକନ୍ୟାଙ୍କର ଏ ଭାବ । ଶୁଣ ଦେବକନ୍ୟାଙ୍କ ଲାଭ ॥

ଚତ୍ରପ୍ରାୟେକ ତାଙ୍କ ମନ । ପ୍ରେମ ରସରେ ଛନ୍ନ ଛନ୍ନ ॥

ଅଟନ୍ତି ଦେବ ସହଚାରୀ । ଭୋଗ କରନ୍ତି ଧରି ଧରି ॥

କାହିଁ ନ ରହେ ତାଙ୍କ ଚିତ୍ତ । ଶୃଙ୍ଗାରେ ଏକା ତାଙ୍କ ମତ ॥

ଦେବସ୍ତିରୀଙ୍କ ଏହି ବାଣୀ । ଗୋବିନ୍ଦ ଏହା ଥାଅ ଶୁଣି ॥

ଦେବକନ୍ୟାଙ୍କ ଯେଉଁ ବିଧି । ହୃଦେ ସଞ୍ଚରେ ବହୁବିଧି ॥

ଯଥା ବିଧିରେ ଭକ୍ତି ସେବା । ସ୍ୱାମୀ ସେବାରେ ଚିତ୍ତ ଥିବା ॥

ଦେବତାପ୍ରାୟେ ସମସ୍ତଙ୍କୁ । ମାନି ସେ କରଇ କର୍ମକୁ ॥

ଫଳ ଶ୍ରୁତିରେ ଥାଇ ବାଞ୍ଛା । ଗୁରୁଜ୍ଞାନରେ ଅଳ୍ପ ଇଚ୍ଛା ॥

ଗୋପସ୍ତିରୀଙ୍କ ଯେଉଁ ଭାବ । ଶୁଣ ଭଗବାନ ମାଧବ ॥

ମନରେ ଝୁରନ୍ତି ପୁରୁଷ । ନୋହୁ ନା ଯୁବାଙ୍ଗ ବୟସ ॥

ଛାଡ଼ି ଆପଣା ପତିଅଙ୍ଗ । ପର ପୁରୁଷେ କରି ସଙ୍ଗ ॥

କିଛି ନ ଜାଣି ଭଲମନ୍ଦ । ହେବା ପର୍ଯନ୍ତେ ଦଶମଣ୍ଡ ॥

ଗୁପତେ କରନ୍ତି ପୀରତି । ଲାଭ ହାନିରେ ଯେଉଁ କୀର୍ତ୍ତି ॥

ଗୋପକନ୍ୟାଙ୍କ ଏହିମତ । ଶୁଣ ମୁନି କନ୍ୟାଙ୍କ ଜାତ ॥

ମହା ଗଭୀର ଚିତ୍ତବୁଦ୍ଧି । ହୃଦରେ କଥାକୁ ସମ୍ପାଦି ॥

ଧରି ସମ୍ଭାଳି ଦିନ ନେଇ । ହୃଦରେ କପଟ ନ ଥାଇ ॥

ସେବା କରନ୍ତି ଅନୁକ୍ଷଣ । ସ୍ୱାମୀ ଚରଣେ ଥାଇ ମନ ॥

ଏକରୁ ନ ଜଣାନ୍ତି ଦୁଇ । ପତି ଭକତା ତାଙ୍କୁ କହି ॥

ସେବା ଭକ୍ତିରେ ଚିତ୍ତ ମଜ୍ଜି । ଭାବନ୍ତି ସର୍ବ କର୍ମ ତେଜି ॥

ତାହାଙ୍କ ହସ୍ତରେ ଯେ ଜଳ । ପିଇଲେ ଖଣ୍ଡେ ଭୋଗକାଳ ॥

ଏଡ଼େ ଲକ୍ଷଣେ ମୁନି ସ୍ତିରୀ । ତାହାଙ୍କ ହସ୍ତ ଥିବ ଧରି ॥

ପୂଣ୍ୟ ପ୍ରକାଶ ବେଳୁବେଳେ । ଆଶା ବଢାଇ ଗୃହ କଲେ ॥

ବିହିତ କତୁ କ୍ଷେ କରନ୍ତି । ସତ୍ୟା ଧର୍ମରେ ଦିନ ନ୍ୟାନ୍ତି ॥

ଶୁଣିଲୁ ଟିକି ହୋ ଭକତ । ମୁନି କନ୍ୟାଙ୍କ ବିଧିମତ ॥

ବ୍ରହ୍ମ କନ୍ୟାଙ୍କ ଗୁଣ କହୁଁ । ତୋ ମନୁ ସଂଶୟ ଫିଟାଉ ॥

ଶୂନ୍ୟ ପୁରୁଷ ଅଲେଖଙ୍କୁ । ଆଶ୍ରୟ କଲେ ଅରୂପଙ୍କୁ ॥

ସ୍ୱାମୀ ଚରଣେ କରି ପ୍ରିତି । ନାମ ବ୍ରହ୍ମରେ ଥାଇ ମତି ॥

ସେ ନାରୀ ତାରି ଆପେ ତରେ । ସପତ ପୁରୁଷ ଉଦ୍ଧରେ ॥

ଏମନ୍ତ ଗୁଣ ଯେ ଯୁବତୀ । ନ ପଚ୍ଛୁ ତାର ଗୋତ୍ର ..... ।

ଯେତେ ଦୂରକୁ ପଛେ ହେବା । ପ୍ରଦାନ ପଦେ ହେବ ବିଭା ॥

ଶୁଣିଲୁ ଟିକି ହୋ ଗୋବିନ୍ଦ । ଗୁପତ ଲୀଳା ରସ ଛନ୍ଦ ॥

ଷୋଳ ସହସ୍ର ଯେ କାମିନୀ । ଜନ୍ମି ଅଛନ୍ତି ଦେହ ଘେନି ॥

ସେ ଅଷ୍ଟପାଟ ବଂଶୀ ନାରୀ । ସମସ୍ତେ ନରଦେହ ଧରି ॥

ରାଧିକା ଦୁତୀ ବୃନ୍ଦାବତୀ । ନର ଦେହରେ ରହିଛନ୍ତି ॥

ଯେ ବ୍ରହ୍ମା ବିଷ୍ଣୁ ଶିବ ତିନି । ଜନ୍ମି ଅଛନ୍ତି ଦେହ ଘେନି ॥

ସଂଖ୍ୟା ଯୋଗକୁ ଲଭିବାରେ । ଜନ୍ମି ଅଛନ୍ତି ସର୍ବ ଘରେ ॥

ବାଆନ ପାଟକ ଜାତି ସର୍ବେ । ଏକାନ୍ତ ପତ୍ରରେ ଭୁଞ୍ଜିବେ ॥

କହେ ଅର୍କ୍ଷିତ ଭୀମ ହୀନ । ସୁମରି ଶ୍ରୀଗୁରୁ ଚରଣ ॥

ଇତି ଶ୍ରୀ ନିର୍ବେଦ ସାଧାନେ ଅନାଦି ଗୋବିନ୍ଦ ସମ୍ବାଦେ

ଗତ ଆଗତ ଚରିତ ବର୍ଣ୍ଣନେ ନାମ

ଊନ ବିଂଶଧ୍ୟାୟଃ ।

ବଂଶ ଅଧ୍ୟାୟ

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ବ୍ରହ୍ମାଣ୍ଡ କାରଣ । ଜଗତେ ପ୍ରଳୟ ପାଳଣ ॥

ଏକାନ୍ତ ପତ୍ରେ ଭୁଞ୍ଜିବାର । ଏକଥା ମୋତେ ଅଗୋଚର ॥

କେମନ୍ତ ବେଳେ ଏହି ଭାବ । ଏକାନ୍ତ ପତ୍ରେ ଯୋଗଇବ ॥

ଏକଥା ଶୁଣିଥିବି ମୁହିଁ । ସଂଶୟ ଫେଡ଼ିଦେବ କହି ॥

ଶୁଣିଲେ ନ ଯାଇ ପରତେ । ହୋଇବ କେତେ ଦିନ ଅନ୍ତେ ॥

ଅନାଦି ଉବାଚ

ଶୁଣ ଗୋବିନ୍ଦ ମନଦେଇ । ସଂଶଯ ଫେଡ଼ିଦେବା କହି ॥

ଏ କଳିଯୁଗ ଯିବ । ସତ୍ୟଯୁଗ ଯେ ପ୍ରକାଶିବ ॥

ମୋ ଭକ୍ତବୃନ୍ଦ ଦାସ ଦାସୀ । ବ୍ରହ୍ମ ତେଜରେ ପରକାଶି ॥

କେତେ ଏ ବଡ ଲୋକମାନ । ତେଜକୁ କଲେଣି ହରଣ ॥

ଲକ୍ଷେ ରଜାର ଛତ୍ର ବାନା । ଗାତରେ ପୋତାଯିବ ସିନା ॥

ଆମ୍ଭେ ବସିବୁ ରାଜପଦେ । ଅଶେଷ ବ୍ରହ୍ମାଣ୍ଡର ମଧ୍ୟେ ॥

ଲକ୍ଷେ ଚାମର ଲକ୍ଷେ ଛତ୍ରୀ । ଲକ୍ଷେହିଁ ବୀରଦ୍ୱର ମୂର୍ତ୍ତି ॥

ଲକ୍ଷେ ଖଞ୍ଜିଣି ଲକ୍ଷେ ଗିନି । ଲକ୍ଷେକ ଜୟ ଶଙ୍ଖ ଧ୍ୱନି ॥

ଲକ୍ଷେ ମର୍ଦ୍ଦଳ ଲକ୍ଷେ ତାଳ । ଲକ୍ଷେ ଚନ୍ଦନ ଲକ୍ଷେ ଫୁଲ ॥

ଲକ୍ଷେ ଦାଉଣ ଲକ୍ଷେ ଭେରି । ଲକ୍ଷେକ ସିଂହହିଁ ନ ଫେରି ॥

ଲକ୍ଷେ ଦିହୁଡ଼ି ଲକ୍ଷେ ହଳା । ଲକ୍ଷ ନାଟକ ଲକ୍ଷଲୀଳା ॥

ଲକ୍ଷ ମନ୍ଦିର ଲକ୍ଷକୁମ୍ଭ । ଲକ୍ଷକ ଚିଗାଳ ଆରମ୍ଭ ॥

ଲକ୍ଷେ ପାରୁଆ ଦଧିମାଛ । ଲକ୍ଷକ ରମ୍ଭାତରୁ ଗଛ ॥

ଲକ୍ଷ ସକଳ ଲକ୍ଷ ............. । ଲକ୍ଷ ଡାହାଣବତ ଶଙ୍ଖ ॥

ଲକ୍ଷେ ଚାନ୍ଦୁଆ ଲକ୍ଷ ଶେଯ । ଲକ୍ଷ ଭଣ୍ଡାର ଲକ୍ଷେ ରାଜ ॥

ସଂଖ୍ୟା କଳିରେ ଶଙ୍ଖେ ଭକ୍ତି । ହୋଇବ ଖେଳ ଅପ୍ରମିତ ॥

ଚଉଦବାର୍ଣ୍ଣୀ ଖୋଳାଯିବ । ସମ୍ପୂର୍ଣ୍ଣ ପାବଛ ବସିବ ॥

ନେତ ପତାଙ୍ଗ ଉଡୁଥିବ । ଆକାଶୁ ପୁଷ୍ପ ବୃଷ୍ଟି ହେବ ॥

ଷୋଳ ବଖରା ଯେ କବାଟ । ଲାଗିବ ଅଷ୍ଟରତ୍ନ କାଷ୍ଟ ॥

ସୁବର୍ଣ୍ଣ ପାରୁଆ ବସିବ । ହୀରାର ଟୋପି ବସିଥିବ ॥

ନରରତ୍ନରେ ଘର ତୋଳି । ପଡ଼ିବିଚିତ୍ର କମଝଳ ॥

ଷୋଳ ମନ୍ଦିରେ ଷୋଳ କଳା । ଭାଗ୍ୟ ଏକାନ୍ତ ଠାବ ହେଲା ॥

ରାଜାମାନଙ୍କ କଳା ସେହି । ବପୁ ଭଙ୍ଗିବ ତେଜ ଚାହିଁ ॥

ତିନିବଖରା ଘର ହେବ । ତ୍ରିପୁର ହସ୍ତକୁ ଆଣିବ ॥

ସପ୍ତବଖରା ଘର ହେବ । ଆମ୍ଭର ହସ୍ତରେ ରହିବ ॥

ଚଉଦବଖରା ମନ୍ଦିର । ଚଉଦ ବ୍ରହ୍ମାଣ୍ଡ ଆମ୍ଭର ॥

ବତ୍ରିଶ ବଖାରୀ ଆମ୍ଭର । ଆମ୍ଭେ ରହିବୁ ଭକ୍ତ ବୀର ॥

ଅଷ୍ଟ ବଖରା ଘର ହେବ । ପାତାଳ ଭୁବନ ଆସିବ ॥

ତିନିଶ ବଜାର ବସିବ । ନଗ୍ରକୁ ବାଛି ଦିଆଯିବ ॥

ପଡ଼ିବ ସାତପୁର ଗଡ଼ି । ସିଂହ ଦୁଆର ହେବ ଗାଢ ॥

ଏକୋଇଶ ବଖରା ମନ୍ଦିର । ଏକାନ୍ତ ଭୁଞ୍ଜିବା ସଂସାର ॥

ସର୍ବ ଭୁଞ୍ଜିବ ଏକଠାରେ । ଅଶେଷ ବ୍ରହ୍ମାଣ୍ଡ ଭିତରେ ॥

ଗୋବିନ୍ଦ ଉବାଚ

ଭୋ ସ୍ୱାମୀ ଯିବାର କରତା । ଶ୍ରୀମୁଖେ କହିଲ ଯେ କଥା ॥

ପ୍ରଭୁ ଯେ ଭିକ୍ଷାବାସୀ ହୋଇ । ବ୍ରହ୍ମାଣ୍ଡେ ଭ୍ରମୁଛ ଗୋସାଇଁ ॥

ଏତେ ସମ୍ଭବ କାହୁଁ ହେବ । କେମନ୍ତେ କାହିଁରୁ ଆସିବ ॥

ଏକଥା ବଡ଼ ଅଗୋଚର । କେହି ନ ଜାଣେ ବ୍ରହ୍ମାସୁର ॥

ଏ ନରଲୋକେ କି ଜାଣିବେ । କେମନ୍ତେ ପରତେ ପାଇବେ ॥

ଅନାଦି ଉବାଚ

ଯାହା ମୁଁ କହୁଅଛି ତୋତେ । ଶୁଣ ଗୋବିନ୍ଦ ଏକଚିତ୍ତେ ॥

ଏ ରାଜାମାନେ ଖଟିଥିବେ । ସମସ୍ତେ ଅଜ୍ଞାରେ ଚଳିବେ ॥

ସେମାନେ ତୋଳିବେ ମନ୍ଦିର । ଛାମୁରେ ହୋଇବେ କିଙ୍କର ॥

ବାଉନକୋଟି ଯେ ଭଣ୍ଡାର । ରଖିବେ ଆମ୍ଭର ଛାମୁର ॥

ବ୍ରହ୍ମାଣ୍ଡେ ପରୀକ୍ଷା ପାଇବେ । ଧନରତନ ଆଣିଦେବେ ॥

ପୁତ୍ର ଦୁହିତା ସମର୍ପଣ । ଏ ରାଜଭାର ସିଂହାସନ ॥

ସବୁ ସମର୍ପି ମୋ ଛାମୁରେ । ସେବା କରିବେ ନିରନ୍ତରେ ॥

ଚାରିଦିଗରୁ ରତ୍ନ ଧନ । ଏମନ୍ତ ଠୁଳ ହେବ ଜାଣ ॥

ସୁବର୍ଣ୍ଣ ବେଦି ନିର୍ଭାହେବ । ମାଣିକ୍ୟ ରୁଖା ବସିଥିବ ॥

ଅଷ୍ଟରତନ ବସି ତହିଁ । ବିଚିତ୍ର କର୍ମରେ ନିର୍ଭାଇ ॥

ଏକୌଶ ଭୁବନରେ ଲୋକ । ଏକାନ୍ତ ଠୁଳହେବ ଦେଖ ॥

ସପତଦିନ ସାତରାତ୍ରି । ମହାନିତ୍ୟରେ ଖେଳା ମାତ୍ରି ॥

ସୁବେଶ ହୋଇ ଅଳଙ୍କାର । ଲୋପ ଚନ୍ଦନ କର୍ପୁରର ॥

ପାଟପତନି ପିନ୍ଧିଥିବେ । ନୃତ୍ୟକୁ ଆଗଭର ହେବେ ॥

ଅନନ୍ତ ମଣ୍ଡଳେ ଖଞ୍ଜରି । ବଜାଇ ଗିନି ବାଦ୍ୟଭେରୀ ॥

ଯଦୁବଂଶରେ ବୀରବଂଶୀ । ପତ୍ରକାହାଲୀ ସିଂହାଘୋଷି ॥

ଦେବଲୋକଙ୍କ ବାଦ୍ୟନାଦ । ବାଜିବ ଦୁନ୍ଦୁଭି ଶବଦ ॥

ତାଣ୍ଡବ ନୃତ୍ୟରେ ମର୍ଦ୍ଦଳ । ବାଜେ ଅନେକ ଝାଞ୍ଜତାଳ ॥

ସକଳ ଋଷି ଗଣ ମିଳି । ଶିରରେ ଶତାମୃତ ଢାଳି ॥

ବଢିଲେ ଆମ୍ଭ ଅଭିଷେକ । ଭକ୍ତମୋ ହେବେ ରାଜ ନୃପ ॥

ଲକ୍ଷେରାଜନ ବାହାରିବେ । କଷାବସନ ସେ ଲାଇବେ ॥

ବିଭୁତି ଜଟା କାଛଟାଇ । କୁଙ୍କୁମ କର୍ପୁର ଜଡ଼ାଇ ॥

ସମର୍ପି ଦେବୀ ପଞ୍ଚରାଷ୍ଟ୍ର । ବନ୍ଧାଇ ଯୋଡ଼ି ଯୋଡ଼ି ପାଟ ॥

ଧନବସନ ରତ୍ନମାନ । ଦେବଇଁ ଯେ ମାଳ ଚନ୍ଦନ ॥

ଏତେ ପ୍ରକାରେ ଖେଳହେବା । ଭକ୍ତଙ୍କୁ କରିବଇଁ ବିଭା ॥

ଯାହାର ଯାହି ବଞ୍ଛିଥିବ । ଆମ୍ଭେ ହୋ କରାଇବୁ ଯୋଗ ॥

ସମସ୍ତେ ନୂଆ ନବତନ । ଭକ୍ତେ ମୋ ହେବେ ସନମାନ ॥

ସର୍ବଦା ବସନ୍ତ ବହିବ । ନବୀନ ରୂପେ ପ୍ରକାଶିବ ॥

ସ୍ତିରୀପୁରୁଷ ଏକରୂପ । ସୁନ୍ଦର ଏକକୁ ଆରେକ ॥

ହୋଇବେ ପତିଭକ୍ତା ନାରୀ । ଚାରସ୍ତପାଦେ ସେବାକରି ॥

ଗୁରୁବାନ୍ଧବ ଇଷ୍ଟ ଧର୍ମ । କରିବେ ସେବା ଭକ୍ତିକର୍ମ ॥

ବିହିତକର୍ମେ ଦିନନେବେ । ଗୃହକୁଟୁମ୍ବ ଆବୋରିବେ ॥

ହୋଇବେ ପତି ସଉଭାରୀ । ଦେଖ ସମସ୍ତେ ଲୀଳାଅଙ୍ଗୀ ॥

ବତିଶ ଲକ୍ଷଣେ ଚାଳିବେ । ସତୀସାଧବୀ ସର୍ବେ ହେବେ ॥

ସୁବର୍ଣ୍ଣ ଥଳୀରେ ଭୁଞ୍ଜିବେ । ରତ୍ନ ପଲଙ୍କେ ପହୁଡ଼ିବେ ॥

ଖଟିବେ ଦାସୀ ପରିବାରୀ । ଚାମର ଶ୍ରୀ ଆଜ୍ଞାରେ ଧରି ॥

ଭଜିଲେ ଗୁରୁପଦ ବିନ୍ଦ । ପାଇବେ ରାଣୀ ପଣ ପଦ ॥

ସାଧୁସାଙ୍ଗରେ ଏନବିଇ ଦିନ । ଆତ୍ମାରେ ପ୍ରକାଶିବେ ଜ୍ଞାନ ॥

ଦାରୁ ପ୍ରତିମା ନ ପୁଜିବେ । ଆତ୍ମ ଭାବରେ ଦିନ ନେବେ ॥

କରିବେ ଅନନ୍ତ ମଣ୍ଡଳୀ । ଗୋଷ୍ଟକରିବେ ବହୁ ମିଳି ॥

ନ ଥିବ ହୃଦରେ କପଟ । ଲଭି ଏକାନ୍ତ ଧର୍ମବାଟ ॥

ଅକର୍ମେ କେହି ନ ଚାଳିବେ । ସତ୍ୟା ଧର୍ମ ଦିନନେବେ ॥

କରିବେ ଗୃହ ଧର୍ମମାନ । ସତ୍ୟାଦି ଯୁଗର ଲକ୍ଷଣ ॥

ଶୁଣିଲୁଟିକି ହୋ ଭଗତ । ସତ୍ୟାଢ଼ି ଯୁଗର ଆଗତ ॥

ଗୋବିନ୍ଦ ଉବାଚ

ଭୋ ପ୍ରଭୁ ବ୍ରହ୍ମାଣ୍ଡ ଠାକୁର । ଯାହା କହିଲେ ମୋ ଆଗର ॥

ଅନନ୍ତ କୋଟି ସାଧୁମାନ । ଚୌଷଠି ସିଦ୍ଧ ରଷଗଣ ॥

କେମନ୍ତେ ହେବେ ଏକଠାଇଁ । ଏ କଥା ମୋର ପ୍ରତେ ନାହିଁ ॥

ତୁମ୍ଭେ ମୋ ଗତିପତି ଦାତା । ଅଶେଷ ବ୍ରହ୍ମାଣ୍ଡ କରତା ॥

ନିର୍ଣ୍ଣୟକରି ମୋ ଆଗର । ଶ୍ରୀମୁଖେ କହ ଅଣାକାର ॥

ଅନାଦି ଉବାଚ

ଶୁଣ ଗୋବିନ୍ଦ ମନଦେଇ । ତୋ ଆଗେ ଫେଡ଼ିଦେବା କହି ॥

ଏ ପୃଥ୍ୱି କମ୍ପମାନ ହେବ । ଚଉଦ ଭୁବନ ଥରିବ ॥

ବସୁକି ରଡିଦେବ ଛାଡ଼ି । ଶୂନ୍ୟ ଛାଡିବ ଘଡ଼ଘଡ଼ି ॥

ଏ ଦୃଷ୍ଟ ଅସୁରଙ୍କ ଭୟେ । କମ୍ପିବ ଅଢାଇ ଘଡ଼ିଯାଏ ॥

ଭକ୍ତେ ମୋ ଏକାମ୍ରର ବନେ । ଲୁଚିବେ ଗହନ କାନନେ ॥

ପୃଥ୍ୱି ଉଲୁକାପାତ ହେବ । ଚଉବ ବ୍ରହ୍ମାଣ୍ଡ କମ୍ପିବ ॥

ଶୂନ୍ୟ ପୁରୁଷେ ଡାକଦେବ । ଆଗରେ ଶଙ୍ଖ ବାଜୁଥିବ ॥

ତେତିକିବେଳେ ମୋ ଭଗତ । ମନରେ ହୋଇବେ ସଚେତ ॥

ଆତଙ୍ଗ ମନରେ ଡାକିବେ । ନାମରେ ଶରଣ ପଶିବେ ॥

ଦକ୍ଷିଣଦିଗରୁ ଭକତ । ଆଣିବ ଖର୍ବ ପାଞ୍ଚସାତ ॥

ଉତ୍ତରଦିଗରୁ । ଲେଖାରେ ନବଲକ୍ଷ ହେବେ ॥

ପୂର୍ବଦିଗରୁ ଦଶଲକ୍ଷ । ଏକାନ୍ତଠାରେ ସର୍ବେ ଯୋଖ ॥

ପଶ୍ଚିମ ଭକ୍ତ ଅଗଣିତା । ଅନ୍ତ ନୁହଇ ତାଙ୍କ କଥା ॥

ସମସ୍ତେ ଆତୁର ନ ହୁଅ । ଚିଆକଣ୍ଡକୁ ଟାକିଥାଅ ॥

ଏକୌଶ ଅଙ୍ଗରେ ପ୍ରମାଣ । ଏ କଳି ହଟପଟ  ଜାଣ ॥

ବିହନ ରହିଏବ ଭଗତ । ହୋଇବ ସତ୍ୟାଦି ଜଗତ ॥

ସେ ଗୁରୁ ଶିଷ୍ୟ ପାଦଗତେ । ମୋ ଚିତ୍ତ ରହୁ ଅନୁବ୍ରତେ ॥

ଶ୍ରୀ ଗୁରୁଚରଣେ ଶରଣ । ଭଣେ ପାମର ଭୀମ ହୀନ ॥

କରୁଣାକଲେ ନାରାୟଣ । ଲେଖିଲି ନିର୍ବେଦ ସାଧନ ॥

ଇତି ଶ୍ରୀ ନିର୍ବେଦ ସାଧାନେ ଅନାଦି ଗୋବିନ୍ଦ ସମ୍ବାଦେ ସାରସାର

ବିଚାରଣେ ଗତଆଗତ ବର୍ଣ୍ଣନେ ନାମ ବଂଶୋଧ୍ୟାୟଃ ।

-----------------------------ସମାପ୍ତ--------------------------------